ବର୍ଷ-୫୭ : ସଂଖ୍ୟା-୧୦ ଅକ୍‌ଟୋବର, ୨୦୨୬ ♦ ପନ୍ଦର ଟଙ୍କା।

ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍‌ଟୋବର, ୨୦୨୬

Only Truth	...	ଶ୍ରୀମା	୩
ସିଦ୍ଧିଦିବସର ଶତବାର୍ଷିକୀ	...	...	୪
ପ୍ରାର୍ଥନା	...	ଶ୍ରୀମା	୭
ଶ୍ରୀମାଙ୍କ ବାଣୀ	...	ଶ୍ରୀମା	୮
ମନ୍ତ୍ରମୟୀ ସାବିତ୍ରୀ	...	ଶ୍ରୀଅରବିନ୍ଦ	୯
ଉଚ୍ଚତମ ସତ୍ୟ	...	ଶ୍ରୀମା	୧୦
ନମ୍ରତା	...	ଶେଖ ଅବଦୁଲ କାଶମ	୧୧
ଧ୍ୟାନଧାରଣା ଓ ବିଧିବିଧାନ	...	ମନୋଜ ଦାସ	୧୭
ତୁମେ ଆସ ହେ ନବପ୍ରକାଶ (କବିତା)	...	ଜ୍ୟୋସ୍ନାରାଣୀ ଦାଶ	୧୯
ଆନ୍ତରିକତା (କବିତା)	...	ସୁନାମଣି ରାଉତ	୨୦
ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୯)	...	...	୨୧
ଦେବମୁହୂର୍ତ୍ତ	...	ରାମକୃଷ୍ଣ ଦାସ	୨୪
ମା' ଆପଣ ଏମିତି କହିଛନ୍ତି ... (୧୬)	...	ହୁତା ହିନ୍ଦୋଚା	୨୮
ମୋ ସାଥିରେ ଥିଲେ ତୁମେ (କବିତା)	...	ଗୟାଧର ଦାଶ	୩୦
ଶ୍ରୀଅରବିନ୍ଦ ଓ ମାନବ ସମାଜର କଲ୍ୟାଣ	...	ପ୍ରପତ୍ତି	୩୧
ଦୀକ୍ଷାଦାନ	...	ଶ୍ରୀମା	୩୫
ଧ୍ୟାନ ଓ ପ୍ରାର୍ଥନା – ଏକ ଆମ୍ଲିପିର ଗୀତିକଥା (୧୧୪)	...	ମହେନ୍ଦ୍ରନାଥ ସ୍ୱାଇଁ	୩୯
କାରା-ଜୀବନୀ (୧୯)	...	ଉଲ୍ଲାସକର ଦତ୍ତ	୪୩
ହିନ୍ଦୀ ବନାମ ସଂସ୍କୃତ	...	ପ୍ରସାଦ ତ୍ରିପାଠୀ	୪୬
ବିସ୍ମୟ ଓ ବାସ୍ତବ	...	ମନୋଜ ଦାସ	୪୮
ପ୍ରତୀକ୍ଷା	...	ବନମାଳୀ ଆଚାର୍ଯ୍ୟ	୫୦
ଘଣ୍ଟାରୁ ଗଣିତ ଜ୍ଞାନ	...	ଧର୍ମକୁମାର ଶତପଥୀ	୫୩
ଜୀବନ-ଯୁଦ୍ଧର ମହାବିଦ୍ୟାଳୟ	...	ମନୋଜ ଦାସ	୫୮

❖

Only Truth

ଏକମାତ୍ର ସତ୍ୟ

ଶ୍ରୀମା



ସିଦ୍ଧି ଦିବସର ଶତବାର୍ଷିକୀ

୧୯୨୬ ମସିହା, ନଭେମ୍ବର ମାସ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ବାସକରୁଥିବା କେତେକ ସାଧକ ଆଲୋକ ଓ ଶକ୍ତିର ଏକ ଚାପରେ ସ୍ପନ୍ଦିତ ହେଉଥିବାର ଅନୁଭବ କରିବାକୁ ଆରମ୍ଭ କଲେ । କେତେ ଜଣ ଆଶାତୀତ ଭାବେ ଅନୁଭବ କରୁଥିଲେ ବାତାବରଣରେ ଅପୂର୍ବ ମହକ, ଅଭୂତପୂର୍ବ ପୁଲକ । ଏକ ପ୍ରଗାଢ଼ ଶାନ୍ତି ଓ ତୀବ୍ର ଆନନ୍ଦରେ ଭରା ଉତ୍ସବମୁଖର ପରିବେଶଟିଏ – ଚତୁର୍ଦିଗ ମଧୁର ଧୂପର ମହକରେ ବାସ୍ନାୟିତ ହୋଇଉଠୁଥିଲା ଯେମିତି । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ଅବସରରେ ତତ୍କାଳୀନ ସାଧିକା ଜୟାଦେବୀ (ନନୀବାଳା) ଏହି ଆନନ୍ଦଘନ ପରିବେଶର ରହସ୍ୟ କ'ଣ ବୋଲି ଜିଜ୍ଞାସା କରନ୍ତେ ସ୍ମିତହାସ୍ୟ ସହ ଶ୍ରୀଅରବିନ୍ଦ କହିଲେ, 'ତୁମେ ଏହା ଅନୁଭବ କରି ପାରୁଛ !' ସାମନ୍ୟ ବିରତି ପରେ ପୁନର୍ବାର କହିଲେ, 'ଅପେକ୍ଷା କର ଏବଂ ଦେଖ ଆଗକୁ ଆହୁରି ଆନନ୍ଦ ଆସିବାର ଅଛି ।' ବାସ୍ତବିକ ସେହି ପରମ ଆନନ୍ଦର ମୁହୂର୍ତ୍ତ ଆଉ ବେଶୀ ଦୂର ନଥିଲା ।

ସେହି ବହୁ ପ୍ରତୀକ୍ଷିତ ଦିବସ ଥିଲା ୧୯୨୬ ମସିହାର ନଭେମ୍ବର ୨୪ ତାରିଖ – ପୃଥିବୀର ଆଧ୍ୟାତ୍ମିକ ଇତିହାସରେ ସେ ଏକ ଅଶ୍ରୁତପୂର୍ବ, ମହିମାଦୀପ୍ତ, ଯୁଗାନ୍ତକାରୀ ଦିବସ । ସେଦିନ ସୂର୍ଯ୍ୟାସ୍ତର ପରେ ପରେ ଶ୍ରୀମାଙ୍କର ଆହ୍ୱାନକ୍ରମେ ୨୪ ଜଣ ସାଧକ/ସାଧିକା ଧ୍ୟାନ କରାଯାଉଥିବା ବାରଣ୍ଡାରେ ଆସି ଏକତ୍ରିତ ହେଲେ । ସେ ଏକ ତୀବ୍ର, ସାକାର ନୀରବତାର ପରିବେଶ ।

ଶ୍ରୀମା ଓ ଶ୍ରୀଅରବିନ୍ଦ ବାରଣ୍ଡାରେ ପଦାର୍ପଣ କରି ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନ ଗ୍ରହଣ କଲା ପରେ ସେ ନୀରବତା ଅଧିକ ଗଭୀର, ପ୍ରଗାଢ଼ ଓ ପ୍ରଭାବଶାଳୀ ହୋଇଉଠିଲା । ଯୁଗ୍ମ ଦର୍ଶନର ସେହି ମହିମମୟ ମୁହୂର୍ତ୍ତ ! ଦୀର୍ଘ ପଞ୍ଚଚାଳିଶ ମିନିଟର ସମବେତ ଧ୍ୟାନ ପରେ ସମସ୍ତେ ଜଣ ଜଣ କରି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କଲେ ।

ଅବଶ୍ୟ ସେଇ ଦିନ ଓ ସେ ମୁହୂର୍ତ୍ତ ଦୁଇଟି ମହତ୍ତ୍ୱପୂର୍ଣ୍ଣ ଘଟଣା ପାଇଁ ଚିରକାଳ ସ୍ମରଣୀୟ ହୋଇ ରହିଥିବ : ପ୍ରଥମଟି ଯାହା ଶ୍ରୀଅରବିନ୍ଦଙ୍କ ଉକ୍ତିରେ, ''ଏହା ଥିଲା ଦୈହିକ ଚେତନା ମଧ୍ୟକୁ ଶ୍ରୀକୃଷ୍ଣଙ୍କର ଅବତରଣ ।'' ଶ୍ରୀକୃଷ୍ଣ ହେଉଛନ୍ତି 'ଅଧିମାନସ'ର ଦେବତା, ଦିବ୍ୟ ଆନନ୍ଦର ପ୍ରତୀକ । ନିଜର ଭୌତିକ ଶରୀରରେ ଅଧିମାନସର ଅବତରଣ ପରେ ଶ୍ରୀଅରବିନ୍ଦ ତୀବ୍ର ସାଧନା ପାଇଁ ଅନ୍ତରାଳକୁ ଚାଲିଗଲେ । ଦିବସଟି 'ସିଦ୍ଧି ଦିବସ' ତଥା 'ବିଜୟ ଦିବସ' ଭାବେ ନାମିତ ହେଲା । ଅଜ୍ଞାନ ଓ ନିଶ୍ଚେତନା ଉପରେ ଏହି ବିଜୟ ପୃଥିବୀର ବିବର୍ତ୍ତନ ଇତିହାସରେ ଏକ ନୂତନ ସମ୍ଭାବନାର ସୂତ୍ରପାତ କଲା ।

ତେବେ ସେହିଦିନ ଠାରୁ ସ୍ୱତଃସ୍ଫୂର୍ତ୍ତଭାବେ ସୃଷ୍ଟି ହେଲା 'ଶ୍ରୀଅରବିନ୍ଦ ଆଶ୍ରମ' । ଦିବ୍ୟ ଜନନୀ ହେଲେ ତା'ର ସର୍ବମୟ କର୍ତ୍ତ୍ରୀ, ତତ୍ତ୍ୱାବଧାରିକା ଓ ପରିଚାଳିକା । ସଂକ୍ଷେପରେ କହିଲେ, ଦିବ୍ୟ ଯୋଜନା ଅନୁଯାୟୀ ମାନବର ଊର୍ଦ୍ଧ୍ୱତର ବିବର୍ତ୍ତନର ପ୍ରସ୍ତୁତି ପାଇଁ ସୃଷ୍ଟି ହେଲା ଏକ ଗବେଷଣାଗାର, ନବସୃଷ୍ଟିର ଲାଳନ ଦୋଳା ।

ଉଲ୍ଲେଖ ଥାଉକି, ଚଳିତ ବର୍ଷ 'ସିଦ୍ଧି ଦିବସ'ର ଶତବାର୍ଷିକୀ ପାଳନ ସହ 'ଶ୍ରୀଅରବିନ୍ଦ ଆଶ୍ରମ'ର ଜନ୍ମ ଶତବାର୍ଷିକୀ ମଧ୍ୟ ପାଳନ କରାଯାଉଛି ।

ସମୟ କ୍ରମେ 'ଶ୍ରୀଅରବିନ୍ଦ ଆଶ୍ରମ'ରେ ଅନ୍ତେବାସୀମାନଙ୍କୁ ଯୋଗଯୁକ୍ତ ହୋଇ କର୍ମ କରିବାର ସୁଯୋଗ ଯୋଗାଇ ଦେବା ପାଇଁ ସୃଷ୍ଟି ହେଲା ଅନେକ ବିଭାଗ – ଏହି ବିଭାଗୀୟ କାର୍ଯ୍ୟ ଆଶ୍ରମକୁ ଆତ୍ମନିର୍ଭରଶୀଳ ହେବାକୁ ସହାୟତା କରିବା ସହିତ ଜୀବନକୁ ସମର୍ପିତ ଭାଗବତ ଦିବ୍ୟ ଜୀବନରେ ପରିଣତ କରିବାକୁ ପଥ ପ୍ରସ୍ତୁତ କଲା ।

ଏଥିସହ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦ୍ୱାରା ସୃଜିତ ଓ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗର ତତ୍ତ୍ୱାବଳୀ ବିଭିନ୍ନ ପ୍ରାଦେଶିକ ଭାଷା ମାଧ୍ୟମରେ ଭକ୍ତମାନଙ୍କ ପାଇଁ ସହଜଲଭ୍ୟ ହେବା ଉଦ୍ଦେଶ୍ୟରେ ପ୍ରକାଶିତ ହେଲା ସଂଖ୍ୟାଧିକ ପତ୍ରପତ୍ରିକା । ଏହି ପରିପ୍ରେକ୍ଷୀରେ ସୂଚନା ଯୋଗ୍ୟ ଯେ ୧୯୭୦ ମସିହା ଅକ୍ଟୋବର ମାସରେ ଦିବ୍ୟ ଜନନୀଙ୍କ ଆଶିଷପ୍ରାପ୍ତ ହୋଇ ଆତ୍ମ-ପ୍ରକାଶ କରିଥିଲା ଛାତ୍ର ଓ ଯୁବ-ସମାଜର ମାସିକ ମୁଖପତ୍ର ''ନବପ୍ରକାଶ'' ।

'ନବପ୍ରକାଶ' ଲାଗି ଦିବ୍ୟଜନନୀଙ୍କର ସ୍ୱହସ୍ତ ଲିଖିତ ଅସୀମ କୃପାସିକ୍ତ ବାଣୀଟି ହେଲା : "Only Truth" ଅର୍ଥାତ୍, **''ଏକମାତ୍ର ସତ୍ୟ** ।'' ଏହି ପତ୍ରିକାର ଏକମାତ୍ର ଲକ୍ଷ୍ୟ ପୃଥିବୀ-ପୃଷ୍ଠରେ ଶ୍ରୀମାଶ୍ରୀଅରବିନ୍ଦ ଉତ୍ତାରି ଆଣିଥିବା ନୂତନ ସତ୍ୟର ଅଭିବ୍ୟକ୍ତି ନିମନ୍ତେ କାର୍ଯ୍ୟ କରିବା । ଦିବ୍ୟ ଜନନୀଙ୍କର ଏହି ମହାନ୍ ପ୍ରତ୍ୟାଶା ପ୍ରତି ଆମେ ଯେପରି ଆମର ସମଗ୍ର ସତ୍ତାରେ ବିଶ୍ୱସ୍ତ ରହୁ; 'ନବପ୍ରକାଶ'ର ୫୬ତମ ଶୁଭ ଜନ୍ମଦିନର ପୂର୍ତ୍ତି ଅବସରରେ – ତାଙ୍କର ଶ୍ରୀପାଦପଦ୍ମରେ ଆମର ଏହା ହିଁ ପ୍ରାର୍ଥନା । ❑

ପ୍ରାର୍ଥନା

ମୋ ସତ୍ତାର ଅର୍ଘ୍ୟ ନିୟତ ନବତର ଏବଂ ଅଧିକରୁ ଅଧିକ ସର୍ବାଙ୍ଗୀଣ ଭାବେ **ପରମ ସତ୍ୟ** ସମ୍ମୁଖରେ ହେଉ ପରିବେଷିତ – ଯିଏ **ଅଚିନ୍ତନୀୟ**, ରୂପାୟନାତୀତ, କିନ୍ତୁ ଯିଏ କାଳ ପ୍ରବାହରେ ଅବିରତ ଅଧିକରୁ ଅଧିକ ପରିପୂର୍ଣ୍ଣ ଏବଂ ନିଖୁଣ ଆବିର୍ଭାବ ଭାବରେ ଅଭିବ୍ୟକ୍ତ ହୋଇ ଚାଲିଛନ୍ତି । ହେ ସେହି ନାମାତୀତ, ଯାହାଙ୍କ ସଂକଳ୍ପ ସମ୍ପର୍କରେ ମୁଁ ଅବହିତ ହେଉଛି ପରମ ନିରବତା ଏବଂ ପରିପୂର୍ଣ୍ଣ ସମର୍ପଣ ଭିତରେ, ମୋତେ ଏ ସମଗ୍ର ଧରିତ୍ରୀର ପ୍ରତିନିଧି ହେବାକୁ ଦିଅ, ଯାହାଫଳରେ ମୋ ଚେତନା ସହ ଏକୀଭୂତ ହୋଇ ତାହା ତୁମ ପାଖରେ କରିପାରିବ ନିଃଶେଷ ଆତ୍ମଦାନ ।

ତୁମେହିଁ ପରିପୂର୍ଣ୍ଣ ଶାନ୍ତି ଏବଂ ଅପରୂପ ସିଦ୍ଧି । ତୁମେହିଁ ଏ ସାମଗ୍ରିକ ବିଶ୍ୱବ୍ରହ୍ମାଣ୍ଡ, ଧ୍ରୁବ, କାଳାତୀତ ତଥା କାଳ ଓ ସ୍ଥାନର ଚେତନା ଭିତରେ ଯାହା ଅଧିକରୁ ଅଧିକ ପ୍ରକଟିତ ହେବାକୁ ଚାହେଁ । ଅନନ୍ତ ନିସ୍ତବ୍ଧତା ନିହିତ ସମସ୍ତକିଛିହିଁ ତୁମେ ଏବଂ ତୁମେହିଁ ସବୁ ସମ୍ଭାବନା ଦିଗରେ ଆଶା ... ପ୍ରଭୁ ! ଏ ପୃଥିବୀକୁ ପ୍ରଦାନକର ତୁମର ଅବିଶ୍ୱସ୍ୟ ବରାଶିଷ ।

ଶାନ୍ତି, ଶାନ୍ତି ବିରାଜିତ ହେଉ ସମଗ୍ର ପୃଥିବୀ ଉପରେ !

ଅକ୍‌ଟୋବର ୧୦, ୧୯୧୪ – ଶ୍ରୀମା



ଶ୍ରୀମାଙ୍କ ବାଣୀ

The Ashram is meant for those who want to consecrate their lives to the Divine. – The Mother

June, 1971 (CWM, Vol. 13, p. 113)

ଭଗବାନଙ୍କୁ ଯେଉଁମାନେ ନିଜର ଜୀବନକୁ ଉତ୍ସର୍ଗ କରିବା ସକାଶେ ଇଚ୍ଛା କରୁଛନ୍ତି, ଏହି ଆଶ୍ରମ ସେହିମାନଙ୍କ ଲାଗି ଉଦ୍ଦିଷ୍ଟ । – ଶ୍ରୀମା

ଜୁନ୍, ୧୯୭୧

*

We are not here to make our life easy and comfortable; we are here to find the Divine, to become the Divine, to manifest the Divine.

What happens to us is the Divine's business, it is not our concern.

The Divine knows better than we do what is good for the progress of the world and of ourselves. – The Mother

19 August, 1967 (CWM, Vol. 13, p. 128)

ନିଜର ଜୀବନକୁ ସହଜ ଓ ଆରାମଦାୟକ କରିବାକୁ ଆମେ ଏଠାରେ ରହି ନାହୁଁ; ଆମେ ଏଠାରେ ଭଗବାନଙ୍କୁ ଅନ୍ୱେଷଣ କରିବା ପାଇଁ ରହିଛୁ, ଭଗବାନ୍ ହେବାକୁ ଏବଂ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ପାଇଁହିଁ ରହିଛୁ ।

ଆମ ଜୀବନରେ କ'ଣ ଘଟିବ ତାହା ଭଗବାନଙ୍କ ବ୍ୟାପାର, ତାହା ଆମର ଚିନ୍ତାର ବିଷୟ ନୁହେଁ ।

ଜଗତର ତଥା ଆମ ନିଜର ପ୍ରଗତି ଲାଗି କ'ଣ ଅନୁକୂଳ, ସେକଥା ଆମ ଅପେକ୍ଷା ଭଗବାନହିଁ ଅଧିକ ଭଲ ଭାବରେ ଜାଣନ୍ତି । – ଶ୍ରୀମା

୧୯ ଅଗଷ୍ଟ, ୧୯୬୭



ମନ୍ତ୍ରମୟୀ ସାବିତ୍ରୀ

ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୁଚ୍ଚୟ

(The Heavens of the Ideal)

(୮)

ଶ୍ରୀଅରବିନ୍ଦ

A glorious shining Angel of the Way
Presented to the seeking of the soul
The sweetness and the might of an idea,
Each deemed Truth's intimate fount and
summit force,
The heart of the meaning of the universe,
Perfection's key, passport to Paradise.

ସେହି ମହାପଥର ଏକ ମହିମାନ୍ୱିତ ଜ୍ୟୋତିର୍ମୟ ଦେବଦୂତ ଅନ୍ତରାତ୍ମାର ଅନ୍ୱେଷଣକୁ ଉପହାର ସ୍ୱରୂପ ପ୍ରଦାନ କଲେ ଏକ ବିଭାବନାର ମାଧୁର୍ଯ୍ୟ ଓ ବିକ୍ରମ, ପ୍ରତିଟି ବିବେଚିତ ସତ୍ୟର ଅନ୍ତରଙ୍ଗ ଉତ୍ସ ଏବଂ ଶିଖର ଶୌର୍ଯ୍ୟ, ବିଶ୍ୱବ୍ରହ୍ମାଣ୍ଡର ମର୍ମଗତ ଅର୍ଥ, ପୂର୍ଣ୍ଣତାର ଚାବିକାଠି ତଥା ସ୍ୱର୍ଗରାଜ୍ୟରେ ପ୍ରବେଶାନୁମତି ।

Yet were there regions where these
absolutes met
And made a circle of bliss with married hands;
Light stood embraced by light, fire wedded fire,
But none in the other would his body lose
To find his soul in the world's single Soul,
A multiplied rapture of infinity.

ତଥାପି ଏପରି ମୁଲକମାନ ଥିଲେ ଯେଉଁଠି ନିରଙ୍କୁଶ ଶକ୍ତିରାଜି ସମ୍ମିଳିତ ହୋଇଥିଲେ ଏବଂ ପରିଣୟବଦ୍ଧ ହସ୍ତସକଳ ଦ୍ୱାରା ରଚନା କରିଥିଲେ ଆନନ୍ଦର ମଣ୍ଡଳ; ଆଲୋକ ସେଠାରେ ଆଲୋକ ଦ୍ୱାରା ଆଶ୍ଳେଷବିଜଡ଼ିତ ହୋଇ ଦଣ୍ଡାୟମାନ ରହିଥିଲା, ଅଗ୍ନି ସହିତ ସଂଘଟିତ ହୋଇଥିଲା ଅଗ୍ନିର ପରିଣୟ, କିନ୍ତୁ ଜଗତର ଏକହିଁ ଆତ୍ମାରେ ନିଜର ଅନ୍ତରାତ୍ମାକୁ ଆବିଷ୍କାର କରିବା ଲାଗି, ଆନନ୍ତ୍ୟର ଉଲ୍ଲାସ ଲାଭ ଲାଗି, କେହି କାହା ଭିତରେ ଆପଣାର ଶରୀରକୁ ହଜାଇ ଦେଇ ନଥିଲେ ।

Onward he passed to a diviner sphere:
There, joined in a common greatness,
light and bliss,
All high and beautiful and desirable powers
Forgetting their difference and
their separate reign
Become a single multitudinous whole.

ଆହୁରି ଆଗକୁ ଯାଇ ସେ (ଅଶ୍ୱପତି) ଏକ ଦିବ୍ୟତର ଭୁବନମଣ୍ଡଳରେ ଉପନୀତ ହେଲେ : ସେଠାରେ ଏକ ସର୍ବଗତ ସାଧାରଣ ମହତ୍ତ୍ୱରେ ସମ୍ମିଳିତ ହୋଇଥିଲେ ଆଲୋକ ଓ ଆନନ୍ଦ, ସମସ୍ତ ସମୁଚ୍ଚ ଓ ସୁନ୍ଦର ତଥା ବାଞ୍ଛନୀୟ ଶକ୍ତିରାଜି ସେମାନଙ୍କର ବୈଷମ୍ୟ ଓ ସ୍ୱତନ୍ତ୍ର ରାଜତ୍ୱକୁ ଭୁଲିଯାଇ ସେଠାରେ ହୋଇଉଠନ୍ତି ଏକ ବହୁବିଧ ସମଗ୍ରତା ।

Above the parting of the roads of Time,
Above the Silence and its thousandfold Word,
In the immutable and inviolate Truth
For ever united and inseparable,
The radiant children of Eternity dwell
On the wide spirit height where all are one.

କାଳର ଭିନ୍ନମୁଖୀ ପଥଚୟର ଊର୍ଦ୍ଧ୍ୱରେ, ନୈଃଶବ୍ଦ୍ୟ ଓ ତାହାର ସହସ୍ରବିଧ ଶବ୍ଦରୂପର ଊର୍ଦ୍ଧ୍ୱରେ ଏକ ଅକ୍ଷର ଓ ଅଲଂଘ୍ୟ ମହାସତ୍ୟ ମଧ୍ୟରେ ଚିରକାଳ ପାଇଁ ଏକାତ୍ମ ଓ ଅଭିନ୍ନ, ଶାଶ୍ୱତର ସମୁଜ୍ଜ୍ୱଳ ସନ୍ତାନବୃନ୍ଦ ବାସ କରନ୍ତି ବ୍ୟାପକ ଚୈତନ୍ୟର ତୁଙ୍ଗିମାରେ ଯେଉଁଠାରେ ସବୁକିଛିହିଁ ଏକ ।

(ଦ୍ୱାଦଶ ସର୍ଗ ସମାପ୍ତ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

ଉଚ୍ଚତମ ସତ୍ୟ

ଶ୍ରୀମା

ତୁମକୁ ବାଛିନେବାକୁ ହେବ

ତୁମକୁ ନିଶ୍ଚିତ ରୂପେ ବାଛିନେବାକୁ ପଡ଼ିବ; ''ସେହିଭଳି ଶକ୍ତି'' ବୋଲି ଏପରି କିଛି ନାହିଁ – ଯାହାକି ତୁମ ପାଇଁ ବାଛିଦେବ । ଏପରି କିଛି ଅକସ୍ମାତ୍ ମୁହୂର୍ତ୍ତ ନାହିଁ କିଂବା ଭାଗ୍ୟ କି ନିୟତି ନାହିଁ ଯାହା ତୁମ ପାଇଁ ବାଛିଦେବ – ଏହା ସତ୍ୟ ନୁହେଁ । ତୁମର ସଂକଳ୍ପ ବା ଇଚ୍ଛା ସ୍ୱାଧୀନ, ତୁମକୁ ଜାଣିଶୁଣି ଏ ସ୍ୱାଧୀନତା ଦିଆଯାଇଛି ଏବଂ ତୁମକୁହିଁ ତୁମ ପାଇଁ ବାଛି ନେବାକୁ ହେବ । ତୁମେ **ଆଲୋକ** ଦେଖିବ କି ନାହିଁ, ତୁମେ **ସତ୍ୟ**ର ସେବା କରିବ କି ନାହିଁ – ତାହା ତୁମକୁହିଁ ସିଦ୍ଧାନ୍ତ ନେବାକୁ ପଡ଼ିବ । କିଂବା ତୁମେ ଏଥିପାଇଁ ଆତ୍ମହତ୍ୟା କରିବ କି ନାହିଁ – ତାହା ତୁମରି ଦାୟିତ୍ୱ – ତାହା ତୁମକୁହିଁ ଠିକ୍ କରିବାକୁ ହେବ । ଏବଂ ଏପରିକି ତୁମକୁ ଯେତେବେଳେ କୁହାଯାଏ ଯେ, ''ପୂର୍ଣ୍ଣଭାବେ ନିଜକୁ ସମର୍ପଣ କର ଏବଂ ତୁମ ପାଇଁ ଯାହା କରାଯିବାର କଥା କରାଯିବ''– ଏକଥା ସଂପୂର୍ଣ୍ଣ ଠିକ୍, କିନ୍ତୁ ତୁମର ସମର୍ପଣଟି ଯେପରି ସଂପୂର୍ଣ୍ଣ ଓ ସାମଗ୍ରିକ ହୁଏ, ତୁମେ ଯେପରି ପ୍ରତିଦିନ ଓ ପ୍ରତି ମୁହୂର୍ତ୍ତରେ ସମର୍ପଣ କରିପାରିବ, ସେକଥା ତୁମକୁହିଁ ଠିକ୍ କରିବାକୁ ପଡ଼ିବ, ତୁମକୁହିଁ ତୁମର ସମର୍ପଣକୁ ସଂପୂର୍ଣ୍ଣ ଓ ସାମଗ୍ରିକ କରିବାକୁ ପଡ଼ିବ, ଆଉ କେହି ତୁମ ପାଇଁ କରିବେ ନାହିଁ କିଂବା ତାହା ଛାଏଁ ଛାଏଁ ହୋଇଯିବ ନାହିଁ । ତୁମକୁ ଏହା କରିବା ପାଇଁ ଇଚ୍ଛା କରିବାକୁ ପଡ଼ିବ । ଯେତେବେଳେ ତାହା ସଂପନ୍ନ ହୋଇଯାଏ, ସବୁ ତେଣିକି ଠିକ୍ ଚାଲେ, ତୁମର ଯେତେବେଳେ **ଜ୍ଞାନ** ଜାତ ହୁଏ, ସେତେବେଳେ ବି ସବୁ ଠିକ୍ ଚାଲେ, ଏବଂ ତୁମେ ଯେତେବେଳେ ଈଶ୍ୱରଙ୍କ ସହିତ ଏକାତ୍ମ ହୋଇଯାଅ, ସେତେବେଳେ ସବୁକଥା ସବୁଠାରୁ ଅଧିକ ଭଲ ଭାବରେ ଚାଲେ । କିନ୍ତୁ ସେପର୍ଯ୍ୟନ୍ତ ତୁମକୁହିଁ ଇଚ୍ଛା କରିବାକୁ ହେବ, ବାଛିନେବାକୁ ହେବ ଓ ସିଦ୍ଧାନ୍ତ ନେବାକୁ ହେବ । ଅଳସୁଆଙ୍କ ଭଳି ଏମିତି କହି ଶୋଇପଡ଼ ନାହିଁ, ''ଓଃ ! ମୋ ପାଇଁ କାର୍ଯ୍ୟଟି କରାହୋଇଯିବ, ମୋର କିଛି କରିବାକୁ ନାହିଁ କିନ୍ତୁ ମୋତେ ସ୍ରୋତ ସହିତ ଭାସି ଯିବାକୁ ଦିଅ ।''

କେବଳ ଉଚ୍ଚତମ ସତ୍ୟକୁ ପ୍ରକାଶ କର

ସତ୍ୟରେ କାର୍ଯ୍ୟ କରିବା ପାଇଁ ମାତ୍ର ଗୋଟିଏ ବାଟ ରହିଛି, ତାହାହେଲା – ପ୍ରତିଟି ମୁହୂର୍ତ୍ତରେ, ପ୍ରତିଟି ସେକେଣ୍ଡରେ, ତୁମର ପ୍ରତିଟି ଗତିବୃତ୍ତିରେ ତୁମେ ଜାଣିପାରୁଥିବା ସର୍ବୋଚ୍ଚ ସତ୍ୟଟିକୁ ପ୍ରକାଶ କରିବ ଏବଂ ତା' ସହିତ ଏତକ ମଧ୍ୟ ଜାଣିରଖିବ ଯେ, ତୁମର ଏଇ ମୁହୂର୍ତ୍ତର ସତ୍ୟଦୃଷ୍ଟି ଗତିଶୀଳ ହେବା ଉଚିତ । କାରଣ, ବର୍ତ୍ତମାନ ତୁମକୁ ଯାହା ସର୍ବୋଚ୍ଚ ସତ୍ୟ ବୋଲି ମନେହେଉଛି, ତାହା ଆସନ୍ତାକାଲି ସେଇଆ ନ ହୋଇପାରେ । ଏବଂ ତୁମେ ଏହା ମଧ୍ୟ ବୁଝିବ ଯେ, ଉଚ୍ଚତର ସତ୍ୟ ଅଧିକରୁ ଅଧିକତର ଭାବେ ତୁମରି ମାଧ୍ୟମରେହିଁ ପ୍ରକାଶ ପାଇବ । ତେଣୁ ଏକ **ତାମସିକ ନିଦ୍ରାରେ ନିଶ୍ଚିନ୍ତଭାବେ ଶୋଇ ପଡ଼ିବାକୁ** ତୁମର ଆଉ ଚାରା ନାହିଁ; **ତୁମକୁ ସର୍ବଦା ଜାଗ୍ରତ୍ ରହିବାକୁ ପଡ଼ିବ – ମୁଁ ଅବଶ୍ୟ ତୁମକୁ ଶାରୀରିକ ନିଦ୍ରା କଥା କହୁ ନାହିଁ – ତୁମକୁ ସର୍ବଦା ଜାଗ୍ରତ୍ ରହିବାକୁ ପଡ଼ିବ – ସର୍ବଦା ସଚେତ** ରହିବାକୁ ପଡ଼ିବ । ଏବଂ ସବୁବେଳେ ତୁମ ଭିତରେ ଏକ ଜ୍ଞାନାଲୋକିତ ଗ୍ରହଣଶୀଳତା ଓ ସଦିଚ୍ଛା ମଧ୍ୟ ଜାଗ୍ରତ୍ ରହିଥିବ । ସବୁବେଳେ ଯାହା ସର୍ବୋତ୍ତମ ତାହାକୁହିଁ ଇଚ୍ଛା କରିବ, ସବୁଠାରୁ ଯାହା ଉତ୍ତମ, ଯାହା ସବୁଠାରୁ ଉଚ୍ଚ, ତାକୁହିଁ ବାଞ୍ଛା କରିବ । କେବେ ବି ଯେପରି ନିଜକୁ ନ କୁହ, ''**ଆଃ ! ମୁଁ ବଡ଼ କ୍ଲାନ୍ତ ହୋଇ ଗଲିଣି !** ଏଥର ମୁଁ ବିଶ୍ରାମ କରିବି, ଟିକିଏ ନିଜକୁ ହୁଗୁଳା କରିବି ! ଆଃ ! ମୁଁ ଆଉ କୌଣସି ପରିଶ୍ରମ କରିପାରିବି ନାହିଁ''; ଏପରି ଯଦି ଜଣେ ଭାବିବାକୁ ଆରମ୍ଭ କରିବ, ତେବେ ସେ ନିଶ୍ଚୟ ଖୁବ୍ ଶୀଘ୍ର ଖାତ ଭିତରେ ପଡ଼ିବ ଏବଂ ଏକ ନିର୍ବୋଧ ପ୍ରମାଦ କରି ବସିବ ! ...

ପ୍ରତି ମୁହୂର୍ତ୍ତରେ ତୁମେ ଯେତେଦୂର ଦେଖିପାରୁଛ, ସେହି ସର୍ବୋତ୍ତମ ସତ୍ୟଟିକୁ ପ୍ରକାଶ କରିବାକୁ ଚେଷ୍ଟା କର । ଏହା ଖୁବ୍ କଷ୍ଟକର, କିନ୍ତୁ ଏହାହିଁ ଏକମାତ୍ର ସମାଧାନ ।

(The Great Adventure
A Diary for All Times ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

ନମ୍ରତା

ଶେଖ ଅବଦୁଲ କାଶମ

ମନୁଷ୍ୟର ମନ ସାଧାରଣତଃ ନିଜକୁ ସର୍ବଜ୍ଞ ମନେ କରୁଥାଏ । ତାହା ସକଳ ବିଷୟରେ ନିଜର ବୋଧ ସାମର୍ଥ୍ୟକୁ ଅତିରଞ୍ଜିତ କରୁଥାଏ, ସବୁ କଥାରେ ନିଜର ବିଚାର ଓ ନିଷ୍ପତ୍ତିକୁ ଅକାଟ୍ୟ, ସର୍ବମାନ୍ୟ ଓ ଧ୍ରୁବନିଶ୍ଚିତ ବୋଲି ଭାବୁଥାଏ । ନିଜର କ୍ରିୟାବଳିକୁ ସର୍ବଦା ଯଥାର୍ଥ ବୋଲି ସାବ୍ୟସ୍ତ କରିବାରେ ମନୁଷ୍ୟ ସାଂଘାତିକ ଭାବେ ଅଭ୍ୟସ୍ତ ହୋଇ ରହିଥାଏ । ଯଦି ସେ କୌଣସି ଏକ ଆଦର୍ଶକୁ ଗ୍ରହଣ କରିଥାଏ, ତାହା ଯେ ସବୁଠୁ ଉଚ୍ଚ ଓ ମହାନ୍ ଏହା ସମସ୍ତଙ୍କ ପାଖରେ ସେ ଜୋର୍ କରି ପ୍ରକାଶ କରିବାକୁ ଚାହେଁ ଏବଂ ଯଦି କେହି ତା'ର ବିରୋଧ କରେ ସେ ଅସହିଷ୍ଣୁ ଓ ହିଂସ୍ର ହୋଇଉଠେ । ନିଜର ଆଦର୍ଶ ଓ ବିଶ୍ୱାସକୁ ନେଇ ସେ ଅତ୍ୟନ୍ତ ଭାବପ୍ରବଣ, ଗର୍ବିତ ଓ ଜିଦ୍‌ଖୋର ହୋଇ ରହିଥାଏ । ଆମେ ସମାଜରେ ଅନେକ ପ୍ରକାରର ମତାନ୍ଧ, ଧର୍ମାନ୍ଧ ଓ ବୃଥା ଆସ୍ଫାଳନକାରୀ ବ୍ୟକ୍ତିଙ୍କୁ ଦେଖୁ, ଯେଉଁମାନେ ସମସ୍ତ ପ୍ରକାର ଅଶାନ୍ତି, ଅସଙ୍ଗତି ଓ ବିଶୃଙ୍ଖଳାର କାରଣ ହୋଇଥା'ନ୍ତି । ବାଣୀ ଓ ବ୍ୟବହାରରେ ଶାଳୀନତା ଓ ନମ୍ରତାର ଅଭାବ ଅନେକ କ୍ଷେତ୍ରରେ ବହୁ ବିଭ୍ରାଟ ସୃଷ୍ଟି କରିଥାଏ । ସୁତରାଂ ସାମାଜିକ ଜୀବନରେ ନମ୍ରତାର ଯେ ଏକ ପ୍ରମୁଖ ଆବଶ୍ୟକତା ରହିଛି ଏହା ଅସ୍ୱୀକାର କରାଯାଇ ନପାରେ ।

ନମ୍ରତା ଗୁଣର ବ୍ୟାଖ୍ୟା କରିବାକୁ ଯାଇ ଶ୍ରୀମା କହନ୍ତି –

"To be humble means for the mind, the vital and the body never to forget that *without the Divine* they know nothing, are nothing and can do nothing; without the Divine they are nothing but ignorance, chaos and impotence. The Divine alone is Truth, Life, Power, Love, Felicity."

(CWM, Vol. 14, p. 152)

ଅର୍ଥାତ୍, ''ବିନୀତ ହେବାର ଅର୍ଥ ହେଉଛି ଯେ ଆମର ମନ, ପ୍ରାଣିକ ସତ୍ତା ଏବଂ ଦେହ କଦାପି ଏହି କଥାଟିକୁ ଭୁଲିଯିବେ ନାହିଁ ଯେ *ଦିବ୍ୟ ପରମ ସତ୍ତାଙ୍କୁ ବାଦ୍ ଦେଇ* ସେମାନେ ପ୍ରକୃତରେ କିଛି ଜାଣି ନାହାନ୍ତି, କିଛି ନୁହନ୍ତି ଓ କିଛି ହେଲେ କରିବାକୁ ସେମାନଙ୍କର ସାମର୍ଥ୍ୟ ନାହିଁ । ଦିବ୍ୟ ପରମ ସତ୍ତାଙ୍କୁ ବାଦ୍ ଦେଲେ ସେମାନେ କେବଳ ଅଜ୍ଞାନ, ଅରାଜକତା ଏବଂ ଶକ୍ତିହୀନତା ବ୍ୟତୀତ ଆଉ କିଛି ହେଲେ ନୁହନ୍ତି । କେବଳ ଦିବ୍ୟ ପରମ ସତ୍ତାହିଁ **ସତ୍ୟ, ଜୀବନ, ଶକ୍ତି, ପ୍ରେମ ଓ ଆନନ୍ଦ** ।''

(ମାତୃବାଣୀ, ଚତୁର୍ଦଶ ଖଣ୍ଡ, ପୃଷ୍ଠା : ୨୦୦)

ପ୍ରକୃତରେ ଆମର ମନ, ପ୍ରାଣସତ୍ତା ଓ ଦେହ ଏହି କଥା ଶିକ୍ଷା କରିବା ଉଚିତ ଯେ ସେମାନେ ଭଗବାନଙ୍କୁ ବୁଝିବାକୁ ବା ବିଚାର କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ଭଗବାନଙ୍କ ମୂଳ ସ୍ୱରୂପ, ତାଙ୍କର କାର୍ଯ୍ୟଧାରା ଓ ଅଭିବ୍ୟକ୍ତିକୁ ବୁଝି ପାରିବାର ସାମର୍ଥ୍ୟ ମନୁଷ୍ୟର ନାହିଁ । ସୁତରାଂ ପାର୍ଥିବ ଘଟଣାବଳିକୁ ଦେଖି ଅବିଚଳିତ ହୋଇ ରହିବା ତଥା ନମ୍ରତାପୂର୍ଣ୍ଣ ଶାନ୍ତ ଭାବ ପୋଷଣ କରିବା ସର୍ବାଦୌ ସମୀଚୀନ । ବ୍ୟକ୍ତି ଭିତରେ ଯଦି ଯଥାର୍ଥ ନମ୍ରତା ରହିଛି ତାହାହେଲେ ସେ ବିରୋଧୀ ଶକ୍ତିଙ୍କ ଆକ୍ରମଣରୁ ସୁରକ୍ଷା ଲାଭ କରିବ ଏବଂ ବାହ୍ୟ ପରିସ୍ଥିତିର କଷ୍ଟକର ଚାପରୁ ମଧ୍ୟ ମୁକ୍ତ ହୋଇ ପାରିବ ।

ବିନମ୍ରତା ହେଉଛି ସକଳ ସିଦ୍ଧିର ମୂଳ ସର୍ତ୍ତ । ସାଧନାର ସକଳ ପର୍ଯ୍ୟାୟରେ ବିନମ୍ରତା ଆମକୁ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆମର ଶକ୍ତି ବୃଦ୍ଧି କରିଥାଏ । ଆମର ବ୍ୟକ୍ତିଗତ ଗୁଣ, ସାମର୍ଥ୍ୟ ଓ ପ୍ରତିଭା ଯେତେ ମହାନ୍ ହେଲେ ମଧ୍ୟ ଯଦି ଆମ ଭିତରେ ବିନ୍ରମତା ନାହିଁ, ତାହାହେଲେ ପ୍ରକୃତ ସିଦ୍ଧି ଆମକୁ ପ୍ରାପ୍ତ ହେବ ନାହିଁ । ବିନମ୍ରତା ଆମର ଅହଂର ବିଲୋପ ସାଧନରେ ସହାୟକ ହୋଇପାରେ । ଆମେ କେବେ ବି ନିଜକୁ ବଡ଼ ବା ଛୋଟ, ମହତ୍ତ୍ୱପୂର୍ଣ୍ଣ ବା ମହତ୍ତ୍ୱହୀନ ବୋଲି ଭାବିବା ଉଚିତ ନୁହେଁ । କାରଣ ଆମେ ନିଜେ କିଛି ବି ନୋହୁଁ । ଭଗବାନଙ୍କ କୃପା ଓ ସହାୟତା ବିନା ଆମେ କୌଣସି ବି ଅଭିଳଷିତ କାର୍ଯ୍ୟ କରିବାକୁ ସମର୍ଥ ହେବା ନାହିଁ । ଆମେ ଯାହା ହେବା ଲାଗି ଭଗବାନ୍ ଇଚ୍ଛା କରିଛନ୍ତି, ଆମେ ତାହାହିଁ ହେବା ଲାଗି ଇଚ୍ଛା କରିବା ତଥା ସେ ଦିଗରେ ପ୍ରୟାସଶୀଳ ହେବା । ଆମେ ଇତିହାସକୁ ଅନୁସନ୍ଧାନ କଲେ ଜାଣି ପାରିବା ଯେ

ପୃଥିବୀରେ ଯେଉଁମାନେ ମହାନ୍ ବ୍ୟକ୍ତି ରୂପେ ଆଦୃତ ଓ ସମ୍ମାନିତ ହୋଇଛନ୍ତି ସେମାନେ ସମସ୍ତେ ଥିଲେ ଅତ୍ୟନ୍ତ ସରଳ, ନିଷ୍କପଟ ଓ ଶାଳୀନ । ସେମାନେ ଆତ୍ମପ୍ରଦର୍ଶନରେ ବିଶ୍ୱାସୀ ନଥିଲେ, ବଡ଼ିମା ପ୍ରକାଶ କରିବାର ଚେଷ୍ଟା କରି ନଥିଲେ । ବିନମ୍ର ବ୍ୟକ୍ତି କଦାପି ନିଜ ଆଡ଼କୁ କାହାର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ନାହିଁ । ସେ ସର୍ବଦା ନିଜକୁ ଅଧିକରୁ ଅଧିକ ଶୁଦ୍ଧ ଓ ସରଳ କରିବାକୁ ଚେଷ୍ଟା କରେ । ସେ କୌଣସି ଅଗ୍ରଗତି ବା ସିଦ୍ଧିରେ ସନ୍ତୁଷ୍ଟ ହୋଇ ରହିଯାଏ ନାହିଁ କିଂବା ଗର୍ବ ଅନୁଭବ କରେ ନାହିଁ । ସେ ସର୍ବଦା ଅଧିକରୁ ଅଧିକ ଅଗ୍ରଗତି କରିବା ପାଇଁ, ବୃହତ୍‌ରୁ ବୃହତ୍ତର ସିଦ୍ଧି ଲାଭ କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିଚାଲେ । ସେ କାହାଠାରୁ ପ୍ରଶଂସା ବା ପୁରସ୍କାର ଲାଭ କରିବାକୁ ଆକାଂକ୍ଷା କରେ ନାହିଁ । ସେହିପରି ନିନ୍ଦା ବା ଅପମାନ ଦ୍ୱାରା ସେ ବିଚଳିତ ହୁଏ ନାହିଁ କି ଆହତ ଅନୁଭବ କରେ ନାହିଁ ।

କୃତ୍ରିମତାପୂର୍ଣ୍ଣ ଓ ମିଥ୍ୟାଚାରଯୁକ୍ତ ନମ୍ରତା ବି ରହିଛି । ଏ ପ୍ରକାର ନମ୍ରତା ପଛରେ କିଛି ସ୍ୱାର୍ଥ ବା ଅଭିସନ୍ଧି ଥାଇପାରେ, ଅନ୍ୟକୁ ଖୁସି ଓ ସନ୍ତୁଷ୍ଟ କରି ଲାଭବାନ୍ ହେବାର ମନୋବୃତ୍ତି ଥାଇପାରେ । ମାଆ କହନ୍ତି ଯେ ଅନ୍ୟ ମନୁଷ୍ୟମାନଙ୍କ ଆଗରେ ବିନୀତ ହେବା ଯଥାର୍ଥ ନମ୍ରତା ନୁହେଁ । ଏହା ପ୍ରମାଦଯୁକ୍ତ, ଛଳନାପୂର୍ଣ୍ଣ ଓ ଅହଂପ୍ରଣୋଦିତ ହୋଇପାରେ । ତାଙ୍କ ଭାଷାରେ –

"True humility is humility before the Divine, that is, a precise, exact, *living* sense that one is nothing, one can do nothing, understand nothing without the Divine, that even if one is exceptionally intelligent and capable, this is nothing in comparison with the divine Consciousness, and this sense one must always keep, because then one always has the true attitude of receptivity – a humble receptivity that does not put personal pretensions in opposition to the Divine."

(CWM, Vol. 5, p. 45)

ଅର୍ଥାତ୍, ''ଅସଲ ବିନୟ ହେଉଛି ଭଗବାନଙ୍କ ସମ୍ମୁଖରେ ବିନୟ; ତାହାର ଅର୍ଥ ହେଉଛି ଯେ ଏହା ଏପରି ଏକ ସୁନିଶ୍ଚିତ, ଯଥାର୍ଥ ଏବଂ **ଜୀବନ୍ତ** ଭାବ, ଯାହାକି ଭଗବାନଙ୍କ ବ୍ୟତୀତ ଜଣେ ଆଦୌ କିଛି ନୁହେଁ, ଆଦୌ କିଛି କରିପାରିବ ନାହିଁ ଏବଂ କିଛି ହେଲେ ବୁଝି ପାରିବ ନାହିଁ ବୋଲି ଅନୁଭବ କରୁଥାଏ । ତାହା ଏପରି ଅନୁଭବ କରୁଥାଏ ଯେ, ଜଣେ ଅସାଧାରଣ ଭାବରେ ବୁଦ୍ଧିମାନ୍ ଏବଂ ପାରଙ୍ଗମ ହୋଇଥିଲେ ସୁଦ୍ଧା, ଭଗବତ୍ ପରମ-ଚେତନାର ତୁଳନାରେ ସେସବୁ ପ୍ରକୃତରେ ଆଦୌ କିଛି ନୁହେଁ । ଏବଂ ଆମ ଭିତରେ ଏହି ଭାବଟି ଅନୁକ୍ଷଣ ରହିଥିବ, କାରଣ, ତେବେଯାଇ ଆମେ ଆପଣାର ଦୃଷ୍ଟିରେ ଯଥାର୍ଥରେ ଗ୍ରହଣଶୀଳ ହୋଇ ରହିଥିବା; – ତାହା ଏପରି ଏକ ବିନୟପୂର୍ଣ୍ଣ ଗ୍ରହଣଶୀଳତା ହୋଇ ରହିଥିବ ଯାହାକି ଭଗବାନଙ୍କର ବିରୋଧ କରି କୌଣସି ପ୍ରକାର ବ୍ୟକ୍ତିଗତ ଛଳନାକୁ ଉପସ୍ଥାପିତ କରିବା ଲାଗି ଆଦୌ ଇଚ୍ଛା କରୁ ନଥିବ ।''

(ମାତୃରଚନାବଳି, ୫ମ ଖଣ୍ଡ, ପୃ. ୬୬)

କୌଣସି ଦିନ ଆତ୍ମଶ୍ଲାଘା ଅନୁଭବ କରି ଜଣେ ବ୍ୟକ୍ତି ନିଜକୁ କହିପାରେ, ''ଆଃ, ମୁଁ କେଡ଼େ ଚମତ୍କାର ଓ ସାମର୍ଥ୍ୟବାନ୍ ବ୍ୟକ୍ତିତ୍ୱ । ଅତି ବିଶିଷ୍ଟ କାର୍ଯ୍ୟ କରିବାକୁ ମୁଁ କେଡ଼େ ଧୁରନ୍ଧର । ଲୋକେ ମୋ ପ୍ରଶଂସାରେ ଶତମୁଖ ନହେବେ କାହିଁକି ?'' ଅପରଦିନ ସେହି ବ୍ୟକ୍ତି ନିରାଶାଭାବ ସହ ନିଜକୁ ଧିକ୍କାର କରିପାରେ, ''ଓଃ ! ମୁଁ କେଡ଼େ ଅଯୋଗ୍ୟ, କେଡ଼େ ଅପଦାର୍ଥ । ମୋ ଦ୍ୱାରା ଶାଗ ବି ସିଝିବ ନାହିଁ । ମୁଁ କେଡ଼େ ଦୁର୍ବଳ, ଅସହାୟ, ଅକିଞ୍ଚିତ୍‌କର !'' ଏହିପରି ପରସ୍ପର ବିରୋଧୀ ଭାବ ସହ ବ୍ୟକ୍ତି ପେଣ୍ଡୁଲମ୍ ଭଳି ଏପଟ ସେପଟ ହେଉଥାଏ । ଏହି ଉଭୟ ମନୋଭାବ ଅବାଞ୍ଛନୀୟ ଓ କ୍ଷତିକାରକ । ମାଆ କହନ୍ତି –

"... one must neither overrate oneself nor depreciate oneself, but understand one's limits and know how to advance towards the ideal set before oneself."

(CWM, Vol. 4, p. 29)

ଅର୍ଥାତ୍, ''... ନିଜ ବିଷୟରେ ଅତିରଞ୍ଜନ କରିବା ଯେତିକି ପ୍ରମାଦପୂର୍ଣ୍ଣ, ଆପଣାକୁ ଜାଣି ଜାଣି ତୁଚ୍ଛ କରି କହିବା ମଧ୍ୟ ସେତିକି ପ୍ରମାଦପୂର୍ଣ୍ଣ । ତେଣୁ ଅସଲ କଥା ହେଉଛି ଯେ ଆମେ ଆମର ସୀମାଗୁଡ଼ିକୁ ଠିକ୍ ଭାବରେ ଜାଣିବା ଏବଂ ଆପଣାର ସମ୍ମୁଖରେ ନିର୍ଦ୍ଧାରିତ ହୋଇ ରହିଥିବା ଆଦର୍ଶଟି ଆଡ଼କୁ

ଆମେ କିପରି କ୍ରମଶଃ ଅଗ୍ରସର ହୋଇ ପାରିବା, ସେ କଥାଟିକୁ ମଧ୍ୟ ଜାଣିବା ।''

(ମାତୃରଚନାବଳି, ୪ର୍ଥ ଖଣ୍ଡ, ପୃ. ୪୨-୪୩)

ସାମାନ୍ୟ ଟିକିଏ ସଫଳତା ବା ଅଗ୍ରଗତି ଲାଭ କଲେ ମନୁଷ୍ୟ ଆତ୍ମ-ସନ୍ତୋଷ ଓ ବୃଥାଗର୍ବରେ ଫୁଲି ଉଠେ । ଏହା ତାକୁ ପତନ ଆଡ଼କୁ ଘେନିଯାଏ । ମାଆ କହନ୍ତି ଯେ ଏହି ବୃଥାଗର୍ବ (Vanity) ଓ ଆତ୍ମସନ୍ତୁଷ୍ଟ ଭାବ ଉପରେ କଠୋର ପ୍ରହାର କରିବା ଉଚିତ । ମାତ୍ର ସେହି ଗର୍ବ ଓ ଆତ୍ମସନ୍ତୁଷ୍ଟ ଭାବ ଏପରି ଜିଦ୍‌ଖୋର ହୋଇଥାଏ ଯେ ତାହା ଖଣ୍ଡ-ବିଖଣ୍ଡିତ ହେଲେ ମଧ୍ୟ ବାଳୁଙ୍ଗା ଗଛଟିଏ ଭଳି ପୁଣି କଅଁଳି ଉଠେ । ଗର୍ବ ଓ ମିଥ୍ୟାଭିମାନ ଭଳି ବାଳୁଙ୍ଗା ଗଛକୁ ଉପାଡ଼ି ଦେବା ପାଇଁ ସାରା ଜୀବନ ସଂଗ୍ରାମ କରିବାକୁ ପଡ଼େ । ଯେତେବେଳେ ଜଣେ ବିଶ୍ୱାସ କରେ ଯେ ସେହି ଗର୍ବ ଓ ଅଭିମାନଟି ଚାଲିଯାଇଛି ସେତେବେଳେ ବି ତାହା କେଉଁଠି ଆତ୍ମଗୋପନ କରି ରହିଥାଏ । ଉପରକୁ ଗର୍ବଭାବ ଦୂର କରିବାରେ ଭଗବାନ୍ ସାହାଯ୍ୟ କରିଛନ୍ତି ବୋଲି କହିଲେ ମଧ୍ୟ ପରମୁହୂର୍ତ୍ତରେ ସେ ସେପରି ଉତ୍ତମ ଚିନ୍ତା ପାଇଁ ନିଜକୁ ଶ୍ରେୟ ଦେବା ପାଇଁ ପଛାଇ ନଥାଏ । ଏହିପରି ଆତ୍ମ-ବିରୋଧୀ ଭାବ ଓ ବିଡ଼ମ୍ବନା ମଧ୍ୟରେ ଜୀବନ ବଞ୍ଚୁଥିବା ମନୁଷ୍ୟ ସନ୍ତାପିତ ହୋଇ ରହିଥାଏ, ଆତ୍ମ-ପ୍ରତାରଣା ଦ୍ୱାରା ପୀଡ଼ିତ ହୋଇଥାଏ । ମାଆ ଆମକୁ ଉଚିତ ରୀତିରେ ବିନୀତ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଅନୁଚିତ ରୀତିରେ ବିନୀତ ହେବାକୁ ଚେଷ୍ଟା କଲେ ଆମେ ଆଦୌ କେଉଁଠି ହେଲେ ପହଞ୍ଚି ପାରିବା ନାହିଁ । ଶୁଦ୍ଧ ବିନମ୍ରତା ଗୁଣର ଅଧିକାରୀ ହେବା ଏକ ବିରଳ କଥା । ମନରୁ ଅହଂ, ଗର୍ବ ଓ ଅଭିମାନକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟିତ କରିବା ଏକ ଦୁରୂହ କାର୍ଯ୍ୟ । ପୂର୍ଣ୍ଣ ଆନ୍ତରିକତା ଓ ଦିବ୍ୟଜନନୀଙ୍କ କୃପା ଓ ସହାୟତା ବିନା ଏହା ସାଧ୍ୟ ନୁହେଁ । ବିନମ୍ରତା ସାଙ୍ଗକୁ ଆନ୍ତରିକତା ଏକାନ୍ତ ଆବଶ୍ୟକ । ମାଆ କହନ୍ତି –

"Humility and sincerity are the best safeguards. Without them each step is a danger; with them the victory is certain."

(CWM, Vol. 14, p. 153)

ଅର୍ଥାତ୍, ''ବିନୟ ଓ ଆନ୍ତରିକତା,– ଏହିମାନେହିଁ ସର୍ବୋତ୍ତମ ପ୍ରହରୀ । ସେହି ଦୁଇଟି ଗୁଣ ନଥିଲେ ଆମକୁ ପଦେ ପଦେ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ସେମାନେ ସାଙ୍ଗରେ ରହିଥିଲେ ଆମେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ବିଜୟ ଲାଭ କରିପାରିବା ।''

(ମାତୃବାଣୀ, ୧୪ଶ ଖଣ୍ଡ, ପୃ. ୨୦୧)

ଅଜ୍ଞାନତାହିଁ ବିନମ୍ରତା ପୋଷଣ ଦିଗରେ ପ୍ରଧାନ ଅନ୍ତରାୟ । ଆମେ ଆମର ସୀମିତତା ବିଷୟରେ ତଥା ପରମ ସତ୍ତାଙ୍କ ଅସୀମତା ଓ ସର୍ବଶକ୍ତିମତ୍ତା ବିଷୟରେ ସଚେତନ ନଥିବାରୁ ଆମ ଭିତରକୁ ଗର୍ବ ଓ ଅହଂଭାବ ଚାଲିଆସେ । ମାଆ କହନ୍ତି –

"True humility consists in knowing that the Supreme Consciousness, the Supreme Will alone exists and that the I *is not*."

(CWM, Vol. 14, p. 152)

ଅର୍ଥାତ୍, ''କେବଳ ସେହି ସର୍ବୋଚ୍ଚ ପରମ ଚେତନାହିଁ ରହିଛନ୍ତି, ସେହି ସର୍ବୋଚ୍ଚ ପରମ ଇଚ୍ଛାହିଁ ବିଦ୍ୟମାନ ରହିଛି ଏବଂ ମୁଁ ବୋଲି ପ୍ରକୃତରେ **କିଛି ନାହିଁ** । ଏତିକି ଜାଣିବାରେ ସମର୍ଥ ହେବାହିଁ ଯଥାର୍ଥ ବିନୟ ବୋଲି କୁହାଯିବ ।''

(ମାତୃବାଣୀ, ୧୪ଶ ଖଣ୍ଡ, ପୃ. ୨୦୦)

ବିନମ୍ରତା ହେଉଛି ଚେତନାର ଏପରି ଏକ ସ୍ଥିତି ଯେଉଁଠି ଜଣେ ଯେତେ ବଡ଼ ସିଦ୍ଧିଲାଭ କରିଥିଲେ ସୁଦ୍ଧା ଜାଣିପାରେ ଯେ ତା' ଆଗରେ ଅନନ୍ତତା ବିଦ୍ୟମାନ ରହିଛି । ନିଜର ତୁଚ୍ଛ କୃତିତ୍ୱଗୁଡ଼ିକୁ ନେଇ ଆତ୍ମସନ୍ତୁଷ୍ଟ ହୋଇ ରହିବା କିଂବା ଅନ୍ୟର ମହାନ୍ ଗୁଣ ଓ ମହାନ୍ କାର୍ଯ୍ୟକୁ ଦେଖି ପ୍ରଶଂସା କରିବାକୁ କୁଣ୍ଠାବୋଧ କରିବା – ଏ ଉଭୟହିଁ ଅନୁଚିତ ଭାବ । ଅନ୍ୟର ମହାନତା ବା ଯଥାର୍ଥ ପ୍ରଗତି ଦେଖି ଈର୍ଷା ପ୍ରକାଶ ନକରି ନିଃସ୍ୱାର୍ଥପରଭାବେ ପ୍ରଶଂସା କରିବା ପ୍ରକୃତ ବିନୟ ଭାବର ଅନ୍ୟ ଏକ ଦିଗ । (ପ୍ରଫେସର ମନୋଜ ଦାସ କହୁଥିଲେ ଯେ ବାବାଜି ମହାରାଜଙ୍କର ଏକ ଅତ୍ୟନ୍ତ ବିରଳ ଗୁଣ ଥିଲା । ତାହା ହେଉଛି ଅନ୍ୟର ଉନ୍ନତି ଓ ଯଶବୃଦ୍ଧି ଦେଖି ଉଲ୍ଲସିତ ହେବା । ଯଥାର୍ଥ ବିନୟଭାବର ଏହା ଏକ ଅନୁପମ ଦୃଷ୍ଟାନ୍ତ ।) ଜଣକ ଭିତରେ ଯଦି କୌଣସି ବିଶେଷ ଗୁଣ ବା ପ୍ରତିଭା ନାହିଁ ତାହାହେଲେ ସିଏ ତ ନମ୍ର ହେବାର ଆବଶ୍ୟକତା ରହିଛି, ମାତ୍ର ଯିଏ ସାଧନା କ୍ଷେତ୍ରରେ ବା ରୂପାନ୍ତର ପଥରେ ଅନେକ ଅଗ୍ରଗତି କରି ସାରିଛି, ତା' ପକ୍ଷରେ ନମ୍ରତାର ବହୁତ ବେଶୀ ଆବଶ୍ୟକତା ରହିଛି ।

ଏହା ଆମର ମନେ ରଖିବା ଉଚିତ ଯେ ଆମର

ପ୍ରଚେଷ୍ଟା, ଆମର ସଂଗ୍ରାମ ଓ ବିଜୟଗୁଡ଼ିକ ଯେତେ ମହାନ୍ ହେଲେ ମଧ୍ୟ ଆଗକୁ ଯାହା ସିଦ୍ଧ କରିବାର ଅଛି ତା' ତୁଳନାରେ ଏହା କିଛି ବି ନୁହେଁ । ଆମର ଯାତ୍ରା ଯେହେତୁ ଅନନ୍ତଙ୍କ ଆଡ଼କୁ ଉଦ୍ଦିଷ୍ଟ ଏବଂ ଆମକୁ ଯେହେତୁ ଜୀବନରେ ଅନନ୍ତ ସମ୍ଭାବନାକୁ ରୂପାୟିତ କରିବାର ଅଛି ତେଣୁ ପ୍ରତି ପଦକ୍ଷେପରେ ବିନୀତ ଭାବର ବିଶେଷ ଆବଶ୍ୟକତା ରହିଛି । ପରମପ୍ରଭୁ ସ୍ୱୟଂ ପରମ ପରିପୂର୍ଣ୍ଣ, ତଥାପି ସେ ପରମ ବିନମ୍ର ଅଟନ୍ତି । ସେ କେବେ ନିଜର ପ୍ରଶସ୍ତିଗାନ କରନ୍ତି ନାହିଁ । ସେ ସବୁକିଛି ହୋଇ ମଧ୍ୟ ଅଦିବ୍ୟ ହୋଇ ରହିଥିବା ଏଇ ଦୃଶ୍ୟ-ଜଗତରେ ନିଜକୁ ନିରବଚ୍ଛିନ୍ନ ଭାବରେ ଅଭିବ୍ୟକ୍ତ କରିବାରେ ଲାଗିଛନ୍ତି । ସେ କାଳାତୀତ ଓ ଶାଶ୍ୱତ ହୋଇ ମଧ୍ୟ କାଳ ମଧ୍ୟରେ ଅନ୍ତହୀନ ଭାବରେ ଆତ୍ମ-ଆବିଷ୍କାର କରିବା କାର୍ଯ୍ୟରେ ବ୍ୟାପୃତ ହୋଇ ରହିଛନ୍ତି । ଭଗବାନଙ୍କ ଅନିର୍ବଚନୀୟ ବିନମ୍ରତାର ଦୃଷ୍ଟାନ୍ତ ହେଲା ସେ ଅଜ୍ଞାନ ଅଚେତନ ଜଡ଼ ମଧ୍ୟକୁ ଓହ୍ଲାଇ ସେଠାରେ ରୂପାନ୍ତର କାର୍ଯ୍ୟ କରିଚାଲିଛନ୍ତି । ଜଡ଼ ଯେତେବେଳେ ଦିବ୍ୟ ସ୍ୱରୂପରେ ରୂପାନ୍ତରିତ ହୋଇଯିବ ସେତେବେଳେ ଭଗବାନଙ୍କ ବିନମ୍ରତା ଅତିମାନସିକ ନମନୀୟତା (Supramental plasticity) ରୂପେ ପ୍ରକାଶିତ ହେବ । ଆମେ ଅଜ୍ଞାନ ଚେତନାରେ ଥିବା ମନୁଷ୍ୟମାନେ ଅଧଘଣ୍ଟାଏ ଧ୍ୟାନରେ ବସିଗଲେ ବୃଥା ଗର୍ବ ଓ ଆତ୍ମ-ସନ୍ତୋଷ ଭାବରେ ସ୍ଫୀତ ହୋଇଉଠୁ । ସାଧନାରେ ଯେ ଆମକୁ ଆହୁରି କେତେ ଆଗକୁ ଯିବାର ଅଛି, ବିନମ୍ରତାର ଭାବ ନଥିଲେ ତାହା ଆମେ ବୁଝିପାରିବା ନାହିଁ ।

ଶ୍ରୀଅରବିନ୍ଦ ତାଙ୍କର ରଚିତ ''God''କବିତାରେ ଭଗବାନଙ୍କ ବିନମ୍ରତାର ସୁନ୍ଦର ବର୍ଣ୍ଣନା ଦେଇଛନ୍ତି –

"Thou who disdainest not the worm to be
Nor even the clod,
Therefore we know by that humility
That thou art God."

(Collected Poems, Vol. 2, p. 218)

ଅର୍ଥାତ୍,

''ଘୃଣା କରି ନାହଁ ଏକ କୀଟ ଅବା
ମାଟି – ପିଣ୍ଡ ସାଜିବାକୁ,
ସେଇ ବିନୟରୁ ତେଣୁ ଈଶ୍ୱର ବୋଲି ତ
ଜାଣିଛୁ ତୁମକୁ ।''

ଭଗବାନ୍ ଶ୍ରମିକ, ଶାସକ, ସୁଧୀ, ଜ୍ଞାନୀ – ସଭିଙ୍କର ସ୍ୱାମୀ ହୋଇ ମଧ୍ୟ ପ୍ରେମର ଦାସ (Servant of Love) ହୋଇ ରହିବାକୁ ଚାହିଁଛନ୍ତି, ଏହା ତାଙ୍କର ପରମ ବିନମ୍ରତା ଯାହା ଆମ ପାଇଁ ଏକାନ୍ତ ଶିକ୍ଷଣୀୟ ।

ସବୁଠାରୁ ଅଧିକ ନିର୍ବୋଧ ବ୍ୟକ୍ତିମାନେ ସବୁଠାରୁ ଅଧିକ ଦମ୍ଭଯୁକ୍ତ (most vain) ହୋଇଥା'ନ୍ତି । ନିର୍ବୋଧମାନେ ଭାବନ୍ତି ଯେ ସେମାନେ ସବୁ ଜାଣନ୍ତି ବା ବହୁତ ଅଧିକ ଜାଣନ୍ତି । ଏହି ଦମ୍ଭ ସେମାନଙ୍କର ଅଗ୍ରଗତିର ସମସ୍ତ ସମ୍ଭାବନାକୁ ଲୋପ କରିଦିଏ । ଆମେ କୌଣସି ଏକ ଚମତ୍କାର ଅନୁଭୂତି ଲାଭ କଲେ ତାକୁ ପରମ ଓ ଚୂଡ଼ାନ୍ତ ବୋଲି ନ ଭାବି ଆପେକ୍ଷିକ ବୋଲି ଜାଣି ରଖିବା ଉଚିତ । ଅନୁଭୂତିଟିରୁ ବ୍ୟକ୍ତିଗତ ଫାଇଦା ନ ଖୋଜି ଯେଉଁ ଦିବ୍ୟକୃପାରୁ ତାହା ନିଃସୃତ ହୋଇଛି ତା' ପାଖରେ ସେଇଟିକୁ ସମର୍ପଣ କରିଦେବାହିଁ ଶ୍ରେୟସ୍କର ଓ ନିରାପଦ । ଏହି ପ୍ରକାରେ ଅନୁଭୂତିକୁ ଅତିକ୍ରମ କରିଯିବାହିଁ ବିନମ୍ର ବ୍ୟକ୍ତିର ଲକ୍ଷଣ ।

ଭଗବାନଙ୍କ ଚିନ୍ତନ, ମନନରେ ନିମଜ୍ଜିତ ହୋଇ ଆପଣାକୁ ଭୁଲିଯିବା ହେଉଛି ପ୍ରକୃତ ନମ୍ରତା । ଯଦି ଜଣେ ଗୀତା-ଉଚ୍ଚାରିତ ବାଣୀ ''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ ଯାଜୀ ମାଂ ନମସ୍କୁରୁ''କୁ ନିଜ ଜୀବନରେ ନିରନ୍ତର ଅଭ୍ୟାସ କରେ ତା'ହେଲେ ତା' ଭିତରେ ଅହଂ ଆଉ ଉତ୍ପାତ ସୃଷ୍ଟି କରିପାରିବ ନାହିଁ । ଏହି ଅଭ୍ୟାସ ସ୍ୱତଃ ବିନମ୍ରତା ଆଣିଦେବ ।

ଅତିମାନସ ଶକ୍ତି ଦ୍ୱାରା ସମଗ୍ର ସତ୍ତାର ରୂପାନ୍ତର ସାଧନ ଏକ ଦୁଃସାଧ୍ୟ କାର୍ଯ୍ୟ । ଏଥିପାଇଁ ଦୁଇଟି ଜିନିଷ ଆବଶ୍ୟକ ବୋଲି ମାଆ କହନ୍ତି । ସେ ଦୁଇଟି ହେଲା – ଏକ ଅବିଚଳିତ ଓ ଅବିଚ୍ଛିନ୍ନ ଶକ୍ତି ଏବଂ ଏକ ପରିପୂର୍ଣ୍ଣ ନମ୍ରତା ଯାହା ସକଳ ଆସକ୍ତିକୁ ପରିତ୍ୟାଗ କରିବାକୁ ପ୍ରସ୍ତୁତ । ନମ୍ରତା ବଳରେ ଆମେ ଆଧ୍ୟାତ୍ମିକ ସାଧନା-ପଥରେ ଅନ୍ତହୀନ ଯାତ୍ରା କରିବା ପାଇଁ ସଂକଳ୍ପ କରିପାରୁ ।

ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣର ତିନୋଟି ଧାରା ଶ୍ରୀମା ନିର୍ଦ୍ଦେଶ କରି ଦେଇଛନ୍ତି ଯାହା ବିନୟଭାବରୁହିଁ ଉତ୍ସାରିତ ହୋଇଥାଏ । ସେଇ ତିନୋଟି ଧାରା ହେଲା –

(୧) ସକଳ ଗର୍ବକୁ ସମର୍ପଣ କରିଦେଇ ପୂର୍ଣ୍ଣ ବିନୟ ସହ ଭଗବାନଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ।

(୨) ନିଜର ସମଗ୍ର ସତ୍ତାକୁ ତାଙ୍କ ସମ୍ମୁଖରେ ଉନ୍ମୋଚିତ କରିଦେବା । ଆପାଦମସ୍ତକ ସମଗ୍ର ଶରୀରକୁ

ସମ୍ପୂର୍ଣ୍ଣଭାବେ ଉନ୍ମୀଳିତ କରିଦେବା ଯେମିତିକି ଜଣେ ପୁସ୍ତକଟିଏ ଖୋଲିଦିଏ; ପୂର୍ଣ୍ଣ ଆନ୍ତରିକତା ସହ ନିଜ ଯୌଗିକ କେନ୍ଦ୍ରଗୁଡ଼ିକୁ ଖୋଲିଦେବା ଯେପରିକି ସେଗୁଡ଼ିକର ଗତିସକଳ ଦୃଶ୍ୟ ହୋଇପାରିବ ଏବଂ କିଛି ବି ଆଉ ଲୁକ୍‌କାୟିତ ହୋଇ ରହିବ ନାହିଁ ।

(୩) ତାଙ୍କରି ବାହୁରେ ଆଶ୍ରୟ ଗ୍ରହଣ କରିବା, ଏକ ପ୍ରେମପୂର୍ଣ୍ଣ ପରମ ଆସ୍ଥା ସହ ତାଙ୍କ ଭିତରେ ନିଜକୁ ଢାଳିଦେବା, ଦ୍ରବୀଭୂତ କରିଦେବା ।

ଏହି ଗତିସକଳ ସହିତ ତିନୋଟି ସୂତ୍ରକୁ ମୂଳମନ୍ତ୍ର ରୂପେ ଗ୍ରହଣ କରାଯାଇପାରେ । ଯଥା :

(୧) ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ, ମୋର ନୁହେଁ ।

(୨) ତୁମରି ଯାହା ଇଚ୍ଛା, ତୁମର ଯାହା ଇଚ୍ଛା ।

(୩) ମୁଁ ଶାଶ୍ୱତକାଳ ଲାଗି ତୁମର ।

ଆମ ଭିତରେ ଅହଂ ନାନା ଛଦ୍ମ ରୂପ ନେଇ କାର୍ଯ୍ୟ କରୁଥାଏ । ନମ୍ରତା ବିନା ଆମେ ସେଗୁଡ଼ିକୁ ଚିହ୍ନି ପାରିବା ନାହିଁ । ଜଣେ ଜନହିତକର କାର୍ଯ୍ୟ କରିବା ପଛରେ ଅହଂଭାବ ଓ ଯଶଲିପ୍‌ସା ପ୍ରଚ୍ଛନ୍ନ ହୋଇ ରହିଥାଇପାରେ । ଜଣେ ଯେତେବେଳେ କହେ, ''ମୁଁ ଭଗବାନଙ୍କ ପାଖରେ ଆଖିବୁଜି ବସି ରହିବି, ତାଙ୍କ କୋଳରେ ବିଶ୍ରାମ ନେବି, ଆଉ କିଛି କରିବି ନାହିଁ ।'' ସେତେବେଳେ ତାହା ତା'ର ତାମସିକ ନିଷ୍କ୍ରିୟତା ହୋଇଥାଏ । ଏହିଭଳି ଅହଂର ପ୍ରରୋଚନା ଦ୍ୱାରା ସାଧକ ପ୍ରତାରିତ ହୋଇଥାଏ । ଅତିମାନସ ଚେତନାର ଆବିର୍ଭାବ ଓ କ୍ରିୟାଶୀଳତା ଫଳରେ କେଉଁ ଜିନିଷଟି ଆମ୍ଭମାନଙ୍କ ଭିତରୁ ଚାଲିଯିବାକୁ ହେବ ବୋଲି ମା'ଙ୍କୁ ପ୍ରଶ୍ନ କରାଯାଇଥିଲା । ମା'ଙ୍କ ଉତ୍ତର ଥିଲା – ଛଳନା ବା କପଟତା (hypocrisy) । ପ୍ରକୃତରେ ଛଳନା ହେଉଛି ନମ୍ରତାର ମୁଖ୍ୟ ବିରୋଧୀତତ୍ତ୍ୱ । ଛଳନାକୁ ଚିହ୍ନିବା ପାଇଁ ସୂକ୍ଷ୍ମଦୃଷ୍ଟି ଓ ପୂର୍ଣ୍ଣ ଜାଗରୁକତା ଆବଶ୍ୟକ ।

ମାଆ ଏକ 'ସୁସ୍ଥ ନମ୍ରତା' (healthy humility) ବିଷୟରେ କହିଛନ୍ତି । ତାଙ୍କ ଦୃଷ୍ଟିରେ ସୁସ୍ଥ ନମ୍ରତା ହେଉଛି ସାର୍ଥକ ସାଧନାର ପ୍ରଥମ ଆବଶ୍ୟକତା ଯାହା ଆମକୁ ହୃଦ୍‌ବୋଧ କରାଇଦିଏ ଯେ ଭଗବାନଙ୍କ ଦ୍ୱାରା ପାଳିତ, ପୋଷିତ, ସହାୟତାପ୍ରାପ୍ତ, ସଂଦୀପିତ ଓ ପରିଚାଳିତ ନ ହେଲେ ଆମେ ଆଦୌ କିଛି ହୋଇପାରିବା ନାହିଁ ।

ମାଆ ୧୯୦୪ ମସିହାରେ 'ସଦ୍‌ଗୁଣଚୟ' (Virtues) ଶୀର୍ଷକରେ ଯେଉଁ ଗଳ୍ପ ଲେଖିଥିଲେ ସେଥିରେ କୁହାଯାଇଛି ଯେ ସତ୍ୟର ପ୍ରାସାଦରେ ଅନୁଷ୍ଠିତ ହେଉଥିବା ଉତ୍ସବରେ 'ନିଷ୍ଠା' ରାଣୀ ହୋଇ ବିରାଜମାନ କରୁଥିବା ବେଳେ 'ନମ୍ରତା' ଓ 'ସାହସ' ତା'ର ଦୁଇ ବିଶ୍ୱସ୍ତ ସଂରକ୍ଷକ (guardians) ଭାବରେ ଦଣ୍ଡାୟମାନ ହୋଇଥିଲେ । ଅର୍ଥାତ୍, ନମ୍ରତା ଏପରି ଏକ ଗୁଣ ଯାହା ନିଷ୍ଠାକୁ ସୁରକ୍ଷିତ କରି ରଖିପାରେ । ଗଳ୍ପଟିରେ ପୁଣି କୁହାଯାଇଛି ଯେ ନମ୍ରତା ଏକାଧାରରେ ସମ୍ମାନାସ୍ପଦ ଓ ସଗର୍ବ (proud) ହୋଇ ରହିଥିଲା । ଏହାର ଅର୍ଥ ହେଲା ନମ୍ରତା ତ ସ୍ୱଭାବତଃ ଏକ ଗର୍ବଶୂନ୍ୟ ଭାବ, ମାତ୍ର ଏହା ବ୍ୟକ୍ତିତ୍ୱକୁ ଗୌରବ, ମର୍ଯ୍ୟାଦା ଓ ମହତ୍ତ୍ୱ ପ୍ରଦାନ କରିଥାଏ । ଶ୍ରୀମା ଘାସଫୁଲକୁ 'ନମ୍ରତା' (humility) ନାମ ଦେଇଛନ୍ତି । ଝଡ଼ତୋଫାନରେ ମହା ମହା ଦ୍ରୁମ ଚଳି ପଡୁଥିବା ବେଳେ କ୍ଷୁଦ୍ର ଘାସଟିଏ ନଇଁଯାଇ ନମ୍ରତା ପ୍ରକାଶ କରେ ବୋଲି ତା'ର ଗୌରବ ଅକ୍ଷୁଣ୍ଣ ହୋଇ ରହେ, ସେ ନଷ୍ଟ ହୁଏ ନାହିଁ ।

'ବିନୟ' (modesty) ଶୀର୍ଷକ ଏକ ରଚନାରେ ମାଆ ବିନୟ ଭାବର ଅନେକ ଉଦାହରଣ ଦେଇଛନ୍ତି । ଜଣେ ଫୁଲ କାରିଗର ଫୁଲଦାନିରେ ଫୁଲଗୁଚ୍ଛକୁ ସୁନ୍ଦରଭାବେ ସଜାଇ ରଖିବା ପରେ ପାଖରେ କତୁରୀଟିଏ ଛାଡ଼ି ଯାଉଛି । ତା'ର ଉଦ୍ଦେଶ୍ୟ ହେଲା, କେହି ଯଦି ଫୁଲ ଗୁଚ୍ଛଟିରେ କିଛି ଅଭାବ ଦେଖିପାରେ ତାକୁ ସେ କତୁରୀ ସାହାଯ୍ୟରେ ଠିକ୍ କରି ଦେଇପାରିବ । ନିଜର କାର୍ଯ୍ୟରେ ତ୍ରୁଟି ରହିଥାଇ ପାରେ ବୋଲି ସ୍ୱୀକାର କରିବା ବିନୟର ପରିଚୟ ଦିଏ । ରାଜା ସଲୋମନ୍ ସ୍ୱପ୍ନରେ ତାଙ୍କର ଇଷ୍ଟଦେବତାଙ୍କୁ ଉତ୍ତମ ରାଜ୍ୟଶାସନର ଜ୍ଞାନ ପାଇଁ ପ୍ରାର୍ଥନା କରିଛନ୍ତି । ସେ କହିଛନ୍ତି ଯେ ସେ ନିଜକୁ କେବଳ ଗୋଟିଏ ସାନ ପିଲା ପରି ଅନୁଭବ କରନ୍ତି । ଉଚ୍ଚ ଆସନରେ ଥାଇ ମଧ୍ୟ ନିଜର ବିନୟଭାବକୁ ପରିତ୍ୟାଗ କରି ନଥିବାରୁ ରାଜା ସଲୋମନ୍ ଆମର ପ୍ରଶଂସାଭାଜନ ହୋଇଛନ୍ତି । ସେହିପରି ପ୍ରସିଦ୍ଧ ବୈଜ୍ଞାନିକ ନିଉଟନ୍ ମଧ୍ୟ ଥିଲେ ବିନୟୀ । ଦିନେ ଜଣେ ଭଦ୍ରମହିଳା ତାଙ୍କ ଆଗରେ ତାଙ୍କର ପାଣ୍ଡିତ୍ୟ ଓ ଜ୍ଞାନ ବିଷୟରେ ପ୍ରଶଂସା କରିବାରୁ ସେ ଉତ୍ତର ଦେଇ କହିଥିଲେ – ''ଆପଣ ଏପରି କଥା କାହିଁକି କହୁଛନ୍ତି ! ମୁଁ ତ ଗୋଟିଏ ସାନ ପିଲା ପରି ସତ୍ୟରୂପୀ ମହାସମୁଦ୍ରର ବେଳାଭୂମିରୁ କେବଳ କେତୋଟି ବାଲିଗରଡ଼ାହିଁ ସଂଗ୍ରହ କରିବାକୁ ଚେଷ୍ଟା କରୁଛି ।'' ଶ୍ରୀମା ପୟଗମ୍ବର ମହମ୍ମଦଙ୍କ ବିନମ୍ରତା ବିଷୟରେ ମଧ୍ୟ ତିନୋଟି ଗଳ୍ପ କହିଛନ୍ତି । ଗୋଟିଏ ଘଟଣା

ହେଉଛି, ଥରେ ମହମ୍ମଦ ଗୋଟିଏ ସଭାରେ ଯୋଗ ଦେବାକୁ ଯାଇ ସମସ୍ତଙ୍କ ପରି ଗୋଡ଼ ଦୁଇଟିକୁ ଜାକିଜୁକି ତଳେ ବସିଗଲେ । ରାଜୋଚିତ ଉଚ୍ଚ ଆସନରେ ନ ବସି ତଳେ ବସିବାରୁ ଜଣେ ଆରବବାସୀ କହିଲା – ''ଆପଣଙ୍କର କ'ଣ ଏହିପରି ବସିବା କଥା ?'' ମହମ୍ମଦ ଉତ୍ତର ଦେଇଥିଲେ – ''ହଁ, ନିଶ୍ଚୟ ଏହିପରି ବସିବା କଥା । ଆଲ୍ଲା ମୋତେ ଜଣେ କ୍ଷୁଦ୍ର ସେବକ କରି ଦୁନିଆକୁ ପଠାଇଛନ୍ତି, ଜଣେ ଗର୍ବୀ ରାଜା କରି ତ ପଠାଇ ନାହାନ୍ତି !''

ଶ୍ରୀଅରବିନ୍ଦ ତାଙ୍କର ଏକ କାରିକା (Aphorism)ରେ କହନ୍ତି – ''ମୁଁ ଜଣେ ଭକ୍ତ ନୁହେଁ, ମୁଁ ଜଣେ ଜ୍ଞାନୀ ନୁହେଁ, ମୁଁ ଭଗବାନଙ୍କ ଲାଗି ଜଣେ କର୍ମୀ ନୁହେଁ । ତାହାହେଲେ ମୁଁ କିଏ ? ମୁଁ ହେଉଛି ମୋର ପ୍ରଭୁଙ୍କ ହସ୍ତରେ ଏକ ଉପକରଣ (a tool in the hands of my Master), ଦିବ୍ୟ ଗୋପାଳବାଳକ (ଶ୍ରୀକୃଷ୍ଣ)ଙ୍କ ଦ୍ୱାରା ବାଦିତ ମୁଁ ଏକ ବଂଶୀ (a tool blown upon by the Divine Herd-Boy), ଭଗବାନଙ୍କ ନିଃଶ୍ୱାସରେ ପରିବାହିତ ହୋଇଥିବା ମୁଁ ଏକ ପତ୍ର ମାତ୍ର (a leaf driven by the breath of the Lord) । ଏଠାରେ ଆମେ ନମ୍ରତାର ଏକ ଅନୁପମ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଲାଭ କରୁ ।

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ଅତିମାନସ ଚେତନା ଓ ଶକ୍ତି ପୃଥିବୀରେ ଅଭିବ୍ୟକ୍ତ ହୋଇ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଚାଲିଛି । ଏହାର ସୁଯୋଗ ନେବା ପାଇଁ ଯେଉଁ ପ୍ରଥମ ଜିନିଷ ଆମ ପାଇଁ ଆବଶ୍ୟକ ତାହା ହେଲା ଯଥାର୍ଥ ବିନମ୍ରତା । ମା'ଙ୍କ ଭାଷାରେ –

"The first indispensable condition to prepare ourselves to receive the new consciousness is a true and spontaneous humility which makes us feel deeply that we know nothing and are nothing in the face of the marvellous things we have to acquire."

(CWM, Vol. 15, p. 108)

ଅର୍ଥାତ୍, ''ନୂତନ ଚେତନାକୁ ଗ୍ରହଣ କରିବା ଲାଗି ନିଜକୁ ପ୍ରସ୍ତୁତ କରିବା ନିମିତ୍ତ ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଲା ଏକ ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତ ବିନମ୍ରତା ଯାହା ଆମକୁ ଗଭୀର ଭାବରେ ଅନୁଭବ କରାଇଦିଏ ଯେ ଆମେ କିଛି ବି ଜାଣୁନା ଏବଂ ଯେଉଁ ଚମତ୍କାର ବସ୍ତୁଗୁଡ଼ିକୁ ଆମକୁ ପ୍ରାପ୍ତ କରିବାର ଅଛି ତାହାରି ଆଗରେ ଆମେ କିଛି ବି ନୋହୁଁ ।'' ❑

ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

donations.sriaurobindoashram.org

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଧ୍ୟାନଧାରଣା ଓ ବିଧିବିଧାନ

ମନୋଜ ଦାସ

ଜ୍ଞାନ ପର୍ଯ୍ୟାୟ

କାରିକା - ୧୨୫

"Every law, however embracing or tyrannous, meets somewhere a contrary law by which its operation can be checked, modified, annulled or eluded."

(Thoughts and Aphorisms)

''ପ୍ରତ୍ୟେକ ବିଧିବିଧାନ ତାହା ଯେତେ ଉଦାର ହୋଇଥାଉ ବା ଉତ୍ପୀଡ଼କ ହୋଇଥାଉନା କାହିଁକି, କେଉଁଠି ନା କେଉଁଠି ତା'ର ବିପରୀତ ବିଧିବିଧାନକୁ ସାମନା କରିବ – ଯାହା ଫଳରେ ତା'ର କାର୍ଯ୍ୟକାରିତା ନିୟନ୍ତ୍ରିତ, ପୁନଃବିନ୍ୟସ୍ତ, ବାତିଲ ବା ଉପେକ୍ଷିତ ହୋଇପାରିବ ।''

କାରିକା - ୧୨୬

"The most binding Law of Nature is only a fixed process which the Lord of Nature has framed and uses constantly; the Spirit made it and the Spirit can exceed it, but we must first open the doors of our prison-house and learn to live less in Nature than in the Spirit." (ibid)

''ଯାହା ପ୍ରକୃତିର ସବୁଠୁ ଅଲଙ୍ଘ୍ୟ କାନୁନ ତାହା ପ୍ରକୃତିର ବିଧାତା ଦ୍ୱାରା ସ୍ଥିରୀକୃତ ଏବଂ ପ୍ରାୟଶଃ ବ୍ୟବହୃତ ଏକ ବିଧାନ ମାତ୍ର; ତା'ର ନିର୍ମାତା ଚିନ୍ମୟ ଚେତନା ଏବଂ ଚିନ୍ମୟ ଚେତନା ତାକୁ ଅତିକ୍ରମ କରିଯାଇପାରେ ମଧ୍ୟ । କିନ୍ତୁ ପ୍ରଥମେ ଆମେ ଆମ କାରାକକ୍ଷର ଦ୍ୱାର ଖୋଲିଦେବା ଚାହି ଏବଂ ପ୍ରକୃତି ଭିତରେ କମ୍ ଜୀବନ ବିତାଇ ଚିନ୍ମୟ ଚେତନାରେ ରହିବାକୁ ଶିଖିବା ଆବଶ୍ୟକ ।''

କାରିକା - ୧୨୭

"Law is a process or a formula; but the soul is the user of processes and exceeds formulas." (ibid)

''କାନୁନ ହେଲା ଏକ ବିଧାନ ବା ଏକ ସୂତ୍ର; କିନ୍ତୁ ଆତ୍ମାହିଁ କାନୁନସବୁକୁ କାମରେ ଲଗାଏ ଏବଂ ସୂତ୍ର ଅତିକ୍ରମ କରିଯାଏ ।''

କାରିକା - ୧୨୮

"Live according to Nature, runs the maxim of the West; but according to what nature, the nature of the body or the nature which exceeds the body ? This first we ought to determine." (ibid)

''ପ୍ରକୃତିକୁ ଅନୁସରଣ କରି ଜୀବନ ଅତିବାହିତ କର, ଏହା ହେଲା ପାଶ୍ଚାତ୍ୟର ନୀତି; କିନ୍ତୁ କେଉଁ ପ୍ରକୃତି ? ଦେହର ପ୍ରକୃତି ନା ଯେଉଁ ପ୍ରକୃତି ଦେହ ଅତିକ୍ରମ କରେ ? ପ୍ରଥମେ ଆମେ ଏହା ନିରୂପଣ କରିବା ଚାହି ।''

କାରିକା - ୧୨୯

"O son of Immortality, live not thou according to Nature, but according to God; and compel her also to live according to the deity within thee." (ibid)

''ହେ ଅମୃତ ସନ୍ତାନ, ତୁମେ ପ୍ରକୃତିକୁ ଅନୁସରଣ କରି ଜୀବନ ଯାପନ କରନା, ଭଗବାନଙ୍କ ଅନୁସାରେ ଜୀବନ

ଯାପନ କର; ଏବଂ ପ୍ରକୃତିକୁ ବି ତୁମ ଅନ୍ତରରେ ଥିବା ଭଗବାନଙ୍କୁ ଅନୁସରଣ କରିବାକୁ ବାଧ କର ।''

*

ଏ ପାଞ୍ଚଗୋଟିଯାକ କାରିକା ଆମକୁ ଆମ ଗତାନୁଗତିକ ପ୍ରବୃତ୍ତି ଏବଂ ଧ୍ୟାନ ଧାରଣାରୁ ଉତ୍ତୀର୍ଣ୍ଣ ହୋଇ ମହତ୍ତର ଦିବ୍ୟ-ଚେତନାର ଆଲୋକରେ ଆମ ଜୀବନର ପୁନର୍ବିନ୍ୟାସ ନିମନ୍ତେ ଆହ୍ୱାନ ଜଣାଉଛି ।

ସାଧାରଣତଃ ଆମେ ଯେଉଁସବୁ ନୀତିନିୟମ ମାନି ଚଳିଥାଉ, ସେସବୁର ବହୁ ସ୍ତର ରହିଛି । ଅତି ମାମୁଲି ବା ସ୍ଥୂଳ ସ୍ତରରେ ସେସବୁ ବ୍ୟାବହାରିକ ବ୍ୟବସ୍ଥା ମାତ୍ର । ଧରନ୍ତୁ ଆମ ଦେଶରେ ରାସ୍ତାର ବାମ କଡ଼ରେ ଗାଡ଼ି ଚଳାଇବା ଏକ ନିୟମ; ଆମେରିକାରେ କିନ୍ତୁ ଦକ୍ଷିଣ କଡ଼ରେ ଚଳାଇବା ନିୟମ । ଏସବୁ ନିୟମ କୌଣସି ଆଦର୍ଶ ବା ନୈତିକତା ଉପରେ ପର୍ଯ୍ୟବସିତ ନୁହେଁ । ବାମ ହେଉ ବା ଦକ୍ଷିଣ ହେଉ, ଯେକୌଣସି ଗୋଟାଏ ବିଧି ସମସ୍ତେ ମାନି ଚଳିଲେ ସମସ୍ତଙ୍କ ପାଇଁ ସୁବିଧା । ଗୋଟାଏ ବିଧିବ୍ୟବସ୍ଥା କିପରି ଅନ୍ୟ ଏକ ବିଧିବ୍ୟବସ୍ଥାର ବିପରୀତ ହୋଇପାରେ, ଏହା ତା'ର ସର୍ବନିମ୍ନ ଉଦାହରଣ ।

କିନ୍ତୁ ନୈତିକତା ବା ଆଦର୍ଶ ସ୍ତରରେ ଦେଖିଲେ ମଧ୍ୟ ଏମିତି କୌଣସି ବିଧିବିଧାନ ନାହିଁ, ଯାହାର ବିପରୀତ ବିଧିବିଧାନ ସମ୍ପୂର୍ଣ୍ଣ ଅସତ୍ୟ ହେବା ଅନିବାର୍ଯ୍ୟ । ଥରେ ଜଣେ ଶିକ୍ଷକ ଏବଂ ତାଙ୍କ ଛାତ୍ର ଜଣେ ଗୃହସ୍ଥଙ୍କ ଅତିଥି ହୋଇଥା'ନ୍ତି । ଦୁହେଁ ଶୁଣିଲେ, ଗୃହସ୍ଥ ତାଙ୍କ ପରିଚାରକକୁ ନିର୍ଦ୍ଦେଶ ଦେଉଛନ୍ତି, ''ଆଜି ରାତିରେ ରୋଷେଇ ପାଇଁ ଏହି କୁକୁଡ଼ାଟିକୁ ନେବୁ । ଏଇଟା ବହୁ ଦିନରୁ ଅଣ୍ଡା ଦେଉ ନାହିଁ । କିଛି କାମର ନୁହେଁ ।''

ଶିକ୍ଷକ ଛାତ୍ରକୁ କହିଲେ, ''ଶୁଣିଲଟି ? କ'ଣ ଶିଖିଲ ? ଯିଏ କିଛି କାମର ନୁହେଁ, ତା'ର ଜିଇଁ ରହିବାର ଆବଶ୍ୟକତା ବା ଅଧିକାର ନାହିଁ । ଏହା ଅଖଣ୍ଡନୀୟ ସତ୍ୟ ।''

''ଆଜ୍ଞା ହଁ; ବୁଝିଗଲି ।'' ଛାତ୍ର ଉତ୍ତର ଦେଲା ।

ପରଦିନ ଦୁହେଁ ଗୋଟାଏ ବଣ ଭିତର ଦେଇ ସେମାନଙ୍କ ଗନ୍ତବ୍ୟ ସ୍ଥାନକୁ ଯାଉଥା'ନ୍ତି । ଦଳେ କାଠୁରିଆ ବଣ ଭିତରେ ଭଲ କାଠ ସଂଗ୍ରହ ଉଦ୍ଦେଶ୍ୟରେ ଗଛ ନିରୂପଣ କରୁଥା'ନ୍ତି । ଜଣେ ତରୁଣ କାଠୁରିଆ ଗୋଟାଏ ହୃଷ୍ଟପୁଷ୍ଟ ଗଛ ଦେଖି ତାକୁ କାଟିବାକୁ କୁଠାର ଉଦ୍ୟତ କରନ୍ତେ ଦଳପତି ପାଟିକରି କହିଲା, ''ଆରେ ବୋକା ! ସେ ଗଛଟାକୁ କାହିଁକି କାଟୁଛୁ ? ସେଇଟା କିଛି କାମର ନୁହେଁ । ତାକୁ ଛାଡ଼ି ଏ ଦରକାରୀ ଗଛ ପାଖକୁ ଚାଲିଆ ।''

ତରୁଣ କାଠୁରିଆ କୁଠାର ଅବନତ କଲା । ଛାତ୍ର ଏଥର ଶିକ୍ଷକଙ୍କ ଆଡ଼େ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଅନାଇ କହିଲା, ''ଆଜ୍ଞା, ଗତକାଲିର ସତ୍ୟର ତ ଆଜି ଖଣ୍ଡନ ହୋଇଗଲା ! ଗଛଟି କିଛି କାମର ନୁହେଁ ବୋଲି ତ ବଞ୍ଚିବାର ଅଧିକାର ପାଇଲା । ଦରକାରୀ ଗଛଟି କିନ୍ତୁ ବଳି ପଡ଼ିଲା !''

ଶିକ୍ଷକ ଟିକିଏ ନୀରବ ରହି କହିଲେ, ''ପୁଅ ! ଠିକ୍ କହିଛୁ । ଏସବୁ ଧ୍ୟାନ ଧାରଣା ଆପେକ୍ଷିକ । କୌଣସି ଗୋଟାଏ ବି ଅଖଣ୍ଡନୀୟ ନୁହେଁ । ଗୋଟାଏ ଧାରଣା ଯେତିକି ଯୁକ୍ତିଯୁକ୍ତ, ତା'ର ବିପରୀତ ଧାରଣା ମଧ୍ୟ ସେତିକି ଯୁକ୍ତିଯୁକ୍ତ ହୋଇପାରେ । ସ୍ଥାନ କାଳ ପାତ୍ର ଭେଦରେ ଧ୍ୟାନ ଧାରଣା ବିଭିନ୍ନ ହୋଇପାରେ । 'ଜୀବନ ନଶ୍ୱର' ଯେତିକି ସତ୍ୟ, 'ଜୀବନ ଅବିନଶ୍ୱର' ସେତିକି ସତ୍ୟ । ନିଜ ନିଜ ପରିପ୍ରେକ୍ଷୀରେ ଉଭୟ ଧାରଣା ସତ୍ୟ ।

ଏ ଦୃଷ୍ଟାନ୍ତ ମଧ୍ୟ ସାଧାରଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଆହୁରି ଉଚ୍ଚ ପର୍ଯ୍ୟାୟର ଦୃଷ୍ଟାନ୍ତ ନିଆଯାଉ । ନିରାକାରବାଦୀମାନେ କହିବେ, ଯେଉଁ ବ୍ରହ୍ମ ଅସୀମ, ଅନନ୍ତ, କାଳାତୀତ, ତାକୁ ଗୋଟାଏ ରୂପଦାନ କରି ପୂଜା କରିବା ହାସ୍ୟାସ୍ପଦ । ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା — ଏମାନଙ୍କୁ ଯେତେ ମହତ୍, ସୁନ୍ଦର ଏବଂ ପ୍ରଭାମୟ ରୂପରେ କଳ୍ପନା କଲେ ମଧ୍ୟ ତାହା ସତ୍ୟର ଅପଳାପ; ଆଉ ସେ ଅସୀମଙ୍କୁ ମଣିଷ ରୂପେ, ରାମ, ଶ୍ରୀକୃଷ୍ଣ ଭଳି ଐତିହାସିକ ଚରିତ୍ର ରୂପେ କଳନା କରିବା ତ ଧୃଷ୍ଟତା ମାତ୍ର !

କିନ୍ତୁ ଏ ତତ୍ତ୍ୱର ବିରୋଧୀମାନେ କହିବେ, ଯିଏ ଅସୀମ, ସିଏ ନିଜକୁ ସସୀମ ରୂପେ ପ୍ରକଟ କରିବାକୁ ସକ୍ଷମ । ବ୍ରହ୍ମ ଯଦି ସର୍ବଶକ୍ତିମାନ୍, ତେବେ ନିଜକୁ ଯେକୌଣସି ରୂପ ମାଧ୍ୟମରେ ପ୍ରକଟ କରିବାର ଅଧିକାରରୁ ତାକୁ ବଞ୍ଚିତ କରିବ କିଏ ? ବ୍ରହ୍ମ ସର୍ବତ୍ର ବିଦ୍ୟମାନ । ତେଣୁ ତାଙ୍କୁ ଯେକୌଣସି ରୂପରେ ଦେଖିବାର ସମ୍ଭାବନା ସର୍ବଦା ବିଦ୍ୟମାନ । ପରମ ବ୍ରହ୍ମ ବିଭିନ୍ନ ଅବତାର ଭାବରେ ଅବଶ୍ୟ ପ୍ରତିଭାତ ହୋଇଥା'ନ୍ତି ।

ପ୍ରକୃତି ଆମକୁ ତା'ର ଧରାବନ୍ଧା ନୀତିନିୟମରେ ଆବଦ୍ଧ ରଖିବାକୁ ଚାହେଁ । ନାନାଦି କାମନା, ବାସନା, ଆକାଂକ୍ଷା, ଉଚ୍ଚାକାଂକ୍ଷା, ଏହିସବୁ ଆବେଗ ପ୍ରବେଗ ଆମ ଜୀବନକୁ ପରିଚାଳିତ କରେ । ଆମେ ଧରିନେଉ ଯେ ଏହାହିଁ ଜୀବନ । କାମନା ବାସନାର ଚରିତାର୍ଥତାରେ ଯେତିକି ସୁଖ ସନ୍ତୋଷ

ମିଳେ, ତାହାକୁ ନେଇ ଆମେ ଜୀବନ ଯାପନ କରୁ । କିନ୍ତୁ ଆମ ଚେତନାର ବହୁ ପର୍ଯ୍ୟାୟ ରହିଛି । ଦେହଗତ, ପ୍ରାଣଗତ ବା ମାନସିକ ସନ୍ତୋଷଠୁଁ ଅମାପ ଅଧିକ ଆନନ୍ଦର ସମ୍ଭାବନା ଆମ ଭିତରେ ସୁପ୍ତ ରହିଥାଏ । କିନ୍ତୁ ସାଧାରଣ ପ୍ରାକୃତିକ ଆବେଗ ପ୍ରବେଗର ସ୍ତର ଅତିକ୍ରମ କରି ନ ଗଲେ ସେ ଆନନ୍ଦର ସନ୍ଧାନ ପାଇବା ସମ୍ଭବପର ହୁଏ ନାହିଁ । ଅତିକ୍ରମ କରିବା ଦିଗରେ ଥରେ ଥରେ ଆମ ଭିତରେ ବ୍ୟାକୁଳତା ଦେଖାଦେବା ନିଶ୍ଚିତ । ସେହି ବ୍ୟାକୁଳତାକୁ ଅଭୀପ୍ସାରେ ପରିଣତ କରିବା ଅବଶ୍ୟ ସମ୍ଭବ ।

ସମସ୍ତ ନିୟମକାନୁନ, ଧ୍ୟାନ ଧାରଣା, ବିଧିବିଧାନର ଉତ୍ସ ଏକହିଁ ଚିନ୍ମୟ ସତ୍ୟ । ଆମ ଅଜ୍ଞାନ ଓ ସ୍ୱଳ୍ପ ଜ୍ଞାନ ସେସବୁକୁ ନାନା ସୀମାବଦ୍ଧ, କଦାଚିତ୍ କଠୋର ଶୃଙ୍ଖଳା ଭାବରେ ଉପସ୍ଥାପନ କରେ । ଯିଏ ସର୍ବୋଚ୍ଚ ଚିନ୍ମୟ ସତ୍ୟ ପ୍ରତି ଉନ୍ମୁକ୍ତ ରହେ, ସେ ଏସବୁ ଶୃଙ୍ଖଳାକୁ ଯଥାବିଧି ମୂଲ୍ୟ ଦିଏ, କିନ୍ତୁ ସେସବୁର ଅପୂର୍ଣ୍ଣତା ମଧ୍ୟ ବୁଝିପାରେ । ସେ ଶୃଙ୍ଖଳିତ ଆଚରଣ କଲେ ମଧ୍ୟ ଚେତନାରେ ମୁକ୍ତ ।

ପ୍ରକୃତିର ସ୍ଥୂଳ ନିୟମ ମଧ୍ୟ ଅଲଂଘନୀୟ ନୁହେଁ । ଶୂନ୍ୟୋତ୍ଥାନ ସମ୍ପର୍କରେ କାହାରି କାହାରି ଧାରଣା ଥିବ – ଇଂରାଜୀରେ ଯାହାକୁ Levitation କୁହାଯାଏ । ମାଧ୍ୟାକର୍ଷଣ ଏକ ସାର୍ବଜନୀନ ନିୟମ । କିନ୍ତୁ ହଠଯୋଗ ଦ୍ୱାରା ସେ ନିୟମର ବିପରୀତାଚରଣ କରିବା ଯେ ସମ୍ଭବ, ଏହା କେହି କେହି ଯୋଗୀ ଧ୍ୟାନସ୍ଥ ଅବସ୍ଥାରେ କିଛି କିଛି ମାତ୍ରାରେ ଊର୍ଦ୍ଧ୍ୱକୁ ଉଠିଯାଇ ତାହା ପ୍ରମାଣ କରିଦିଅନ୍ତି ।

[‘ପ୍ରଜ୍ଞା-ପ୍ରଦୀପିକା’ ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୨୧୩-୨୧୬] ❑

ତୁମେ ଆସ ହେ ନବପ୍ରକାଶ

ଜ୍ୟୋସ୍ନାରାଣୀ ଦାଶ



କାନ୍ତ କୋମଳ ଶାନ୍ତ ଶୀତଳ
ଆଶ୍ୱିନର ମଧୁ ଜୋଛନାରେ,
ଆସ୍ପୃହାର ଦୀପ ଜାଳି ବସିଥିବା
ଶରତ ଶେଫାଳୀ ମହକରେ ।
ଚେତନା-ଆକାଶୁ ପରୀଟିଏ ସାଜି
ଓହ୍ଲାଇ ଆସୁଛ ଧରା ପରେ,
‘ନବପ୍ରକାଶ’ ଗୋ ସଭିଏଁ ବିମୁଗ୍ଧ
‘କେବଳ ସତ୍ୟ’ ଏ ବାଣୀଟିରେ ।
ଦିବ୍ୟ ଜନନୀଙ୍କ ସ୍ୱହସ୍ତ ନିଃସୃତ
ଏ ତୁମ ସୃଷ୍ଟିର ମର୍ମବାଣୀ,
ତୁମର ପ୍ରତିଟି ଅକ୍ଷର ଭିତରେ
ସୃଜୁ ଏ ସତ୍ୟର ସରଣୀ ।
ପ୍ରକାଶିତ ହୁଅ ହେ ନବପ୍ରକାଶ
ଅଜ୍ଞାନ ଅନ୍ଧାର କର ଦୂର,
ସାଧନାର ଏହି ଦୁର୍ଗମ ପଥେ
ହୁଅ ସଦା ଆମ ସହଚର । ❑

ଆନ୍ତରିକତା

ସୁନାମଣି ରାଉତ

"Be wholly sincere, never try to deceive others.
And try never to deceive yourself."
(CWM Vol. 14, p. 70) – The Mother

''ସମ୍ପୂର୍ଣ୍ଣ ଆନ୍ତରିକ ହୁଅ, ଅନ୍ୟମାନଙ୍କୁ ପ୍ରତାରିତ କରିବାକୁ ଚେଷ୍ଟା କର ନାହିଁ।
ଏବଂ ନିଜକୁ ମଧ୍ୟ କେବେ ପ୍ରତାରିତ କରିବାକୁ ଚେଷ୍ଟା କର ନାହିଁ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଆନ୍ତରିକତା**' କବିତାଟିର ପରିକଳ୍ପନା ଓ ରୂପାୟନ।]

ଅଢ଼େଇ ଦିନର ଜୀବନକୁ ନେଇ
ବଢ଼େଇ କରୁଛି ନର,
ଶଢ଼େଇରେ ବାଲି ଭାତ ଡାଲି ପରି
ଏ ସଂସାର ଧୂଳିଘର ॥୧॥

'ଏଇ ଅଛି', 'ଏଇ ନାଇଁ'ର ଭିତରେ
ନିଃଶ୍ୱାସ ପଡ଼ିଛି ବନ୍ଧା,
ବିଶ୍ୱାସ ହେଉନି ମଣିଷ ତଥାପି
କରୁଛି କେତେ ଯେ ଧନ୍ଦା ॥୨॥

କଳବଳ ଆଉ କଉଶଳ ବଳେ
ଅର୍ଥ, କ୍ଷମତା ପାଇଁ,
ସକାଳରୁ ସଞ୍ଜ, ସଞ୍ଜରୁ ସକାଳ
ହେଉଅଛି ହାଇଁପାଇଁ ॥୩॥

କେତେ ଯେ କାହାକୁ ପ୍ରତାରିତ କରି
ଦେଖାଏ ପାରିବା ପଣ,
ବିଜୟର ଧ୍ୱଜା ଚୌଦିଗେ ଉଡ଼ାଇ
ଭାବେ ଜିଣିଛି ସେ ରଣ ॥୪॥

ଚିନ୍ତା କରେନି ସେ ନିଜକୁ ନିଜେ ତ'
କରୁଅଛି ପ୍ରତାରିତ,
କର୍ମ-ଅକର୍ମର ଫଳ ସେ ଭୋଗିବ
ଗର୍ବ ହେବ ପରାହତ ॥୫॥

ଆନ୍ତରିକ ଭାବେ କର୍ମ କରିଯାଅ
ନମଣି ଆପଣା ପର,
ମନେ ରଖିଥିବ କ୍ଷଣଭଙ୍ଗୁର ଏ
ଧନ, ଗାଡ଼ି, ଘୋଡ଼ା, ଘର ॥୬॥

ଅନ୍ତରରେ ଧ୍ୟାନ କରୁଥିବ ନିତି
ଅଦୃଶ୍ୟ ସେ ମହାପ୍ରଭୁ
ବିଦ୍ୟା, ବୁଦ୍ଧି, ଜ୍ଞାନ-ଭଣ୍ଡାରର ଦାତା
ପିଣ୍ଡ-ବ୍ରହ୍ମାଣ୍ଡ ସେ ସବୁ ॥୭॥

ପ୍ରତାରଣା ତେଜି ଆନ୍ତରିକ ହୋଇ
କର୍ମରେ ଲଗାଅ ମତି,
ନିଜକୁ ନିଜେ ଯେ ପ୍ରତାରିତ କରେ
କାହିଁ ତା'ର ଗତି ମୁକ୍ତି ! ॥୮॥ ❑

ପୃଥିବୀ-ଚେତନା ପାଇଁ ସାଧନା :

ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୧୫୯)

କବି-ପ୍ରତିଭା ଓ 'ସାବିତ୍ରୀ' ମହାକାବ୍ୟ (ଖ) :

ମହାକାବ୍ୟ 'ସାବିତ୍ରୀ'ର ସୃଜନ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କର କତିପୟ ଚିଠିପତ୍ରରୁ ଉଦ୍ଧୃତି :

''ସିଏ ହେଉଛନ୍ତି ଜଣେ ସାହିତ୍ୟିକ ଯିଏକି କେବଳ ସାହିତ୍ୟ ସକାଶେ ସାହିତ୍ୟ ଓ ସାହିତ୍ୟିକ ସୃଷ୍ଟିସବୁ ସମ୍ବନ୍ଧେ ଗଭୀର ଅନୁରାଗୀ ଥା'ନ୍ତି । ଜଣେ ଯୋଗୀ ଯେତେବେଳେ ଲେଖନ୍ତି ସେ ସାହିତ୍ୟିକ ନୁହଁନ୍ତି, କାରଣ ସେ ତାଙ୍କର ଆନ୍ତର ଦିବ୍ୟ ସଂକଳ୍ପ ଓ ଦିବ୍ୟ ବାଣୀ ତାଙ୍କୁ ଯେପରି ପରିପ୍ରକାଶ କରନ୍ତୁ ବୋଲି ନିର୍ଣ୍ଣୟ କରିଥା'ନ୍ତି, ସେ ଅବିକଳ ତାହାହିଁ ବ୍ୟକ୍ତ କରିଥା'ନ୍ତି । ନିଜର ସାହିତ୍ୟିକ ବ୍ୟକ୍ତିତ୍ୱ ଅପେକ୍ଷା ଅଧିକ ମହତ୍ତର କିଛିର ସେ ମାଧ୍ୟମ ଓ ସାଧନ ମାତ୍ର ହୋଇଥା'ନ୍ତି ।''

(SABCL, Vol. 26, p. 221)

''(କାବ୍ୟ ରଚନାରେ) ଏକ କଳାନୈପୁଣ୍ୟ ଧାରା ହେଉଛି ଉତ୍କୃଷ୍ଟତା ଥିବା ଏକ ସୀମିତ ବିଷୟବସ୍ତୁକୁ ମନୋନୀତ କରିବା ଏବଂ ଏପରିକି ଏ କ୍ଷେତ୍ରରେ ମଧ୍ୟ କେବଳ ସେତିକି ବ୍ୟକ୍ତ କରିବା ଯେତିକି ଅତ୍ୟାବଶ୍ୟକ, ଯେତିକି ମୌଳିକ ଦୃଷ୍ଟିଭଙ୍ଗିର ସମ୍ୟକ୍ ସୂଚନା ଦେଉଥିବ ଏବଂ ବାକିସବୁକୁ ପାଠକବୃନ୍ଦଙ୍କ ମନର କଳ୍ପନା ଶକ୍ତି ବା ଭାବନା ଶକ୍ତି ଉପରେ ନ୍ୟସ୍ତ କରିବା । ଅନ୍ୟ ଏକ ଧାରା ହେଉଛି ଯାହାକୁ ମୁଁ ସମାନ ଭାବରେ କଳାନୈପୁଣ୍ୟ ଧାରା ବୋଲି ବିଶ୍ୱାସ କରେ କିଂବା ତୁମେ କହିପାର ସୃଜନୀପ୍ରକଳ୍ପ ବିଷୟକ କଳାନୈପୁଣ୍ୟ । — ସେଇଟି ହେଉଛି ବିଷୟବସ୍ତୁଟିର ପରିପୂର୍ଣ୍ଣତା ନିମିତ୍ତ ଅତ୍ୟାବଶ୍ୟକୀୟ ତଥା ଗୁରୁତ୍ୱପୂର୍ଣ୍ଣ ମୌଳିକ କିଛି ବସ୍ତୁକୁ ଆଦୌ ବାଦ୍ ନଦେଇ ସେଇଟିକୁ ଏକ ବ୍ୟାପକ ଏବଂ ଏପରିକି ଏକ ପୂର୍ଣ୍ଣାଙ୍ଗ ବ୍ୟାଖ୍ୟା ଦେବା । — ଏହି ଦ୍ୱିତୀୟ ଧାରାଟିକୁ ମୁଁ 'ସାବିତ୍ରୀ' ସୃଜନରେ ନିର୍ବାଚନ କରିଥିଲି ।''

(ଡତ୍ରେବ, ପୃଷ୍ଠା ୨୪୬ -୨୪୭)

*

ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ : ଆମକୁ ଆଶ୍ଚର୍ଯ୍ୟ ଲାଗୁଛି ଯେ ଆପଣଙ୍କୁ ଆପଣଙ୍କର କାବ୍ୟ ସୃଜନରେ ବାରଂବାର ପୁନର୍ଲିଖନ କରିବାକୁ ପଡୁଛି । — ଉଦାହରଣ ସ୍ୱରୂପ, 'ସାବିତ୍ରୀ' ମହାକାବ୍ୟକୁ ଦଶ କି ବାର ଥର । — ଯେତେବେଳେ ଆପଣଙ୍କର ପ୍ରତ୍ୟେକଟି କାବ୍ୟିକ ପ୍ରେରଣା ନିଜର ନିୟନ୍ତ୍ରଣାଧୀନ ହୋଇ ରହିଛି ଏବଂ ଏହାକୁ ଆମମାନଙ୍କ ସଦୃଶ କ୍ରମୋନ୍ନତ (budding) ଯୋଗୀଙ୍କ ସଦୃଶ ଆୟାସସାଧ୍ୟ ଭାବରେ ଗ୍ରହଣ କରିବାକୁ ହୋଇ ନଥାଏ ।

ଶ୍ରୀଅରବିନ୍ଦଙ୍କ ଉତ୍ତର : ଏହାର ଉତ୍ତର ଅତି ସହଜ । ମୁଁ 'ସାବିତ୍ରୀ'କୁ (ମୋ ସାଧନାର) ଆରୋହଣର ଏକ ଲିପିବଦ୍ଧ ମାଧ୍ୟମ ରୂପେ ବ୍ୟବହାର କରୁଥିଲି । ମୁଁ ଏହାକୁ ପ୍ରଥମେ ଏକ ନିର୍ଦ୍ଦିଷ୍ଟ ମାନସିକ ସ୍ତରରୁ ଆରମ୍ଭ କରିଥିଲି । ପ୍ରତ୍ୟେକ ଥର ମୁଁ ଯେତେବେଳେ ଊର୍ଦ୍ଧ୍ୱତର ସ୍ଥିତିକୁ ଉନ୍ନୀତ ହୋଇଉଠୁଥିଲି, ସେଇ ନୂତନ ସ୍ଥିତିରୁ ଏହାର ପୁନର୍ଲିଖନ କରୁଥିଲି । ଅଧିକନ୍ତୁ ଏକ ନିର୍ଦ୍ଦିଷ୍ଟ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲି — ଯଦି ପ୍ରଥମ ସୃଜନର କିଛି ଅଂଶ ନିମ୍ନ ସ୍ଥିତିରୁ ଲିପିବଦ୍ଧ ହୋଇଥିବାର ପ୍ରତୀୟମାନ ହେଉଥିଲା, ଯେଉଁଥିରେ ମୁଁ ସନ୍ତୁଷ୍ଟ ନଥିଲି, ତଥାପି ସେହି ଅଂଶଟି ସୁନ୍ଦର ପଦ୍ୟ ହୋଇଥିଲେ ମଧ୍ୟ ସେଇଟିକୁ ବାଦ୍ ଦେଇ ଦେଉଥିଲି । ମହାକାବ୍ୟଟିର ସୃଜନର ପ୍ରତ୍ୟେକଟି ଅଂଶ ଯଥାସମ୍ଭବ ସମାନ ସ୍ଥିତିରୁ ସୃଜନ ହେବା ଅପରିହାର୍ଯ୍ୟ । ପ୍ରକୃତରେ କହିବାକୁ ଗଲେ 'ସାବିତ୍ରୀ' ମୋ ସକାଶେ ଏକ କାବ୍ୟ ରଚନା କରି ଏହାର ପରିସମାପ୍ତି ଘଟାଇବା ସଦୃଶ କାବ୍ୟଟିଏ ନଥିଲା; କିନ୍ତୁ ଏହାକୁ ଯଥାସମ୍ଭବ କେତେଦୂର ମୁଁ ମୋର ଉପସ୍ଥିତ ଯୌଗିକ ଚେତନାରୁ ଲିପିବଦ୍ଧ କରି ସୃଜନଶୀଳ ରଚନାରେ ପରିଣତ କରାଇପାରିବାର ଏକ ପ୍ରୟୋଗାତ୍ମକ ଆଧାର (a field of experimentation) ରୂପେ ଗ୍ରହଣ କରିଥିଲି ।'' (୧୯୩୬)

('Savitri', 1981 Edn., p. 727-728)

*

''ସମଗ୍ର 'ସାବିତ୍ରୀ' ହେଉଛି କାବ୍ୟଟିର

ଶିରୋନାମାନୁଯାୟୀ ଏକ ପୌରାଣିକ କାହାଣୀ ଯାହାକି ଏକ ପ୍ରତୀକଧର୍ମୀ ଏବଂ ଏହାର ପ୍ରାରମ୍ଭିକ ସର୍ଗକୁ କୁହାଯାଇପାରେ ଏକ ସାଙ୍କେତିକ ପ୍ରାରମ୍ଭ ଓ ପୂର୍ବ-ସୂଚନା; ତେଣୁ ଏଥିରୁ ବୋଧଗମ୍ୟ ଯେ ଏଥିରେ କୌଣସି ଅଦରକାରୀ ବା ଅନାବଶ୍ୟକ କିଛି ନାହିଁ; ଯାହା ଆବଶ୍ୟକ ସେଇଟି ହେଉଛି ଏଥିରେ ପ୍ରତୀକାତ୍ମକ ଭାବରେ ବ୍ୟକ୍ତ କରାଯାଇଥିବା ବିଷୟବସ୍ତୁର ଗୁଣଧର୍ମକୁ ସମ୍ୟକ୍ ସୂଚନା ଦ୍ୱାରା ସ୍ପଷ୍ଟ କରିଦେବା ଏବଂ ତେଣୁ ଆରମ୍ଭରୁହିଁ ସମଗ୍ର କାବ୍ୟଟିର ମର୍ମାର୍ଥର ବିସ୍ତାରିତ ଓ ପୁଙ୍ଖାନୁପୁଙ୍ଖ ତଥ୍ୟ ସମ୍ବନ୍ଧରେ ପର୍ଯ୍ୟାପ୍ତ ଧାରାରେ ବର୍ଣ୍ଣନା କରାଯାଇଛି । ଏଥିରେ ବର୍ଣ୍ଣିତ ବିଷୟବସ୍ତୁକୁ ବୁଝିପାରୁ ନଥିବା କିଂବା ଯଦି ବି ବୁଝି ପାରୁଥା'ନ୍ତି ଅଥଚ ବିଷୟବସ୍ତୁଟିରେ ଆଗ୍ରହ ନଥିବା ଜଣେ ପାଠକଙ୍କୁ ଏହା ନିଃସନ୍ଦେହରେ ଖୁବ୍ ଦୀର୍ଘ ବୋଧ ହୋଇପାରେ; କିନ୍ତୁ ତାହା ଅବଶ୍ୟମ୍ଭାବୀ ।

(୪.୫.୧୯୪୭) (SABCL, Vol. 26, p. 247)

*

''ସମଗ୍ର 'ସାବିତ୍ରୀ' ମହାକାବ୍ୟଟିରେ ମୁଁ ଯେଉଁସବୁ ଦୃଶ୍ୟକୁ ସୂକ୍ଷ୍ମଦୃଷ୍ଟିରେ ଦେଖିଛି, ଯେଉଁସବୁ କଥାକୁ ଅନ୍ତରରେ ଅନୁଭବ କରିଛି, ଯାହାର ଅନୁଭୂତି ଲାଭ କରିଛି – ସେସବୁକୁ ନିର୍ଭୁଲ ଭାବରେ ବର୍ଣ୍ଣନା କରିବାକୁ ଯଥାସାଧ୍ୟ ପ୍ରୟାସ କରିଛି । ଉଦାହରଣ ସ୍ୱରୂପ, କାବ୍ୟଟିରେ ମୁଁ ଯଦି ଏକ ପଙ୍‌କ୍ତିରେ ବା କ୍ଷୁଦ୍ର ଅଂଶରେ ବହୁ ପରିମାଣରେ ପ୍ରାଚୁର୍ଯ୍ୟଭରା ଶୈଳୀରେ ବର୍ଣ୍ଣନାର ସୁଯୋଗ ନେଇଛି, ଏହା କେବଳ ପ୍ରଶ୍ରୟଦାନର ଆନନ୍ଦରୁ ନୁହେଁ, କିନ୍ତୁ ମୁଁ ମୋର ସୂକ୍ଷ୍ମଦୃଷ୍ଟିରେ ବା ମୋର ସୂକ୍ଷ୍ମାନୁଭୂତିରେ ସେହି ଭାରବହନର କିଂବା ମୋର କଳ୍ପନାରେ ବୋଧଗମ୍ୟ ହେଉଥିବା ସେହି ଭାରବହନର ସ୍ୱୀକୃତି ରହିଥିବା ଯୋଗୁଁ ।''

(୪.୫.୧୯୪୭) (ଡଟ୍ରେବ : ପୃ. ୨୪୯)

*

ନୀରଦବରଣଙ୍କ ଉକ୍ତିରେ : ''ଶ୍ରୀଅରବିନ୍ଦ ତାଙ୍କର ଦୁର୍ଘଟଣାଜନିତ ଅବସ୍ଥାରୁ ଯଥେଷ୍ଟ ଆରୋଗ୍ୟ ଲାଭ କରିବା ପରେ ପରେ ସେ ତାଙ୍କର 'The Life Divine' ଗ୍ରନ୍ଥର ପ୍ରକାଶନ କର୍ମରେ ଏକାଗ୍ର ହେଲେ । ୧୯୪୦ ମସିହାରେ ଏହି ଗ୍ରନ୍ଥଟି ପ୍ରକାଶ ପାଇଲା । ତାଙ୍କର ପରବର୍ତ୍ତୀ କର୍ମଟି ଥିଲା 'ସାବିତ୍ରୀ' ପାଣ୍ଡୁଲିପିର ପୁନଃପଠନ, ସଂଶୋଧନ ଓ ପରିବର୍ଦ୍ଧନ କରିବା । ଖୁବ୍ ସମ୍ଭବତଃ ୧୯୪୦ର ମଧ୍ୟଭାଗରୁ ସେ ନିତି ସକାଳଓଳି ଚେୟାରରେ ବସି ଓ ଉପରଓଳି ତାଙ୍କର ବିଛଣାରେ ବସି ଲେଖାଲେଖି କରୁଥିଲେ ।''

(Twelve Years with Sri Aurobindo, p. 172)

*

୨୦ ଜୁଲାଇ ୧୯୪୮ରେ ଶ୍ରୀଅରବିନ୍ଦ ଶିଷ୍ୟ ଅମଲକିରଣଙ୍କୁ ଏହି ମର୍ମରେ ଏକ ପତ୍ର ଲେଖିଥିଲେ : ''ମୁଁ ଦୁଃଖର ସହିତ କହୁଛି ଯେ ଏବେ ପୃଥିବୀ ଉପରେ ଅବିରତ କ୍ରିୟାଶୀଳ ଥିବା ଅଦିବ୍ୟ ଶକ୍ତିର ସଂଘର୍ଷରେ ମୋତେ ପ୍ରାୟ ସମ୍ପୂର୍ଣ୍ଣତଃ ଏକାଗ୍ର ରହିବାକୁ ପଡୁଛି । ... ଏପରିକି ପୂର୍ବରୁ ଲିଖିତ 'ସାବିତ୍ରୀ'ର ପାଣ୍ଡୁଲିପିକୁ ପୁନଃପଠନ ପୂର୍ବକ ସେଥିରେ ଆବଶ୍ୟକୀୟ ପରିବର୍ତ୍ତନ ଓ ପ୍ରଭୂତ ମାତ୍ରାରେ ପରିବର୍ଦ୍ଧନ କରିବା କର୍ମଟି ଖୁବ୍ ମଛର ହୋଇଉଠିଛି । କେବଳ ଅବଶେଷରେ ପ୍ରଥମ ଖଣ୍ଡଟିକୁ ତା'ର ଅନ୍ତିମ ପର୍ଯ୍ୟାୟରେ ଉପନୀତ କରିପାରିଛି; ଅନ୍ୟ ଦୁଇଟି ଖଣ୍ଡ ଏବେ ସ୍ଥଗିତ ଅବସ୍ଥାରେ ।''

(ଡଟ୍ରେବ : ପୃ. ୧୬୫-୧୬୬)

ପୁନଶ୍ଚ ନୀରଦଙ୍କ ଉକ୍ତିରେ : ''ପରିଶେଷରେ ପରବର୍ତ୍ତୀ କାର୍ଯ୍ୟଟି ଥିଲା ସମଗ୍ର ମହାକାବ୍ୟଟିର ପାଣ୍ଡୁଲିପିକୁ ପରିଷ୍କାର ପ୍ରତିଲିପିରେ ଶୁଦ୍ଧ ନକଲ କରି ଟାଇପ୍ କରିବାକୁ ଦେବା । ସାଧାରଣତଃ ଟାଇପ୍ କରିବା କର୍ମଟି ଥିଲା ନଳିନୀକାନ୍ତଙ୍କର । କିନ୍ତୁ ଯେହେତୁ ନକଲ କରାଯାଇଥିବା ପାଣ୍ଡୁଲିପିଟି ମଧ୍ୟ ପ୍ରଚୁର ପରିମାଣରେ ପରିବର୍ଦ୍ଧିତ କରାଯାଇଥିଲା, ତେଣୁ ଶ୍ରୀମାଶ୍ରୀଅରବିନ୍ଦ ଉଭୟେ ଭାବିଚିନ୍ତି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଉପରୋକ୍ତ ପରିବର୍ଦ୍ଧିତ ପାଣ୍ଡୁଲିପିକୁ ସିଧାସଳଖ ନଳିନୀଙ୍କୁ ଟାଇପ୍ କରିବାକୁ ଦେବା ସମୀଚୀନ ନୁହେଁ; ପୁନଶ୍ଚ ଶ୍ରୀଅରବିନ୍ଦ ମଧ୍ୟ ଏହାର ପରିଷ୍କାର ପ୍ରତିଲିପି ପ୍ରସ୍ତୁତ କରିପାରିବା ସମ୍ଭବ ନୁହେଁ । ତେଣୁ ଶ୍ରୀମା'ଙ୍କ ପ୍ରସ୍ତାବରେ ମୁଁ ପ୍ରତିଦିନ ସକାଳଓଳି ଶ୍ରୀଅରବିନ୍ଦଙ୍କ କକ୍ଷରେ ବସି ଏହି କର୍ମ ଆରମ୍ଭ କଲି । ... ଏହିପରି ଭାବରେ ଆମର ରୁଟିନ୍‌ବଦ୍ଧା କାମ ଗଡ଼ିଚାଲିଲା । ...

''ତଥାପି ଶ୍ରୀଅରବିନ୍ଦ 'ସାବିତ୍ରୀ' ସକାଶେ ଯଥେଷ୍ଟ ସମୟ ଦେଇ ପାରୁ ନଥିଲେ । ଦିନେ ୧୯୫୦ ମସିହାରେ ଶ୍ରୀଅରବିନ୍ଦ ତାଙ୍କ କକ୍ଷରେ ଉପସ୍ଥିତ ଆମ ସମସ୍ତଙ୍କୁ ବିସ୍ମୟାଭିଭୂତ କରି ସାମାନ୍ୟ ଉଚ୍ଚ ସ୍ୱରରେ କହିଉଠିଲେ : 'My main work is being delayed.' ('ମୋର ପ୍ରଧାନ କର୍ମଟିରେ ବିଳମ୍ବ ହେଉଛି ।') ଗୁରୁଦେବଙ୍କର ଉପରୋକ୍ତ

ବକ୍ତବ୍ୟର ମର୍ମାର୍ଥ ହୃଦୟଙ୍ଗମପୂର୍ବକ ୧୯୫୦ର ପ୍ରାୟ ମଧ୍ୟଭାଗରୁ ପ୍ରତିଦିନ ସକାଳ ଏଗାରଟାରୁ ଦ୍ୱିପ୍ରହର ଦେଢ଼ଟା ପର୍ଯ୍ୟନ୍ତ 'ସାବିତ୍ରୀ' ସକାଶେ ଅଧିକ ସମୟ ନିଧାର୍ଯ୍ୟ କରାଗଲା; ମଝିରେ କୌଣସି ବିରତି ବା ବାଧା ସୃଷ୍ଟି ନକରି। କେବଳ ମଝିରେ ଗୁରୁଦେବଙ୍କର ଆବଶ୍ୟକ ହେଲେ ପିପର୍‌ମେଣ୍ଟ୍ ଲଜେନ୍‌ସଟିଏ ତତ୍‌କ୍ଷଣାତ୍ ସଦାଜାଗ୍ରତ୍ ଚମ୍ପକଲାଲ ଯୋଗାଇ ଦେଉଥିଲେ। ଠିକ୍ କାନ୍ଥଘଡ଼ିରେ ଏଗାରଟା ବାଜିବା ମାତ୍ରେ ମୁଁ ସାଧାରଣତଃ ଗଦାଏ 'ସାବିତ୍ରୀ' ପାଣ୍ଡୁଲିପି ଓ ନୋଟ୍ ବୁକ୍ ଧରି ତାଙ୍କ କକ୍ଷର ଚଟାଣରେ ବସି ପ୍ରସ୍ତୁତ ରହୁଥିଲି। ଗୁରୁଦେବ ଇତିପୂର୍ବରୁ ତାଙ୍କ ବିଛଣାରେ ପ୍ରତ୍ୟାଶିତ ମନୋଭାବରେ ମୋର ଆଗମନକୁ ସ୍ମିତହାସ୍ୟରେ କ୍ଷଣିକ ଦୃଷ୍ଟିପାତ କରୁଥିଲେ। ମୁଁ ଚଟାଣରେ ତାଙ୍କ ବାମ ପାର୍ଶ୍ୱରେ ବସୁଥିଲି। ତାଙ୍କର ପାଦ ରଖିବା ଛୋଟ ଷ୍ଟୁଲ୍‌ଟି ମୋର ଟେବୁଲ ଥିଲା। ଇତିପୂର୍ବରୁ ଆମର ଶ୍ରୁତଲିଖନ-କର୍ମଟି ଯେଉଁଠି ବନ୍ଦ ରହିଥିଲା, ତା'ପରଠୁ ପୁଣି ଲେଖା ଆରମ୍ଭ ହେଲା। କେତେବେଳେ ସେ ସିଧାସଳଖ ବସି, କେତେବେଳେ ବାମ ପାର୍ଶ୍ୱରେ ଥିବା ତକିଆରେ ଭରାଦେଇ, ସମ୍ମୁଖରେ ଦୃଷ୍ଟିନିବଦ୍ଧ ରଖି ସେ 'ସାବିତ୍ରୀ'ର ପଙ୍‌କ୍ତି ଆବୃତ୍ତି କରି ଚାଲିଥିଲେ – ଅଚଞ୍ଚଳ, ନମ୍ର କଣ୍ଠସ୍ୱରରେ, ସ୍ୱାତନ୍ତ୍ର୍ୟସୂଚକ ପରିଷ୍କାର ଇଂରାଜୀ ଉଚ୍ଚାରଣରେ। ତାଙ୍କର ସ୍ୱରଭଙ୍ଗିରେ କୌଣସି ଉତ୍ଥାନ-ପତନ କିଂବା ଅନ୍ୟ କୌଣସି ନାଟକୀୟ ଗୁଣଧର୍ମ ନଥିଲା; ଏହା ଥିଲା ସରଳ ଗଦ୍ୟ ଶ୍ରୁତଲିଖନ ଡାକିବା ଧରଣର। ଅବଶ୍ୟ ଆବଶ୍ୟକ ସ୍ଥଳେ ପୂର୍ଣ୍ଣଚ୍ଛେଦର ପରିପ୍ରକାଶ କରୁଥିଲେ। ...''*

(ଡଟ୍ରେବ : ପୃ. ୧୭୮-୧୭୯)

*

ଅବଶେଷରେ 'ସାବିତ୍ରୀ' ମହାକାବ୍ୟର ପ୍ରଥମ ଖଣ୍ଡଟି ବ୍ୟାପକ ଭାବରେ ପୁନଃ ସଂଶୋଧନ ଏବଂ ଅନେକ କ୍ଷେତ୍ରରେ ନୂତନ ପଙ୍‌କ୍ତିଯୁକ୍ତ କରାଯାଇ ପରିବର୍ଦ୍ଧନପୂର୍ବକ ୧୯୫୦ରେ ପୁସ୍ତକାକାରରେ ପ୍ରକାଶ ପାଇଲା। ଏହି ମହାକାବ୍ୟର ଉପକ୍ରମଣିକାରେ ଶ୍ରୀଅରବିନ୍ଦ 'ସତ୍ୟବାନ୍ ଓ ସାବିତ୍ରୀ' ଉପାଖ୍ୟାନ ସମ୍ବନ୍ଧରେ ଏହି ମର୍ମରେ ଟିପ୍‌ପଣୀ ଦେଇଛନ୍ତି :

''ମହାଭାରତରେ ସତ୍ୟବାନ୍ ଏବଂ ସାବିତ୍ରୀଙ୍କ କାହାଣୀ ଦାମ୍ପତ୍ୟ-ପ୍ରେମ ମୃତ୍ୟୁ ଜୟ କରିବାର ଗଳ୍ପ ଭାବରେ ବିବୃତ ହୋଇଛି। କିନ୍ତୁ ଏ କିଂବଦନ୍ତି; ମାନବିକ କାହାଣୀଟିର ଅନେକ ଦିଗରୁ ଯାହା ଜଣାଯାଏ, ବୈଦିକ ଚକ୍ରର ଅନେକ ପ୍ରତୀକାତ୍ମକ ପୁରାକଥା ଭିତରୁ ଗୋଟିଏ। ସତ୍ୟବାନ୍ ହେଲେ ନିଜ ଭିତରେ ସତ୍ତାର ଦିବ୍ୟସତ୍ୟ ଧାରଣ କରୁଥିବା ଆତ୍ମା, କିନ୍ତୁ ମୃତ୍ୟୁ ଏବଂ ଅଜ୍ଞାନର ଆୟତ୍ତ ମଧ୍ୟକୁ ଅବତରିତ; ସାବିତ୍ରୀ ହେଲେ ଦିବ୍ୟ ବାକ୍, ସୂର୍ଯ୍ୟଙ୍କର କନ୍ୟା, ପରମ ସତ୍ୟର ଦେବୀ, ଯିଏ ଅବତରଣ କରିଛନ୍ତି ଏବଂ ରକ୍ଷା କରିବାକୁ ଜନ୍ମଗ୍ରହଣ କରିଛନ୍ତି; ଅଶ୍ୱପତି, ଅଶ୍ୱର ପ୍ରଭୁ, ତାଙ୍କ ମାନବ ପିତା ହେଲେ ତପସ୍ୟାର ପ୍ରଭୁ, ଅଧ୍ୟାତ୍ମ ପ୍ରୟାସର ଘନୀଭୂତ ଓଜଃ ଯାହା ଆମକୁ ମର ସ୍ତରରୁ ଅମର ସ୍ତରକୁ ଉଠିବାକୁ ସହାୟତା ଦିଏ; ଦ୍ୟୁମତ୍‌ସେନ, ଦ୍ୟୁତିମାନ୍ ବାହିନୀର ପ୍ରଭୁ, ସତ୍ୟବାନଙ୍କ ପିତା ହେଉଛନ୍ତି ଦିବ୍ୟ ମାନସ, ଯିଏ ଏଠାରେ ହୋଇଛନ୍ତି ଅନ୍ଧ, ଆପଣାର ସ୍ୱର୍ଗିକ ପରାଦୃଷ୍ଟିର ରାଜ୍ୟ ହରାଇ ଏବଂ ସେହି ଯୋଗୁଁ ହରାଇ ନିଜର ଗରିମାର ରାଜ୍ୟ। ତଥାପି ଏହା ଦ୍ୱ୍ୟର୍ଥରୂପକ (allegory) ମାତ୍ର ନୁହେଁ; ଚରିତ୍ରସବୁ ବ୍ୟକ୍ତି ଭାବରେ ଚିତ୍ରିତ ଗୁଣଗ୍ରାମ ନୁହନ୍ତି, ସେମାନେ ଜୀବନ୍ତ ଏବଂ ସଚେତନ ଶୌର୍ଯ୍ୟସମୂହର ଅବତାର ବା ବିଭୂତି – ଆମେ ଯେଉଁମାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିପାରୁଁ। ସେମାନେ ମାନବ ଶରୀର ଗ୍ରହଣ କରନ୍ତି ମଣିଷର ସହାୟତା ନିମନ୍ତେ ଏବଂ ତାହାକୁ ତା'ର ମର ଅବସ୍ଥାରୁ ଦିବ୍ୟ ଚେତନା ଏବଂ ଅମର ଜୀବନକୁ ପଥ ପ୍ରଦର୍ଶନ କରାଇବା ନିମନ୍ତେ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

* ଏହି ପରିପ୍ରେକ୍ଷୀରେ ନୀରଦବରଣଙ୍କ ଉକ୍ତିରେ : ''... ଲେଖୁ ଲେଖୁ ଯଦି କେତେକ ଶବ୍ଦ ବାଦ୍ ପଡ଼ି ଯାଉଥିଲା, ମୁଁ ତାଙ୍କୁ ପୁଣି ପଚାରୁଥିଲି; କିନ୍ତୁ ବେଳେ ବେଳେ ମୁଁ ଠିକ୍ ଶବ୍ଦ ଶୁଣିଛି ବୋଲି ଭାବି ଲେଖି ନେଉଥିଲି। ପରବର୍ତ୍ତୀ କାଳରେ ତାଙ୍କର ତିରୋଧାନ ପରେ ସୁନିପୁଣ ଭକ୍ତଗଣ ଲକ୍ଷ୍ୟ କଲେ ଯେ କେତେକ ଶବ୍ଦ ସନ୍ଦେହାତ୍ମକ, ଅନିଶ୍ଚିତ କିଂବା ଏପରିକି ଭ୍ରମାତ୍ମକ। ପୁନଶ୍ଚ ପ୍ରଭୂତ ମାତ୍ରାରେ ଭୁଲ୍ ବିରାମଚିହ୍ନ ରହିଛି। (ଏହା ସ୍ୱାଭାବିକ) କାରଣ ଶ୍ରୀଅରବିନ୍ଦ ପଙ୍‌କ୍ତି ପରେ ପଙ୍‌କ୍ତି ଡାକୁଥିବା ବେଳେ ବିରାମଚିହ୍ନ ପ୍ରକାଶ କରୁ ନଥିଲେ ଏବଂ ମୁଁ ବି ତାଙ୍କୁ ପଚାରୁ ନଥିଲି। କବି ଯେତେବେଳେ କାବ୍ୟଟିକୁ ଲିପିବଦ୍ଧ କରିବା ଉଦ୍ଦେଶ୍ୟରେ ଡାକି ଚାଲିଥା'ନ୍ତି, ସେତେବେଳେ ତାଙ୍କୁ ବିରାମଚିହ୍ନ ସମ୍ବନ୍ଧେ ସ୍ମରଣ କରାଇଦେବା ସମୀଚୀନ ନୁହେଁ।'' (ଡଟ୍ରେବ : ପୃ. ୧୭୯)

ଦେବମୁହୂର୍ତ୍ତ

ରାମକୃଷ୍ଣ ଦାସ

['ଦେବମୁହୂର୍ତ୍ତ' ଶ୍ରୀ ରାମକୃଷ୍ଣ ଦାସଙ୍କ ଦ୍ୱାରା ରଚିତ ଏକ କ୍ଷୁଦ୍ର ପୁସ୍ତିକା । ଏହି ପୁସ୍ତିକାଟି ସମ୍ପର୍କରେ ପ୍ରକାଶକଙ୍କ ଅଭିମତ ଏହିପରି : ବର୍ତ୍ତମାନ ସଂସାର ଘନଘୋର ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏହା ପୃଥ୍ୱୀ ବିବର୍ତ୍ତନର ଏକ ଘୋର ସନ୍ଧିକ୍ଷଣ ଅବସ୍ଥା । ଏହା ସତ୍ତ୍ୱେ ସାଧାରଣ ମାନୁଷୀ ଦୃଷ୍ଟିର ଅନ୍ତରାଳରେ ଏକ ବିରାଟ ମହତୀ ଭାଗବତୀ ଚେତନା କ୍ରିୟାଶୀଳ । ଯାହାର କୃପା ଓ ସ୍ପର୍ଶ ଲାଭ କରି ଏ ସୃଷ୍ଟି ଏକ ବିଶାଳ ବ୍ୟାପକ ଆଲୋକମୟ ସ୍ତରକୁ ଉଠି ଚାଲିଛି । ଅର୍ଥାତ୍ ଏବେ ସମଗ୍ର ମଣିଷ ସମାଜ ଏକ ଅପୂର୍ବ ଅଦ୍ଭୁତ ମାହେନ୍ଦ୍ରବେଳା ମଧ୍ୟଦେଇ ଗତି କରୁଛି । ଏହି ପ୍ରସଙ୍ଗକୁ ଲେଖକ ଉପଲବ୍ଧି କରି ଏହାର ସଦ୍‌ବ୍ୟବହାର କିପରି କରିବାକୁ ହେବ ତାହା ସେ ଏହି କ୍ଷୁଦ୍ର ପୁସ୍ତିକାଟିରେ ପ୍ରକାଶ କରିଛନ୍ତି । ଏତଦ୍ ଦ୍ୱାରା ମଣିଷ ସମାଜ ବହୁ ସଂଖ୍ୟାରେ ଏହି ଦେବମୁହୂର୍ତ୍ତ ସମ୍ବନ୍ଧରେ ସଚେତନ ହେବେ ଏବଂ ଏହାର ସଦୁପଯୋଗ କରିବେ ବୋଲି ଆଶା ।

ପୁସ୍ତିକାଟି ସମ୍ପର୍କରେ ସମ୍ୟକ୍ ସୂଚନା ପରେ ଏହାକୁ ଅଧ୍ୟୟନ ଓ ଅନୁଭବ କରିବା ଅଧିକ ସହଜ ହେବ ବୋଲି ଆଶା କରୁ – ସମ୍ପାଦନା]

ଲକ୍ଷ୍ୟ, ପାଠଚକ୍ର ଓ ମହିଳା ପାଠଚକ୍ର

ପୃଥିବୀକୁ ଦେବମୁହୂର୍ତ୍ତ ଆସିଛି । ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ବର୍ତ୍ତମାନ ଏହା ମନୁଷ୍ୟ ସମ୍ମୁଖରେ ଉପସ୍ଥିତ ହୋଇ ଅଛି । ମନୁଷ୍ୟ ସଚେତ ହୋଇ ଦେବମୁହୂର୍ତ୍ତର ସଦୁପଯୋଗ କରିପାରିଲେ ଜୀବନ ସାର୍ଥକ ହେବ । ଚିରଦିନ ଦିବ୍ୟ ଆନନ୍ଦ, ଦିବ୍ୟ ଶକ୍ତି ଓ ଦିବ୍ୟ ଜ୍ଞାନରେ ନିବାସ କରିବ । ସଂସାରରେ ସମସ୍ତ ପ୍ରକାର ଉପଯୋଗୀ ଉତ୍ତମ କର୍ମ – ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶସେବାଦି ସମସ୍ତ କର୍ମରେ ଉନ୍ନତି କରିବା ଏବଂ ଶୃଙ୍ଖଳାର ସହିତ ନିଜର ଏବଂ ଦେଶର ଉନ୍ନତି ସକାଶେ ଦକ୍ଷତାର ସହିତ କର୍ମ କରି ପାରିବ । ପରିବାରରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାକୁ ଆରମ୍ଭ କରିବ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ଓ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତିର ମାର୍ଗରେ ଅଗ୍ରସର ହୋଇ ପାରିବ । ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ, ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ଏବଂ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା କରିବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ଚାଲୁଅଛି । ଏହି ଲକ୍ଷ୍ୟ ସିଦ୍ଧି ସକାଶେ ଭଗବାନ୍ ଶ୍ରୀମାଶ୍ରୀଅରବିନ୍ଦ ମନୁଷ୍ୟ ଶରୀରରେ ସଂସାରକୁ ଆସି ନିଜ ତପସ୍ୟା ବଳରେ ଅତିମାନସ ଶକ୍ତିକୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ଆଚରଣ କଲେ ଲକ୍ଷ୍ୟ ସିଦ୍ଧି କରି ପାରିବ । ବ୍ୟକ୍ତି ଏହି ସୁଯୋଗ ହରାଇଲେ ଅଥବା ଏହି ଲକ୍ଷ୍ୟ ଗ୍ରହଣ ନକଲେ ଉପସ୍ଥିତ ଦେବମୁହୂର୍ତ୍ତରୁ ବଞ୍ଚିତ ରହିବ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ

ଲକ୍ଷ୍ୟ ହେଉଛି ଜୀବନ ଉନ୍ନତିର ଆଧାର । ଲକ୍ଷ୍ୟବିହୀନ ବ୍ୟକ୍ତିର ଜୀବନ ମଙ୍ଗବିହୀନ ନୌକା ବା ଇଞ୍ଜିନ୍‌ବିହୀନ ଗାଡ଼ି ସଦୃଶ । ଶହେ ବର୍ଷ ପୂର୍ବେ ଅଳ୍ପ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ବିଶେଷକରି ମହିଳାମାନଙ୍କର ପଢ଼ିବାର ଲକ୍ଷ୍ୟ ନଥିଲା । ଲକ୍ଷ୍ୟ ନଥିବା ଯୋଗୁଁ ହରିଜନ ଏବଂ ସାଧାରଣ ଚାଷ କରୁଥିବା ବ୍ୟକ୍ତିମାନେ ନିଜ ନିଜ ପିଲାମାନଙ୍କୁ ବିଦ୍ୟାଶିକ୍ଷା ଦେଉ ନଥିଲେ । ନାରୀ-ସମାଜରେ ତ ବିଦ୍ୟାଶିକ୍ଷାର ପ୍ରଶ୍ନ ଉଠୁ ନଥିଲା । ପରେ ଝିଅ, ପୁଅ, ଗରିବ, ଧନୀ ପ୍ରତ୍ୟେକ ବ୍ୟକ୍ତି ସକାଶେ ବିଦ୍ୟା ଏକାନ୍ତ ଆବଶ୍ୟକ ଏବଂ ଶିକ୍ଷା ବିନା ଜୀବନ ଅବିକଶିତ ଓ ନିରର୍ଥକ ବୋଲି ବ୍ୟକ୍ତି ଜାଣିବାରୁ ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପିଲାଙ୍କୁ ଶିକ୍ଷା ଦେବାକୁ ପ୍ରଯତ୍ନ କରୁଅଛନ୍ତି ।

ଠିକ୍ ଜୀବନର ଲକ୍ଷ୍ୟ ସେହିପରି । କ୍ରମବିକାଶ

ଅନୁସାରେ ମନର ବିକାଶ ଶେଷ ହୋଇ ନଥିଲା । ସେହି କାରଣରୁ ଜୀବନର ଲକ୍ଷ୍ୟ ପ୍ରାପ୍ତିର ସମୟ ଆସି ନଥିଲା । ସେଥିପାଇଁ ଜୀବନର ଲକ୍ଷ୍ୟ ଜାଣିବାର ଆବଶ୍ୟକତା ନଥିଲା । ମନର ବିକାଶ ସମାପ୍ତ ହେବାରୁ ଶ୍ରୀମାଶ୍ରୀଅରବିନ୍ଦ ମନୁଷ୍ୟ-ଶରୀର ଧାରଣ କରି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରିଅଛନ୍ତି । ସ୍ୱୟଂ ଆଶ୍ରମ ନିର୍ମାଣ କରି ମନୁଷ୍ୟଜାତି ସମ୍ମୁଖରେ ଆଦର୍ଶ ରଖି ଅଛନ୍ତି । ଏହାହିଁ ଆମ୍ଭମାନଙ୍କ ସକାଶେ ଦେବ-ମୁହୂର୍ତ୍ତ । ଆମ୍ଭେମାନେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆଚରଣ କଲେ ଦେବମୁହୂର୍ତ୍ତର ଉପଯୋଗ କରିପାରିବା । ଲକ୍ଷ୍ୟ ପ୍ରାପ୍ତିର ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରଚାର କାର୍ଯ୍ୟରେ ମଧ୍ୟ ସହଯୋଗ କରିପାରିବା । ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଚରଣ କରିବେ ସେହି ଅନୁପାତରେ ସଂସାରରୁ ଦୁର୍ନୀତି, ଚୋରି, ଡକାୟତି, ହିଂସା, ଲାଞ୍ଚ, ମିଛ, ଯୁଦ୍ଧ, ବାଦବିବାଦ କ୍ରମଶଃ କମ୍ ହେବାକୁ ଲାଗିବ । ଶେଷରେ ଏହି ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଆଦର୍ଶ ଗ୍ରହଣ ଛଡ଼ା ସଂସାରରୁ ଦୁର୍ନୀତି ଦୂର ହେବାର, ବ୍ୟକ୍ତି ସୁଖ-ଶାନ୍ତିରେ ରହି ଉନ୍ନତ ଜୀବନଯାପନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ସଂସାରରେ ଦୁର୍ନୀତି, ଦୁଃଖକଷ୍ଟ, ଅସତ୍ୟ, ଅନ୍ୟାୟର କାରଣ ହେଉଛି ମନୁଷ୍ୟର ମନ, ପ୍ରାଣ, ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି । ଏସବୁ ସାଂସାରିକ ବିଧିବିଧାନ, ନିୟମ, ପ୍ରଣାଳୀ ଦ୍ୱାରା ପରିବର୍ତ୍ତିତ ହେବ ନାହିଁ । ଏପରିକି ପୁରାତନ ଯୋଗ-ପ୍ରଣାଳୀ ଦ୍ୱାରା ମଧ୍ୟ ଏସବୁର ପରିବର୍ତ୍ତନ ସମ୍ଭବ ନୁହେଁ । ସଂସାରର ସର୍ଜନା ଦିନରୁ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଚେଷ୍ଟା ହୋଇ ଆସୁଥିବା ସତ୍ତ୍ୱେ ସେସବୁର ବୃଦ୍ଧି ହେଉଅଛି, ପରିବର୍ତ୍ତନ ହେଉ ନାହିଁ । ପୁରାତନ ଯୋଗସବୁ ଦ୍ୱାରା ମନ, ପ୍ରାଣ, ଶରୀରର ଗୁଣଧର୍ମ ପରିବର୍ତ୍ତିତ ହେବା ସମ୍ଭବ ନଦେଖି, ମନ, ପ୍ରାଣ, ଶରୀରକୁ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରି ସାଧକମାନେ ଜନ୍ମ-ମରଣରୁ ମୁକ୍ତ ହେଲେ; ମାତ୍ର ସଂସାର ଠିକ୍ ପୂର୍ବପରି ଦୁଃଖକଷ୍ଟ ଭିତରେ ବୁଡ଼ି ରହିଲା ।

ପ୍ରଶ୍ନ : ଜୀବନର ଲକ୍ଷ୍ୟ କ'ଣ ? ଆମେ ତାହା ଜାଣିବା କିପରି ?

ଉତ୍ତର : ସଂସାରର ସମସ୍ତ ବ୍ୟକ୍ତି ଯାହା ଚାହାନ୍ତି, ଯେଉଁ ଚାହିଁବା କେବେ ବି ପରିବର୍ତ୍ତିତ ହୁଏ ନାହିଁ, ତାହାହିଁ ଜୀବନର ଲକ୍ଷ୍ୟ ।

ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ଦୁଃଖକଷ୍ଟ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହିଁ ଆସୁଅଛନ୍ତି ଏବଂ ଚେଷ୍ଟା ମଧ୍ୟ କରି ଆସୁଅଛନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ସମ୍ବନ୍ଧେ ବ୍ୟକ୍ତି ସଚେତନ ନହୋଇ ମଧ୍ୟ ଏଥିରୁ ମୁକ୍ତି ପାଇବା ସକାଶେ ଅଜ୍ଞାତଭାବେ ସମସ୍ତ ସତ୍, ଅସତ୍, ଉଚ୍ଚ, ନୀଚ କର୍ମ କରୁ ଅଛନ୍ତି ।

ବ୍ୟକ୍ତି ପଢ଼େ, ଚାକିରି କରେ, ବ୍ୟବସାୟ କରେ, ଦେଶସେବା କରେ, ସ୍ନାନ ଭୋଜନ କରେ ସୁଖଶାନ୍ତିରେ ରହିବା ସକାଶେ । ଏପରିକି ଲକ୍ଷ୍ୟ ସମ୍ବନ୍ଧେ ଅଚେତ ହୋଇ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ଉପାୟ ନଜାଣି ଅଜ୍ଞାନ ଶକ୍ତିର କବଳରେ ପଡ଼ି ଭ୍ରମବଶତଃ ବ୍ୟକ୍ତି ଚୋରି କରେ, ଡକାୟତି କରେ, ହିଂସା କରେ – ସୁଖଶାନ୍ତିରେ ରହିବା ସକାଶେ । କିନ୍ତୁ ଲକ୍ଷ୍ୟଜ୍ଞାନ ନଥିବା ଯୋଗୁଁ ବ୍ୟକ୍ତି ଭ୍ରମବଶତଃ ଲକ୍ଷ୍ୟ ପ୍ରାପ୍ତିର ପ୍ରତିକୂଳ କର୍ମ କରେ । ସେହି ସକାଶେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରି ନପାରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଭୋଗ କରୁଥାଏ । ଏହିସବୁରୁ ମୁକ୍ତ ହେବାର ସମୟ ଆସିଅଛି । ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ସାଧନା – ସମର୍ପଣ, ଅଭୀପ୍ସା, ପ୍ରତିକୂଳ କର୍ମ ଓ ପ୍ରତିକୂଳ ବିଚାର ତ୍ୟାଗ କରି 'ମା' ଏହି ନାମଜପ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଛନ୍ତି – ଏହି ବିଶ୍ୱାସ ରଖି ସାଧନା-ମାର୍ଗରେ ଅଗ୍ରସର ହେଲେ ଲକ୍ଷ୍ୟସିଦ୍ଧି କରିପାରିବ ।

ପ୍ରଶ୍ନ : କୁହାଗଲା ଯେ ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଉତାରି ଆଣି ଏହି ମୃତ୍ୟୁପୁରୀ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ରୂପାନ୍ତରିତ ହେବ । ଏହାହିଁ ଦେବମୁହୂର୍ତ୍ତ । ଏହି ଦେବମୁହୂର୍ତ୍ତ କ୍ରମଶଃ ବିକାଶ ହୋଇ ସ୍ଥାୟୀଭାବେ

ଚାଲିବ । ଯଦି ଏହା ସ୍ଥାୟୀଭାବେ ଚାଲିବ, ତେବେ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ନକଲେ ମଧ୍ୟ ଏହି ଦେବମୁହୂର୍ତ୍ତରୁ ବଞ୍ଚିତ ହେବ କିପରି ? ଏ ଜନ୍ମରେ ଏହି ଯୋଗ ଗ୍ରହଣ ନକଲେ ମଧ୍ୟ ପରଜନ୍ମରେ ତ ଗ୍ରହଣ କରିପାରିବ !

ଉତ୍ତର : ଦେବମୁହୂର୍ତ୍ତ ବଢ଼ିଚାଲିବ, ଅର୍ଥାତ୍ ଅତିମାନସ ଶକ୍ତିର କ୍ରିୟା କ୍ରମଶଃ ବୃଦ୍ଧି ହୋଇ ଚାଲିଥିବ । ଏହା ସଂପୂର୍ଣ୍ଣ ସତ୍ୟ । ବର୍ତ୍ତମାନ ଏହି ସତ୍ୟକୁ ଯଦି ଆମ୍ଭେମାନେ ଗ୍ରହଣ ନ କରିବା, ତେବେ ଏହି ଯେଉଁ ଦୁଃଖ-କଷ୍ଟ ଭୋଗୁଅଛୁ, ତହିଁରୁ ମୁକ୍ତ ହୋଇପାରିବା ନାହିଁ । ଅତିମାନସ ଶକ୍ତି ସମ୍ମୁଖରେ ଥାଇ ମଧ୍ୟ ଆମ୍ଭେମାନେ ଦୁଃଖ-କଷ୍ଟରେ ଘାଣ୍ଟି ହେଉଥିବା । କ୍ଷୁଧାର୍ତ୍ତ ସମ୍ମୁଖରେ ଉତ୍ତମ ଭୋଜନ ଥିବା ସତ୍ତ୍ୱେ ସେ ତାହା ଗ୍ରହଣ ନକରି ଦୁଇ ତିନି ଦିନ ପରେ ମିଷ୍ଟାନ୍ନ ପ୍ରାପ୍ତ ହେବ ବୋଲି ଉପସ୍ଥିତ ଭୋଜନକୁ ତ୍ୟାଗ କରି କ୍ଷୁଧାରେ ପୀଡ଼ିତ ହୋଇ ଛଟପଟ ହେବା ସଦୃଶ ଉପସ୍ଥିତ ସତ୍ୟକୁ ଗ୍ରହଣ ନ କରି ତାକୁ ହରାଇବା ମହାନ୍ ଭୁଲ୍ ହେବ ।

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ହେଲା ଯେ ଏହି ସତ୍ୟକୁ ଜାଣିବା ମାତ୍ରେ ଗ୍ରହଣ କରିବା ଉଚିତ । କିନ୍ତୁ ଏହି ଲକ୍ଷ୍ୟ ପ୍ରାପ୍ତିର ଉପାୟ ବା ସାଧନା କ'ଣ ?

ଉତ୍ତର : ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି । ଏହି ଲକ୍ଷ୍ୟସିଦ୍ଧିର ସାଧନା ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବିଚାର ଓ କର୍ମର ତ୍ୟାଗ ଏବଂ ନିରନ୍ତର 'ମା' ଏହି ନାମ ଜପ ଏବଂ କିଛି ସମୟ ନିଜର ହୃଦୟ ବା ମସ୍ତିଷ୍କର ଊର୍ଦ୍ଧ୍ୱରେ ଧ୍ୟାନ କରିବା । ମୁଁ ମା'ଙ୍କର ସନ୍ତାନ, ମା' ମୋ ସଙ୍ଗେ ରହି ମୋତେ ସର୍ବଦା ରକ୍ଷା କରୁଅଛନ୍ତି – ଏହି ଧାରଣା ସବୁ ସମୟରେ ରଖିବାକୁ ହେବ । ଏହାହିଁ ସାଧନା ।

ଅଭୀପ୍ସାର ଅର୍ଥ ଅନ୍ତରର ଇଚ୍ଛା । ସଂସାରୀ ବ୍ୟକ୍ତି ତା'ର ସ୍ୱାର୍ଥବସ୍ତୁ ପାଇବା ନିମିତ୍ତ ଚାହିଁବାକୁ ଇଚ୍ଛା କୁହାଯାଏ । ମାତ୍ର ଭଗବତ୍ ପ୍ରାପ୍ତିର ଇଚ୍ଛା ବା ଚାହିଁବାକୁ ଅଭୀପ୍ସା କୁହାଯାଏ ।

ଅଭୀପ୍ସା କରିବାକୁ ହେବ ନିରନ୍ତର – 'ମା' ଏହି ନାମଜପ କରିବା ସକାଶେ, ନିଜେ ଏବଂ ନିଜର ଯାହାକିଛି ଅଛି ତାହାକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ, ପ୍ରତିକୂଳ ସମସ୍ତ କର୍ମ, ସମସ୍ତ ଚିନ୍ତା, ସମସ୍ତ ଆଚରଣ ତ୍ୟାଗ କରିବା ସକାଶେ; ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି – ଏହି ଧାରଣା ସର୍ବଦା ରଖିବା ସକାଶେ ।

ସମର୍ପଣ କରିବାକୁ ହେବ ବା ଧାରଣା କରିବାକୁ ହେବ – ନିଜେ ଯାହା ଓ ନିଜର ଯାହାକିଛି ଅଛି; ଯଥା : ଘର, ପରିବାର, ଧନସମ୍ପଦ ସବୁ ମା'ଙ୍କର । ସ୍ନାନ, ଭୋଜନ, ପୁଅ-ଝିଅଙ୍କୁ ପାଳନ-ପୋଷଣ କରିବା ଆଦି ପାରିବାରିକ ସମସ୍ତ କର୍ମ ମା'ଙ୍କର ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ଆଉ ମଧ୍ୟ ଏପରି ଧାରଣା କରିବାକୁ ହେବ ଯେ ଏସବୁ ମା'ଙ୍କର । ଏହିସବୁ ସେବା ସକାଶେ ମା' ମୋତେ ନିଯୁକ୍ତ କରିଅଛନ୍ତି ।

ତ୍ୟାଗ କରିବାକୁ ହେବ ମନ, ପ୍ରାଣ, ଶରୀରର ପ୍ରତିକୂଳ ଗୁଣଧର୍ମ – ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧ, ହିଂସା, ଦ୍ୱେଷ, ବୈର, ବିରୋଧ ଇତ୍ୟାଦି । ସାଧନା ଆରମ୍ଭ କରିବା ସମୟରେ ଏସବୁ ରହିଥାଆନ୍ତି କିନ୍ତୁ ଧୀରେ ଧୀରେ ଏସବୁକୁ ତ୍ୟାଗ କରିବାକୁ ହୁଏ ।

ସାଧନାର ଆରମ୍ଭରୁ ଏସବୁ ବିଦ୍ୟମାନ ଥିବା ସତ୍ତ୍ୱେ କୌଣସି ବ୍ୟକ୍ତି ପ୍ରତି କ୍ରୋଧ ଆସିଲେ, ତା' ସହ ଝଗଡ଼ା ବା କ୍ରୋଧ ନକରି ମୁଖ ବନ୍ଦ କରି ରହିବା ଉଚିତ । ସେହିପରି ଅନ୍ୟାନ୍ୟ ପ୍ରତିକୂଳ ଆକ୍ରମଣ ଆସିଲେ ସେସବୁକୁ କର୍ମରେ ପରିଣତ କରିବାକୁ ଦେବାକୁ ହେବ ନାହିଁ । ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ ଇତ୍ୟାଦିକୁ ଏହିପରି ସାଧନାର ପ୍ରଥମାବସ୍ଥାରେ ତ୍ୟାଗ କରିବାକୁ ହେବ । ସାଧନାର ପ୍ରାରମ୍ଭିକ ଅବସ୍ଥାରେ ସବୁ ଦୋଷ ଥାଇ ସାଧନା ଆରମ୍ଭ କରିବାକୁ ହେବ । ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ନାମଜପ ସହ ଚେଷ୍ଟା କଲେ ଆସ୍ତେ ଆସ୍ତେ ବାହ୍ୟ ତ୍ୟାଗ ହୋଇପାରିବ । ଏସବୁର ସଂଯମ ବା ରୂପାନ୍ତର ସକାଶେ ସମୟ ଲାଗିବ । ସାଧକ ଯେତେ ସଚେତନ ହୋଇ ନାମଜପ କରିବ ଏବଂ ''ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି ।'' – ଏହି ଧାରଣା ଯେତେ ଜାଗ୍ରତ୍ ହେବ, ସେହି ଅନୁପାତରେ ବାହ୍ୟ ସଂଯମ ଓ ଆନ୍ତର ସଂଯମ ସାଧକ କରିପାରିବ । ଏହା ନିର୍ଭର କରିବ ନାମଜପ କରିବାର ନିଷ୍ଠା ଉପରେ ତଥା ମୁଁ ମା'ଙ୍କର, ମା' ସର୍ବଦା ମୋତେ ରକ୍ଷା କରୁଅଛନ୍ତି – ଏହି ବିଶ୍ୱାସ ଉପରେ ।

'ମା' (The Mother) ପୁସ୍ତକର ତୃତୀୟ ଅଧ୍ୟାୟ ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଅଛନ୍ତି :

"The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the supreme and now or tomorrow its effect is sure, a thing decreed, inevitable and irresistible."

ଅର୍ଥାତ୍, ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ୍ ସମୂହରେ ହେଉ, କୌଣସି ଶତ୍ରୁ ଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସ ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

'ମା' (The Mother) ବହିର ତୃତୀୟ ଅଧ୍ୟାୟର ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଲେ – ''ତୁମର ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେ ଘେରି ରହିବ ।'' ଏହା ସାଧନାରେ ବହୁତ ଅଗ୍ରଗତିର ଅବସ୍ଥା, କିନ୍ତୁ ସାଧନାର ପ୍ରଥମ ଅବସ୍ଥାରେ ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ପୂର୍ଣ୍ଣ ହୋଇପାରିବ ନାହିଁ । ସାଧନାର ପ୍ରାରମ୍ଭିକ ଅବସ୍ଥା ସକାଶେ ଶ୍ରୀଅରବିନ୍ଦ କହିଲେ, ସାଧକ ଯଦି ଆନ୍ତରିକତା ସହିତ ଅଳ୍ପ ସମର୍ପଣ, ଅଳ୍ପ ଶ୍ରଦ୍ଧା ରଖିପାରନ୍ତି, ଅର୍ଥାତ୍ ସାଧକ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଯଦି ''ମୁଁ ମା'ଙ୍କର, ମା' ମୋତେ ସବୁ ବାଧା-ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ଅଗ୍ରସର ହେବାରେ ସାହାଯ୍ୟ କରିବେ'', ତେବେ ନିଶ୍ଚିତ ରୂପେ ମା' ରକ୍ଷା କରିବେ ଏବଂ ସାହାଯ୍ୟ କରିବେ । ଶ୍ରୀଅରିବନ୍ଦ କହିଲେ, ଏହି ପାର୍ଥିବ ଜଗତରେ କୌଣସି ବ୍ୟକ୍ତି, କୌଣସି ଘଟନା, କୌଣସି ପରିସ୍ଥିତିରୁ ବାଧା ଆସୁ ଅଥବା ଅଦୃଶ୍ୟ ଜଗତରୁ ବିରୋଧୀ ଶକ୍ତି ମନ, ପ୍ରାଣ, ଶରୀରର ଗୁଣଧର୍ମକୁ ଯନ୍ତ୍ର କରି କୌଣସି ବାଧା ସୃଷ୍ଟି କରୁ, ସବୁ ବାଧା-ବିପତ୍ତିରୁ ମା' ରକ୍ଷା କରିବେ ଯେପରି ଛୋଟ ଶିଶୁକୁ ପାର୍ଥିବ ମା' ରକ୍ଷା କରେ । ସାଧକର ଚାରିପାଖରେ ମା'ଙ୍କ ରକ୍ଷା କବଚାବୃତ ସଦୃଶ ଘେରି ରହିବ ।

ମନ, ପ୍ରାଣ, ଶରୀରର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖକଷ୍ଟରୁ ପୂର୍ଣ୍ଣମୁକ୍ତି, ସଂସାରରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା – ଏହି କଠିନ କାର୍ଯ୍ୟ ଅତ୍ୟନ୍ତ ସହଜ ହୁଏ ସାଧନାର ଆରମ୍ଭରୁ ''ମୁଁ ମା'ଙ୍କର, ମା' ମୋତେ ସବୁ ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ'' – ଏହି ବିଶ୍ୱାସ ଓ ଶ୍ରଦ୍ଧା ରଖିଲେ । ଏହା ଦ୍ୱାରା ସାଧନା ଅତ୍ୟନ୍ତ ସରଳ ହୁଏ । ଏପରି କଲେ ମା' ସବୁ ଅବସ୍ଥାରେ ରକ୍ଷା କରିବେ ।

(କ୍ରମଶଃ)

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୫୨୬ -୫୩୦)

❑❑❑

ମା' ଆପଣ ଏମିତି କହିଛନ୍ତି ...

(୧୬)

ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି (ନୋଟ୍ ଖାତା) ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି। – ସମ୍ପାଦନା]

ମୁଁ ମା'ଙ୍କୁ ନୀରବତା, ଧ୍ୟାନ ଏବଂ ଏକାଗ୍ରତା ସମ୍ପର୍କରେ ପଚାରିଲି। ସେ କହିଲେ :

କଳ୍ପନା କର ତୁମ ଲଲାଟ ଉପରେ ସମ୍ପୂର୍ଣ୍ଣ ଧଳା କାଗଜ ଫର୍ଦଟିଏ ଊର୍ଦ୍ଧ୍ୱମୁଖୀ ହୋଇ ରହିଛି, ଏବଂ ତୁମେ ଭାବିବା ବନ୍ଦ କରିଦିଅ। ଅଭୀପ୍ସା କର ଏବଂ ଊର୍ଦ୍ଧ୍ୱରୁ ଭଗବାନ୍ ତୁମକୁ ଯଦି କିଛି କହିବାର ଥାଏ ସେ କହିବେ। କିନ୍ତୁ ଭଗବାନ୍ ତଥାପି ଆହୁରି ଊର୍ଦ୍ଧ୍ୱରେ ଅଛନ୍ତି। ପ୍ରଥମେ ତୁମେ ଦିବ୍ୟ ଚେତନା ସହିତ ନିଶ୍ଚିତ ଭାବେ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକ। ତା'ପରେ ତୁମର ପୂର୍ଣ୍ଣ ନୀରବତା ଆସିବ।

ଅନ୍ୟ ପଦ୍ଧତିଟି ହେଉଛି ଯେ ତୁମେ କୌଣସି ବ୍ୟକ୍ତି କିଂବା କୌଣସି ବିଷୟ ସମ୍ପର୍କରେ ଭାବିବା ଉଚିତ ନୁହେଁ। ତୁମର ସବୁ ଭାବନାର ଖିଅକୁ ଟାଣି ଆଣ, ଏକତ୍ର କର ଏବଂ ତୁମ ହୃଦୟ ଭିତରେ ଏକାଗ୍ର ହୁଅ – ଅନ୍ତରର ଗଭୀରତାକୁ ଯାଅ – ଏବଂ ମୁଁ ନିଶ୍ଚିତ, ତୁମେ ଯଦି ଏପରି ମାସେ ବା ଦୁଇ ମାସ କ୍ରମାଗତ ଭାବେ କର, ତୁମେ ନୂଆ କିଛି ପାଇପାରିବ। ତୁମେ ଯଦି ଏହାର ପ୍ରମାଣ ପାଇବାକୁ ଚାହୁଁଛ, ତେବେ ତୁମକୁ ଗୋଟିଏ କଥା ଲକ୍ଷ୍ୟ କରିବାକୁ ହେବ। ଯେତେବେଳେ ତୁମେ ଧ୍ୟାନ କର ଓ କୌଣସି ବ୍ୟକ୍ତିର ଉପସ୍ଥିତି କିଂବା କୌଣସି ବିଶୃଙ୍ଖଳା କିଂବା କାହାରି ସ୍ୱର ସମ୍ପର୍କରେ ଅବଗତ *ହୋଇ ନଥାଅ*, ତେବେ ତୁମେ ଜାଣିବ ଯେ ତୁମେ କିଛି ହାସଲ କରିଛ। ଯଦି ତୁମେ ଶୋଇପଡ଼ ସେଥିରେ କିଛି ଯାଏ ଆସେ ନାହିଁ, ବିବ୍ରତ ହୁଅ ନାହିଁ। ସେହି ଶୟନ ଅବସ୍ଥାରେ ମଧ୍ୟ **ଦିବ୍ୟ ଚେତନା** ଦ୍ୱାରା ତୁମେ ଲାଭବାନ୍ ହୋଇପାରିବ।

ମୁଁ ଯେତେବେଳେ ତାଙ୍କୁ ସଂବେଦନଶୀଳ ଶରୀର ସମ୍ପର୍କରେ ପଚାରିଲି, ସେ କହିଲେ :

ଯେତେବେଳେ ଶରୀରଟି ସ୍ପନ୍ଦନ ଅନୁଭବ କରେ, ତା'ର ଅର୍ଥ ଏହା 'ତାମସିକ' ନୁହେଁ, ଅନ୍ୟଥା ଶରୀର ଆଦୌ ସ୍ପନ୍ଦନ ଅନୁଭବ କରନ୍ତା ନାହିଁ।

ଯଦି କୌଣସି ପ୍ରତିକୂଳ ଶକ୍ତି ଦ୍ୱାରା ତୁମ ଶରୀର ବିଶୃଙ୍ଖଳିତ ଏବଂ କ୍ଷତିଗ୍ରସ୍ତ ହୁଏ, ତେବେ ତୁମେ ନିଶ୍ଚିତ ଭାବେ ଚେଷ୍ଟା କରିବ ଏକାଗ୍ର ହେବାକୁ ଏବଂ ନୀରବ ରହିବାକୁ। ନିଃସନ୍ଦେହରେ, **ଦିବ୍ୟ ଚେତନା** ତୁମ ଶରୀରର କ୍ଷତକୁ ଉପଶମ କରି ଦେବ।

୫.୧୦.୬୫

ମା' ତାଙ୍କର ସୂକ୍ଷ୍ମଦୃଷ୍ଟିରେ ଦେଖିଥିବା ନୂତନ ଧୂମକେତୁ (Comet) ବିଷୟରେ ଯାହା ଲେଖିଥିଲେ ତାହା ଅପ୍ରତ୍ୟାଶିତ ଭାବେ ମୋର ଦୃଷ୍ଟି ଗୋଚର ହେଲା। ତଦନୁସାରେ ମୁଁ ସେହି ଧୂମକେତୁଟିର ଚିତ୍ର ଆଙ୍କିଲି। ମା' ସେହି ଚିତ୍ରପଟକୁ ଦେଖିଲେ ଏବଂ ସେ ବିଷୟରେ ଅଧିକ ଆଲୋକପାତ କଲେ :

ତୁମେ ଦେଖ, ମଧ୍ୟରାତ୍ରର କିଛି ସମୟ ପୂର୍ବରୁ ପୃଥିବୀ ପରିସର ବାହାରେ ଥିବା ମହାକାଶକୁ ମୁଁ ଗଲି – ସେଠାରେ ମୁଁ ଗୋଟିଏ **ସତ୍ତା**କୁ ଦେଖିଲି । ଆମେ କଥା ହେଲୁ ନାହିଁ । ଆମେ କେବଳ ଯୋଗାଯୋଗ ସ୍ଥାପନ କଲୁ ।

ସେ **ସତ୍ତାର** ହାତରେ ଥିଲା ଏକ ପଦାର୍ଥ ଯାହାକି ଉଜ୍ଜ୍ୱଳ ଥିଲା, ମାତ୍ର ସେଠାରେ ଆଲୋକର ଝଲକ ନଥିଲା । ପଦାର୍ଥଟି ପ୍ଲାଷ୍ଟିକ୍ ପରି କିଛି ଥିଲା, ନାରଙ୍ଗୀ-ଲାଲ ବର୍ଣ୍ଣର ।

ସତ୍ତାଟିର ମଣିଷ ପରି ହାତ ଏବଂ ଗୋଡ଼ସବୁ ଥିଲା, ମାତ୍ର ସେ ମଣିଷ ନଥିଲା । ତା'ର ଶୁଭ୍ର ଏବଂ ସ୍ୱର୍ଣ୍ଣିମ ଶରୀର ଥିଲା, ମାତ୍ର ଆଲୋକ ଦେଖାଯାଉ ନଥିଲା । ତା'ର ଲମ୍ବା ଏବଂ ଲାଲ କେଶ ଥିଲା ।

ବସ୍ତୁଟିକୁ ସେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ବକ୍ରାକାରରେ ବିଛାଉ ଥିଲା । ଦୀର୍ଘ ସମୟ ଧରି ମୁଁ ସେ **ସତ୍ତା** ସହିତ ରହିଥିଲି । କିପରି ଏହାକୁ ବିଛାଇବାକୁ ହେବ ସେ ମୋତେ ଦେଖାଇ ଦେଉଥିଲା । ମୁଁ ଜାଣିପାରୁ ନଥିଲି ସେ ସତ୍ତାଟି କେତେ ବୃହତ୍ ଥିଲା, କାରଣ ମୁଁ ମଧ୍ୟ ସମାନ ଭାବରେ ବୃହତ୍ ଥିଲି । ବିଷ୍ଣୁବ ରେଖା ଠାରୁ ମୁଁ ପୃଥିବୀକୁ ଦେଖି ପାରୁଥିଲି ।

ସେହି ପଦାର୍ଥ ଏବଂ ପରିବେଶ ମୋତେ ବହୁତ ଆଶ୍ୱସ୍ତି , ସୁଖ ଏବଂ ଆନନ୍ଦ ଆଣି ଦେଲା, ଯାହା ପୃଥିବୀପୃଷ୍ଠରେ ପୂର୍ବରୁ କେବେ ଅନୁଭବ କରି ନଥିଲି । ସେଥିପାଇଁ ସେ **ସତ୍ତା** ପ୍ରତି ମୁଁ ଆଗ୍ରହୀ ଥିଲି । ତତ୍ପରେ ମୁଁ ଜାଣିଲି ଯେ ସେହି ପଦାର୍ଥଟି ଜଡ଼ ବସ୍ତୁକୁ ପରିବର୍ତ୍ତନ କରି ଦେଇପାରେ ।

ସେ **ସତ୍ତା**ଟି ନିଜେହିଁ ଥିଲା ପ୍ଲାଷ୍ଟିକ୍ – ଖୁବ୍ ନମନୀୟ । ପଦାର୍ଥଟିକୁ ପୃଥିବୀ ଉପରେ ବିଛାଉ ଥିବା ବେଳେ ସେ **ସତ୍ତା**ଟି ବକ୍ରାକାରରେ ନଇଁ ଯାଉଥିଲା, ମୁଁ ଶୂନ୍ୟରେ ଥିବାବେଳେ ଯାହାର ଶୀର୍ଷ ଅଂଶଟିକୁ କେବଳ ଦେଖି ପାରୁଥିଲି ।

ତୁମର ଚିତ୍ରାଙ୍କନଟି ଠିକ୍ ଅଛି, ମାତ୍ର ଶରୀରଟି ସମ୍ପୂର୍ଣ୍ଣ ଭିନ୍ନ ଅଟେ । ମୁଁ ବହୁ **ସତ୍ତା**ଙ୍କୁ ଦେଖିଛି କିନ୍ତୁ ଏହି ନିର୍ଦ୍ଦିଷ୍ଟ **ସତ୍ତା**ଟି ମୋ ଭିତରେ ଆଗ୍ରହ ସୃଷ୍ଟି କରିଥିଲା । ସେଇ **ସତ୍ତା** ବିଷୟରେ ମୁଁ ତୁମକୁ ସବିଶେଷ ଭାବେ କହିଛି, ଯାହା ମୁଁ ଅନ୍ୟ କାହାକୁ କହି ନଥିଲି । ମୋର କହିବାର ଅଭିପ୍ରାୟ ତୁମେ ବୁଝୁଛ ତ ...

୫.୧୧.୬୫

ଅତିମାନସ ସୂର୍ଯ୍ୟ କୁହାଯାଉଥିବା ପୁଷ୍ପଟିକୁ ମା' ମୋତେ ଦେଲେ ଏବଂ କହିଲେ :

ପାରମ୍ପରିକ ଭାବେ ଏହା ହେଉଛି କୃଷ୍ଣଙ୍କର ପୁଷ୍ପ ।

ମୁଁ ତାଙ୍କୁ କହିଲି, ''ମା, ଏହି ପୁଷ୍ପକୁ ଆମେ ନିଶ୍ଚୟ ଅରୋଭିଲର ପବିତ୍ର ମାତୃମନ୍ଦିର ପରିସରରେ ଲଗାଇବା, କାରଣ କୃଷ୍ଣ ସେଠାକୁ ଆସିବେ ।''

ସେ ମଧୁର ଭାବେ ହସିଲେ ଏବଂ କହିଲେ,

ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷ ନିକଟରେ ଧ୍ୟାନସ୍ଥ ଅବସ୍ଥାରେ ଏପଟ ସେପଟ ହୋଇ ଚାଲୁ ଥିଲି, ଶ୍ରୀକୃଷ୍ଣ ମଧ୍ୟ ମୋ ସହିତ ଏପଟ ସେପଟ ହୋଇ ପଦଚାଳନା କରୁଥିଲେ । ମୁଁ ତାଙ୍କୁ ଦେଖିଥିଲି । ମନୁଷ୍ୟମାନେ ତାଙ୍କୁ ଦେଖି ପାରିବେ ନାହିଁ ।

ମୁଁ କହିଲି, ''ସ୍ୱାଭାବିକଭାବେ, ସେମାନେ ଦେଖି ପାରିବେ ନାହିଁ । ତୁମେ ତ ସ୍ୱୟଂ ଭଗବତୀ । ତେଣୁ ତୁମେ କୃଷ୍ଣଙ୍କୁ ଦେଖି ପାରିବ ।''

ମା' ନିଜ ଶରୀର ଆଡ଼କୁ ଇଙ୍ଗିତ କଲେ, ଏବଂ କହିଲେ,

ଏହା ଏକ ମାନବ ଶରୀର । କିନ୍ତୁ ଏହା ମଣିଷମାନଙ୍କୁ ପ୍ରମାଣିତ କରିଦେଇ ପାରେ ଯେ ଏପରିକି ମଣିଷ ଶରୀରର ମଧ୍ୟ ରୂପାନ୍ତର ହୋଇପାରିବ । ଏହା ନିଶ୍ଚୟ ହେବା **ଉଚିତ** ଏବଂ **ନିଶ୍ଚିତରୂପେ** ହେବ ।

*ସମସ୍ତ **ଶକ୍ତି** ସହିତ ସେ ଏକଥା କହିଲେ ...*

ମୁଁ କହିଲି, ''ସମସ୍ତ ଦେବତା ଏପରିକି ପରମ ପ୍ରଭୁ ଅରୋଭିଲର ପବିତ୍ର ମାତୃମନ୍ଦିରକୁ ଆସିବେ । ...''

ମା' ମୋ ଚିବୁକକୁ ତୋଳି ଧରିଲେ ଏବଂ ମୋ ଚକ୍ଷୁକୁ ସିଧା ଚାହିଁଲେ ଏବଂ ମଧୁର ଭାବେ ହସି, ସମ୍ମତିସୂଚକ ମଥା ହଲାଇଲେ । ... ୧୮.୧୧.୬୫

ମୋର କାର୍ଯ୍ୟ ହେଉଛି ପରମ ପ୍ରଭୁଙ୍କ **ବାହୁପାଶ**ରେ ମାନବଜାତିକୁ ଅର୍ପଣ କରିଦେବା ।

ଯେତେବେଳେ ଶରୀରର ରୂପାନ୍ତର ସଫଳ ହେବ, ସତରେ ତାହା ହେବ ଆଗ୍ରହଜନକ !

ଓଃ ! ଏହା ହେବ କେବଳ ଯେତେବେଳେ ମୁଁ ଏକାନ୍ତ-ବାସରେ ରହିବି ଏବଂ ରୂପାନ୍ତର କାର୍ଯ୍ୟରେ ଏକାଗ୍ର ହେବି, ତେବେଯାଇ ନିଶ୍ଚିତ ରୂପେ ଏହା କ୍ଷିପ୍ରତର ହେବ ।

ମୋର ସନ୍ତାନ, ଧୈର୍ଯ୍ୟଧର ! ଏବଂ ଏକ ନବଜାତ ଶିଶୁ ଭଳି ଭଗବାନଙ୍କ ହୃଦୟରେ ବାସ କର – ସରଳ ହୁଅ, ତାଙ୍କ ଉପରେ ବିଶ୍ୱାସ ରଖ । ସର୍ବଶେଷରେ, ଆସିବ ଏକ ବିପୁଳ ସ୍ୱର୍ଗୀୟ ଆନନ୍ଦ । ... ୬.୧୨.୬୫

ସର୍ବପ୍ରଥମ ଆବଶ୍ୟକତା ହେଉଛି ଅବଚେତନାକୁ ନିର୍ମଳ ରଖିବା । ସେଥିପାଇଁ ତୁମେ ସେଠାକୁ ଯାଉଛ । ଅବଚେତନାକୁ ଅଶୁଦ୍ଧ ଭାବେ ଛାଡ଼ି ଦେଇ ସିଧା ଉଚ୍ଚତର ଜଗତସକଳ ଭିତରକୁ ଯିବାର କୌଣସି ଅର୍ଥ ନାହିଁ । ନିମ୍ନ ଅଂଶଗୁଡ଼ିକୁ ପ୍ରଥମେ ନିର୍ମଳ କରି ସୋପାନ ପରେ ସୋପାନ ଅତିକ୍ରମ କରି ପ୍ରଗତି କରିବାକୁ ପଡ଼ିବ ।

୧୫.୧୨.୬୫

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ମୋ ସାଥିରେ ଥିଲେ ତୁମେ

ଗୟାଧର ଦାଶ

ଦୂର ଆକାଶର ଚାନ୍ଦ ତୁମେ ମା
ମାଟିର ମମତା ତୁମେ
ଚେତନା ରାଇଜେ ନୂତନ ଝଙ୍କାର
ସଙ୍ଗୀତର ଛନ୍ଦ ତୁମେ ।୦।

ମାଆର କୋଳର ମଧୁର ପରଶେ
ଶିଶୁ କଳିକାଟି ହସେ
ସୂରୁଯ ଉଇଁଲେ ଆଲୁଅ ବରଷି
ନୂଆ ସକାଳଟି ଆସେ
ଅନ୍ଧାର ମୂଲକେ ବିଜୁଳି ଚମକେ
ଅନ୍ତରର ଜ୍ୟୋତି ତୁମେ ... ।୧।

ନ ଜାଣଇ ମୁହିଁ ଜୀବନର ସ୍ରୋତ
କେଉଁଆଡ଼େ ଯାଏ ବହି
ଜନମେ ଜନମେ ଲୋଡୁଥାଉ ବୋଲି
ବଞ୍ଚିବାର ଆଶା ନେଇ
ନପଡ଼ିବି ଥକି ବିଶ୍ୱାସ ଏତିକି
ଚାଲିବାର ଶକ୍ତି ତୁମେ ... ।୨।

ଆଖି ପାଏ ନାହିଁ ଅନନ୍ତ ସାଗର
ଦିଗହରା ହୁଏ ମନ
ବୁଝିତ ପାରେନା ନିଖିଳ ଜଗତ
ସତ ଅବା କି ସପନ
ଆଲୁଅ ଅନ୍ଧାରେ ଆଗେଇ ଚାଲିବି
ମୋ ସାଥିରେ ଥିଲେ ତୁମେ ... ।୩।

❑❑❑



ଶ୍ରୀଅରବିନ୍ଦ ଓ ମାନବ ସମାଜର କଲ୍ୟାଣ

ପ୍ରପତ୍ତି

"A total spiritual direction given to the whole life and the whole nature can alone lift humanity beyond itself."

(CWSA, Vol. 21 & 22, p. 1096) – Sri Aurobindo

''ସମଗ୍ର ଜୀବନ ଓ ସମଗ୍ର ପ୍ରକୃତିକୁ ଏକମାତ୍ର ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ପଥରେ ପରିଚାଳନା ଦ୍ୱାରାହିଁ ମାନବଜାତିକୁ ଊର୍ଦ୍ଧ୍ୱକୁ ଉଠାଇ ନିଆ ଯାଇପାରେ।'' – ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ ଓ ବିଚାର-ଧାରାରୁ ଏକଥା ସ୍ପଷ୍ଟ ଯେ ବର୍ତ୍ତମାନ ମୁହୂର୍ତ୍ତରେ ମାନବ ସମାଜର କଲ୍ୟାଣ-ସାଧନର ଯଥାର୍ଥ ଉପାୟ ହେଲା ଜୀବନ ଓ ପ୍ରକୃତି, ବ୍ୟଷ୍ଟି ଓ ଗୋଷ୍ଠୀର ଆଧ୍ୟାତ୍ମୀକରଣ ବା ଆଧ୍ୟାତ୍ମିକ ରୂପାନ୍ତର (Spiritual Transformation)। ଶ୍ରୀଅରବିନ୍ଦ ଦୀର୍ଘକାଳବ୍ୟାପୀ ଯେଉଁ ଗଭୀର ସାଧନା କରି ଯାଇଛନ୍ତି, ସ୍ୱୀୟ ଅଖଣ୍ଡ ତପସ୍ୟା ଦ୍ୱାରା ମାନବଜାତି ନିମିତ୍ତ ଯେଉଁ ସିଦ୍ଧି ଓ ଆଧ୍ୟାତ୍ମିକ ଶକ୍ତିକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠା କରିଛନ୍ତି, ତାହା ହେଲା ପାର୍ଥିବ ଜୀବନର ଏକ ଆମୂଳଚୂଳ ରୂପାନ୍ତର ଏବଂ ଏହି ରୂପାନ୍ତର ଫଳରେ ମନୁଷ୍ୟୋତ୍ତର ଅତିମାନସ-ଜୀବନ ବା ଦିବ୍ୟ ଜୀବନର ପ୍ରତିଷ୍ଠା। ପୃଥିବୀପୃଷ୍ଠରେ 'ଦିବ୍ୟ ଜୀବନ' ପ୍ରତିଷ୍ଠାହିଁ ଶ୍ରୀଅରବିନ୍ଦଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା। ମୋଟରେ କହିବାକୁ ଗଲେ ମାନବ ସମାଜର କଲ୍ୟାଣ ନିମିତ୍ତ ଶ୍ରୀଅରବିନ୍ଦ ଯେଉଁ ମାର୍ଗ ଦେଖାଇଛନ୍ତି, ତାହା ହେଲା ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନର ଆଧ୍ୟାତ୍ମିକ ରୂପାନ୍ତର।

ଏହି ସମ୍ବନ୍ଧରେ ଆସ୍ନେମାନେ ତିନୋଟି ପ୍ରଶ୍ନର ଉତ୍ଥାପନ କରିବା। ପ୍ରଥମତଃ, ଆଧ୍ୟାତ୍ମିକତାର ଅର୍ଥ କ'ଣ ? ଦ୍ୱିତୀୟତଃ, ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ କ'ଣ ? ତୃତୀୟତଃ, ଜୀବନ ଓ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତରହିଁ ମାନବ ସମାଜର କଲ୍ୟାଣ-ସାଧନର ଯେ ଏକମାତ୍ର ଉପାୟ, ଏହା କିପରି କୁହାଯାଇପାରେ ?

ଆଧ୍ୟାତ୍ମିକତାର ଅର୍ଥ

ପ୍ରଥମରୁ ଏକଥା ସ୍ପଷ୍ଟ କରିଦେବା ଉଚିତ ଯେ ନୈତିକତା ଆଧ୍ୟାତ୍ମିକତା ନୁହେଁ। ନୈତିକତା ଓ ନୀତିଗତ ସିଦ୍ଧାନ୍ତ ମନୋଗଠିତ ବା ମନ-ନିର୍ମିତ। ନୈତିକତାର ମୂଳ ଉତ୍ସହିଁ ମନୁଷ୍ୟର ବିଭେଦମୂଳକ ମନ। ମନର ନିୟମନ, ଶୃଙ୍ଖଳା, ନିୟନ୍ତ୍ରଣ ଏବଂ ସୁଶାସନହିଁ ନୈତିକତା। ଏହି ମନ ନିର୍ମିତ ନୈତିକ ଜୀବନ ଆଦର୍ଶ ଜୀବନ ବା ମାର୍ଜିତ, ରୁଚିସମ୍ପନ୍ନ ଓ କଲ୍ୟାଣମୟ ଜୀବନ ହୋଇପାରେ; ମାତ୍ର ଆଧ୍ୟାତ୍ମିକତା ସଙ୍ଗେ ଏହାର କିଛି ବି ସମ୍ପର୍କ ନଥାଏ ବରଂ ଆଧ୍ୟାତ୍ମିକ ଜୀବନ ଯାପନର ପଥରେ ଏହା ବେଳେ ବେଳେ ଘୋର ପ୍ରତିବନ୍ଧକ ରୂପେ ଛିଡ଼ା ହୁଏ। ନୈତିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ। ବିଭିନ୍ନ ଦେଶରେ ନୈତିକତାରେ ତାରତମ୍ୟ ଦେଖାଯାଏ। ଏହାକୁ କେହି କେହି ସାମାଜିକତା କହି ପାରନ୍ତି, ତେବେ ଆଧ୍ୟାତ୍ମିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ ନୁହେଁ। ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକତାର ପ୍ରଚଳନ ନାହିଁ। ନୈତିକତା ଦ୍ୱାରା ଅହଙ୍କାରର ମୂଳଚ୍ଛେଦ ଘଟେ ନାହିଁ; ପ୍ରକୃତିର ବିଭିନ୍ନ ବୃତ୍ତିଚୟନର ପରିବର୍ତ୍ତନ ଘଟେ ନାହିଁ। ଆଧ୍ୟାତ୍ମିକତାର ଅର୍ଥହିଁ ହେଲା ଅହଙ୍କାରର ବିଲୋପ ଓ ବୃହତ୍ତର ଦିବ୍ୟ ଭାଗବତ ସତ୍ତା ସଙ୍ଗେ ସଂଯୋଗ-ସ୍ଥାପନ। ଏହା ଦ୍ୱାରା ମାନବିକ ବୃତ୍ତିଚୟର ଯଥେଷ୍ଟ ପରିବର୍ତ୍ତନ ଦେଖାଯାଏ; ଏପରିକି ସମ୍ପୂର୍ଣ୍ଣ ରୂପେ ଜୀବନ ଓ ପ୍ରକୃତିର ରୂପାନ୍ତର ଘଟିପାରେ। ତୃତୀୟତଃ, ନୈତିକତା ମାନବ ପ୍ରକୃତିର ଦୁର୍ଦାନ୍ତ ବୃତ୍ତିଗୁଡ଼ିକ ଉପରେ ଲଗାମ ଟାଣେ; କିନ୍ତୁ କୌଣସି ମୁହୂର୍ତ୍ତରେ ବି ପ୍ରକୃତି ଏ ଲଗାମକୁ ଛିଡ଼ାଇ ଦିଏ। ପ୍ରବୃତ୍ତିର ଉଦ୍ଦାମ ଲୀଳାରେ ବେଳେ ବେଳେ ସବୁ ନୀତିଶାସ୍ତ୍ର ପଣ୍ଡ ହୁଏ। ଆଧ୍ୟାତ୍ମିକ ଜୀବନର ଯଥାର୍ଥ ପ୍ରକାଶରେ ଏହା କେବେ ବି ଘଟେ ନାହିଁ। ଯେହେତୁ ଭାଗବତ ଶକ୍ତି ମନୁଷ୍ୟ ଜୀବନର ପରିଚାଳନା-ଭାର ଗ୍ରହଣ କରନ୍ତି, ସେଥିପାଇଁ ସମଗ୍ର ଜୀବନ ଉପରେ ସେ ଯଥାର୍ଥ କର୍ତ୍ତୃତ୍ୱ ସ୍ଥାପନ କରନ୍ତି। ଚତୁର୍ଥତଃ, ନୈତିକ ଭିତ୍ତି ଖୁବ୍ ଅଦୃଢ଼ ଓ ପରିବର୍ତ୍ତନଶୀଳ; କିନ୍ତୁ ଆଧ୍ୟାତ୍ମିକତା ଆଦୌ ଏକ ପରିବର୍ତ୍ତନଶୀଳ ବୃତ୍ତି ଓ ଗୁଣ ନୁହେଁ। ଏହାର କ୍ରମବିକାଶ ଥାଇପାରେ; ମାତ୍ର ମୂଳ ଧର୍ମରେ ଏହା ସର୍ବତ୍ର ସମାନ ଓ ଅପରିବର୍ତ୍ତନୀୟ। ଅଧ୍ୟାତ୍ମ-ଜୀବନର ଅସଲ କଥା ହେଲା ଭାଗବତ ଚେତନାରେ ବାସ କରିବା, ସେହି ଚେତନାର

ବାହନ ବା ଯନ୍ତ୍ର ହେବା ଏବଂ ତାହା ଦ୍ୱାରା ସମଗ୍ର ଜୀବନକୁ ପୂର୍ଣ୍ଣ ରୂପେ ରୂପାନ୍ତରିତ କରିବା ।

ଅନ୍ୟ ପକ୍ଷରେ ଧର୍ମ-ଜୀବନ ମଧ୍ୟ ଆଧ୍ୟାତ୍ମିକ ଜୀବନ ନୁହେଁ । ଯଥାର୍ଥ ଧର୍ମ-ଜୀବନ ଆଧ୍ୟାତ୍ମିକ ଜୀବନପ୍ରାପ୍ତି ପଥରେ ସହାୟକ ହୋଇପାରେ; କିନ୍ତୁ ତାହା ଆଧ୍ୟାତ୍ମିକ ଜୀବନ ନୁହେଁ । ଆଧ୍ୟାତ୍ମିକ ଜୀବନ ଏକ ନବଜନ୍ମ (New birth) । ଧର୍ମ-ଜୀବନ ସଙ୍କୀର୍ଣ୍ଣ, ପ୍ରାଦେଶିକ, ସାମ୍ପ୍ରଦାୟିକ ଓ ନାନା କୁସଂସ୍କାର-ଜଡ଼ିତ । ନାନା ପ୍ରକାର ପ୍ରଥା ଓ ରୀତି-ନୀତି, ଆଚାର-ପଦ୍ଧତି, କ୍ରିୟା-କର୍ମ ଦ୍ୱାରା ଏହା ବିଶାଳ ଜୀବନଧାରାକୁ ଅନନ୍ତ, ମହାନ୍, ବିରାଟ ଭାଗବତ ଜୀବନ ଆଡ଼କୁ ନେଇଯିବାକୁ ଏକ ଅତି କ୍ଷୀଣ ଚେଷ୍ଟା କରେ । ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଧର୍ମ-ଜୀବନ ସ୍ୱୀକାର କରେ ନାହିଁ ଏବଂ ଧର୍ମ-ଜୀବନ ସର୍ବଦାହିଁ ବୈଚିତ୍ର୍ୟ-ବିବର୍ଜିତ । ଅଧ୍ୟାତ୍ମ-ଜୀବନ କିନ୍ତୁ ସୁନିର୍ଦ୍ଦିଷ୍ଟ ଭାଗବତ ଶକ୍ତି ଓ ଅନ୍ତରର ଗଭୀର ନିର୍ଦ୍ଦେଶ ଦ୍ୱାରା ଚାଳିତ, ବହୁମୁଖୀ ଓ ବୈଚିତ୍ର୍ୟମୟ । ଏହା ମଧ୍ୟ ସତ୍ୟ ଯେ ଧର୍ମ-ଜୀବନ ଏକ ମିଶ୍ରିତ ବାୟୁମଣ୍ଡଳ ମଧ୍ୟରେ ଗତି କରେ, କିନ୍ତୁ ଆଧ୍ୟାତ୍ମିକ ଜୀବନ ବିଶୁଦ୍ଧ ଭାଗବତ ବିଧାନ ଦ୍ୱାରା ପରିଚାଳିତ ହୁଏ ।

ଆଧ୍ୟାତ୍ମିକତାର ଅର୍ଥ ଯଦି ନୈତିକତା ନୁହେଁ, ଧାର୍ମିକତା ନୁହେଁ, ତେବେ ଏହାର ଯଥାର୍ଥ ଅର୍ଥ କ'ଣ ? ଶ୍ରୀଅରବିନ୍ଦଙ୍କ ନିଜ ଭାଷାରେ ଏହାହିଁ ଆଧ୍ୟାତ୍ମିକତାର ଅର୍ଥ : ''ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟିଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ; ମନର ନୈତିକ ଦୃଷ୍ଟି ଅଥବା ନୈତିକ ଶୁଦ୍ଧି ଅଥବା ତପସ୍ୟା ନୁହେଁ; ଧାର୍ମିକତା ଅଥବା ଗୋଟାଏ ତୀବ୍ର ଭାବମୟ ପ୍ରେରଣା ନୁହେଁ; ଏପରିକି ଏହିସବୁ ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଗୋଟାଏ ଭାଗବତ ପ୍ରେରଣା, ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ... ଆତ୍ମମାନଙ୍କ ଆନ୍ତର ସତ୍ତାରେ ଜାଗ୍ରତ୍ ହେବା, ଆତ୍ମାରେ, ଆତ୍ମପୁରୁଷରେ, ଚୈତ୍ୟସତ୍ତାରେ ଜାଗ୍ରତ୍ ହେବା, ଯାହା ଆତ୍ମର ଦେହ-ପ୍ରାଣ-ମନଠାରୁ ପୃଥକ୍ ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଏକ ଆନ୍ତର ଅଭୀପ୍ସା କରିବା; ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱଗତ ଏବଂ ଆତ୍ମମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ, ତାହାର ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ଏବଂ ସେହି ସଂସ୍ପର୍ଶ, ଏକତ୍ୱରୁ ଉଦ୍ଭୂତ ନବଜନ୍ମ, ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ ... ଏହିସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।'' (ଦିବ୍ୟ ଜୀବନ, ପୃଷ୍ଠା. ୭୬୨) । ଏଥିରୁ ଏହାହିଁ ସ୍ପଷ୍ଟ ଯେ ଆଧ୍ୟାତ୍ମିକତାର ଗୂଢ଼ ଅର୍ଥ ହେଲା ଅନ୍ତରର ଦିବ୍ୟ-ଚୈତନ୍ୟରେ ଅଭିଷିକ୍ତ ହେବା, ସେହି ଚେତନାକୁ ଜୀବନରେ ପ୍ରକଟ କରିବା ଏବଂ ତଦ୍ଦ୍ୱାରା ଜୀବନର ବିଭିନ୍ନ ଗତିବୃତ୍ତିର ରୂପାନ୍ତର ସାଧନ କରିବା ।

ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ

ଭାରତର ଆଧ୍ୟାତ୍ମିକ ପରମ୍ପରା ଓ ସାଧନା ଅତି ପ୍ରାଚୀନ । ଲକ୍ଷ୍ୟ କରିବାର କଥା ଯେ ଭାରତର ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି ଯଦିଓ ବେଦ, ଉପନିଷଦ୍ ଓ ଗୀତା, ତଥାପି କାଳକ୍ରମେ ବିକାଶ-ମାର୍ଗରେ ଏହା ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଧାରଣ କରିଛି । ସବୁ କ୍ଷେତ୍ରରେ ଏକଥା ସ୍ୱୀକୃତ ହୋଇଛି ଯେ ଆଧ୍ୟାତ୍ମିକ ସାଧନାର ପରମ ରହସ୍ୟହିଁ ଭାଗବତ ପ୍ରାପ୍ତି, ଭାଗବତ ସିଦ୍ଧି; କିନ୍ତୁ ଏହି ଭାଗବତ ପ୍ରାପ୍ତିର ଅର୍ଥହିଁ ପାର୍ଥିବ ଜୀବନରୁ ମୁକ୍ତି, ମୋକ୍ଷ ବା ନିର୍ବାଣ । ନିର୍ବିଶେଷ, ଅବ୍ୟୟ, ଅକ୍ଷର ବ୍ରହ୍ମରେ ବିଲୀନ ହେବା ବା ଗୋଲୋକ, ବୃନ୍ଦାବନ, ବୈକୁଣ୍ଠରେ ଭାଗବତ ସାନ୍ନିଧ୍ୟ ଲାଭ କରି ପ୍ରଭୁଙ୍କର ଲୀଳା-ସହଚର ହେବା ଆଧ୍ୟାତ୍ମିକ ସାଧନାର ମୁଖ୍ୟ ଅର୍ଥ । ଏବଂବିଧ ଆଧ୍ୟାତ୍ମିକତା ପାର୍ଥିବ ଜୀବନ, ଇହଲୋକ ବା କର୍ମମୟ ଜୀବନର କୌଣସି ସମାଧାନ କରି ନାହିଁ । ଏଠାରୁ କୌଣସିମତେ ଊର୍ଦ୍ଧ୍ୱଲୋକକୁ ପଳାୟନରେ ସମସ୍ୟାର ସମାଧାନ କରିଛି । କର୍ମ ଓ ଜୀବନ ସଙ୍ଗେ ଆଧ୍ୟାତ୍ମିକତାର ମେଳ ଘଟି ନାହିଁ । ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ଅବତାର ଓ ବିଭୂତିଗଣ ଏହି ଏକହିଁ ଧାରାରେ ଚାଲିଥିଲେ, ଯଦିଓ ପ୍ରତ୍ୟେକଙ୍କର ସିଦ୍ଧି ପାର୍ଥିବ ଜୀବନ ନିମିତ୍ତ ଅତି ଆବଶ୍ୟକ ଥିଲା । ଗୀତାରେ କର୍ମ, ଜୀବନ ଓ ପୃଥିବୀ ସଙ୍ଗେ ଆଧ୍ୟାତ୍ମିକତାର ଯଦିଓ ସାମଞ୍ଜସ୍ୟ କରାଯାଇଛି, ତଥାପି ଗୀତା ଭାଗବତ ଶକ୍ତି ଦ୍ୱାରା ଜୀବନର ପୂର୍ଣ୍ଣ ରୂପାନ୍ତର କଥା କହି ନାହିଁ । ପୁନଶ୍ଚ ଗୀତାର ଆଦର୍ଶ ମଧ୍ୟ ଜଗତରେ ପ୍ରତିଷ୍ଠିତ ହୋଇପାରି ନାହିଁ । ସୁତରାଂ ଆଧ୍ୟାତ୍ମିକ ଜୀବନ କହିବା ମାତ୍ରେ ଆମ୍ଭେମାନେ ପାର୍ଥିବ ଜୀବନର ବର୍ଜନ, ତ୍ୟାଗ, ଅବନତି ବା ଅଧୋଗତିର କଥା ଭାବୁ । ଏହି କ୍ଷେତ୍ରରେହିଁ

ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସାଧନାର ବୈଶିଷ୍ଟ୍ୟ ରହିଛି । ଆଧ୍ୟାତ୍ମିକତାର ଅର୍ଥ କେବଳ ମୁକ୍ତି ବା ମୋକ୍ଷ ନୁହେଁ, ବରଂ ଜୀବନରେ ଭାଗବତ ଶକ୍ତିର ପ୍ରକାଶ, ପରା-ପ୍ରକୃତିର ପ୍ରତିଷ୍ଠା ଏବଂ ଭାଗବତ ଚୈତନ୍ୟ ଓ ଜ୍ୟୋତିଃ ଦ୍ୱାରା ଜୀବନ ଓ ପ୍ରକୃତିର ଚରମ ରୂପାନ୍ତର । ଏହାହିଁ ''ଦିବ୍ୟ ଜୀବନ'' । ଏହି ଆଧ୍ୟାତ୍ମିକ ରୂପାନ୍ତର ହେଲା ସତ୍ତାନ୍ତର, ଏକ ନବଜନ୍ମ, ନବୀନ ତତ୍ତ୍ୱ ଓ ଶକ୍ତିର ଉତ୍ଥାନ । ଯଦି ମାନବ-ପ୍ରକୃତିର ଚରମ ରୂପାନ୍ତର ସାଧିତ ହୁଏ, ତେବେ ପୃଥିବୀପୃଷ୍ଠରେ ଦିବ୍ୟ ଜୀବନ ଅଥବା ମାନବୋତ୍ତର ଅତିମାନସ ଜୀବନ ପ୍ରତିଷ୍ଠିତ ହେବ । ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତି (New Race) ଓ ନୂତନ ଯୁଗର କଥା କହୁଛନ୍ତି ତାହାହିଁ ହେଲା ଦିବ୍ୟ ଜୀବନ ଓ ଦିବ୍ୟ ମାନବ ସମାଜ । ଏହା ଯେ କେବଳ ତାଙ୍କ ସାଧନାର ଅଭିପ୍ରେତ ଲକ୍ଷ୍ୟ ତାହା ନୁହେଁ, ବରଂ ଏହାହିଁ ପ୍ରକୃତିର ବିବର୍ତ୍ତନଧାରାରେ ଏକ ଅନିବାର୍ଯ୍ୟ ପରିଣାମ । ବର୍ତ୍ତମାନ ମନୁଷ୍ୟ ଏକ ଅର୍ଦ୍ଧପଶୁ, ଅସମ୍ପୂର୍ଣ୍ଣ ପ୍ରାକୃତିକ ପରିଣାମ । ପ୍ରକୃତି ମନୁଷ୍ୟୋତ୍ତର ଅନ୍ୟ ଏକ ପୂର୍ଣ୍ଣାଙ୍ଗ ଜୀବନ ନିଶ୍ଚୟ ସୃଷ୍ଟି କରିପାରେ ଏବଂ ତାହାହିଁ ଅତିମାନବ ଜୀବନ ।

ଏହିଠାରେ ଗୋଟିଏ କଥା ଅତି ସଂକ୍ଷେପରେ ସୂଚାଇ ଦେବା ଉଚିତ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ରୂପାନ୍ତର-ସାଧନାର ଦୁଇଟି ଦିଗ ଅଛି, ପ୍ରଥମତଃ, ସେ ଚାହିଁଥିଲେ ପୃଥିବୀପୃଷ୍ଠରେ ଏପରି ଏକ ପ୍ରବଳ ଆଧ୍ୟାତ୍ମିକ ଶକ୍ତିକୁ ଅବତରଣ କରାଇବାକୁ ହେବ ଯାହା ମାନବ-ପ୍ରକୃତିର ରୂପାନ୍ତରରେ ସକ୍ଷମ ହେବ । ଦ୍ୱିତୀୟତଃ, ଏହି ଆଧ୍ୟାତ୍ମିକ ଶକ୍ତିର ଅବତରଣ ଘଟିଲେ ଏପରି ଏକ ମାର୍ଗ ଓ ପଥ ନିର୍ଦ୍ଦିଷ୍ଟ କରିବାକୁ ହେବ ଯାହା ଦ୍ୱାରା ମାନବ ସମାଜ ଏହାକୁ ଗ୍ରହଣ କରି ନିଜକୁ ରୂପାନ୍ତରିତ କରି ପାରିବ । ସ୍ୱୀୟ ସାଧନା ଦ୍ୱାରା ପୃଥିବୀପୃଷ୍ଠରେ ଯେଉଁ ଆଧ୍ୟାତ୍ମିକ ଶକ୍ତିକୁ ଶ୍ରୀଅରବିନ୍ଦ ଅବତରଣ କରାଇଛନ୍ତି, ତାହା ହେଲା ଅତିମାନସ ଦିବ୍ୟଶକ୍ତି । ଏହି ଶକ୍ତି ଆଜି ସମଗ୍ର ଜଗତରେ କ୍ରିୟାଶୀଳ । ଯେଉଁ ପନ୍ଥା ଓ ମାର୍ଗ ଅନୁସରଣ ଦ୍ୱାରା ଏହି ଶକ୍ତି ମାନବ-ଜୀବନକୁ ରୂପାନ୍ତରିତ କରିପାରିବ ତାହାହିଁ ଅଧ୍ୟାତ୍ମ ଜୀବନ ।

ମାନବ ସମାଜର କଲ୍ୟାଣ

ବର୍ତ୍ତମାନ ପ୍ରଶ୍ନ ହେଉଛି, ମାନବ ଜୀବନ ଓ ମାନବ-ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତର ଦ୍ୱାରା ମାନବ ସମାଜର ବୃହତ୍ତର କଲ୍ୟାଣ କିପରି ସାଧିତ ହେବ ? ମାନବ ସମାଜର ଦୁଃଖ-ନିବାରଣ ନିମିତ୍ତ ସମାଜର ସୃଷ୍ଟିକାଳରୁ ବହୁବିଧ ପ୍ରଚେଷ୍ଟା, ଉଦ୍ୟମ ଓ ପ୍ରଯତ୍ନ ହୋଇ ଆସିଛି । ଏହି ପ୍ରଚେଷ୍ଟା ମୁଖ୍ୟତଃ ଦ୍ୱିବିଧ । କେତେକ ବିଶ୍ୱାସ କରନ୍ତି ଯେ ମନୁଷ୍ୟର ପାରିପାର୍ଶ୍ୱିକ ଅବସ୍ଥା ଓ ବାତାବରଣର ପରିବର୍ତ୍ତନ ଦ୍ୱାରା, ଭୌତିକ ପରିସ୍ଥିତିର ଅଦଳ-ବଦଳ ଦ୍ୱାରା, ମନୁଷ୍ୟ-ଜୀବନର ଦୁଃଖର ନିବାରଣ କରାଯାଇ ଯଥାର୍ଥ ଜନକଲ୍ୟାଣ ସାଧନ କରାଯାଇପାରେ । ଶିଳ୍ପ, ବାଣିଜ୍ୟ, କଳକାରଖାନାର ପ୍ରତିଷ୍ଠା, ରାସ୍ତାଘାଟ ନିର୍ମାଣ, ଅଧିକ ଉତ୍ପାଦନ, ଶିକ୍ଷା, ଔଷଧ, ବାସଗୃହ, ପାନୀୟ ଜଳ ଇତ୍ୟାଦିର ଉପଯୁକ୍ତ ବନ୍ଦୋବସ୍ତ ଦ୍ୱାରା ଜନସମାଜର ଦୁଃଖ ଦୂର କରାଯାଇ ପାରିବ । ଏହି ମାର୍ଗ ଅନୁସରଣ କଲେ ବାହାରୁ ମନୁଷ୍ୟକୁ ନିୟନ୍ତ୍ରଣ କରିବାକୁ ହୁଏ, ମନେ କରାଯାଏ ଯେ ରାଷ୍ଟ୍ରାୟତ୍ତ ସୁବ୍ୟବସ୍ଥିତ ଶାସନ ଦ୍ୱାରା ମନୁଷ୍ୟର ସକଳ ସମସ୍ୟା ସମାଧାନ ହୋଇଯିବ, ମନୁଷ୍ୟକୁ ଏହା ଦ୍ୱାରା ଜୀବନ ଓ ତାହାର ଅନ୍ତରର ବିକାଶକୁ ବାହ୍ୟ ଶାସନ-ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରଣ କରିବାକୁ ହେବ; କିନ୍ତୁ ଏହି ମାର୍ଗ ଅନୁସରଣ କରାଯାଇ ଦେଖା ଯାଇଛି ଯେ ମନୁଷ୍ୟର ଆନ୍ତର ଜୀବନ ପଙ୍ଗୁ, ନିସ୍ତେଜ ଓ ନିଷ୍ପ୍ରଭ ହୋଇ ଯାଉଛି । ସକଳ ଦିଗରେ ମନୁଷ୍ୟ ନଭଶ୍ଚୁମ୍ବୀ ଅଗ୍ରଗତି କରି ମଧ୍ୟ, ଚନ୍ଦ୍ରଲୋକରେ ଆଜି ପହଞ୍ଚି ମଧ୍ୟ ଏକ ଗଭୀର ଓ ମହାନ୍ ସଙ୍କଟର ସମ୍ମୁଖୀନ ହୋଇଛି । ସାମାଜିକ, ରାଜନୈତିକ, ନୈତିକ ଓ ଶିକ୍ଷାଗତ ସମସ୍ତ ସମସ୍ୟା ଆଜି ମନୁଷ୍ୟ ପାଖରେ ଅମୀମାଂସିତ ରହୁଛି । ଯୁକ୍ତି, ବୁଦ୍ଧି, ବିଜ୍ଞାନ, ଶିଳ୍ପ, ଯନ୍ତ୍ର, କଳକବ୍‌ଜା, କର୍ମଦକ୍ଷତା, ଜୀବନବାଦ — ଏହିସବୁକୁ ଆଦର୍ଶ କରି ପାଶ୍ଚାତ୍ୟ ଦେଶ ଯେପରି ଗୋଟାକ ପରେ ଗୋଟାଏ ଯୁଦ୍ଧରେ ପିଷ୍ଟ ହୋଇ ଯାଉଛି । ଆଜି କେତେକ ବ୍ୟାପାର ଘେନି ତୃତୀୟ ମହାଯୁଦ୍ଧର ଘନକୃଷ୍ଣ ମେଘମାଳା ମାନବଜାତିର ମସ୍ତକ ଉପରେ ଝୁଲୁଛି । ମୂଳ ସତ୍ୟ ହେଉଛି ବାହାରୁ କୌଣସି ପ୍ରକାର ଅଳ୍ପବେଶୀ ନିମ୍ନତର ଶକ୍ତି ଦ୍ୱାରା, ସଂସ୍ଥା ଦ୍ୱାରା, ସଙ୍ଗଠନ ଦ୍ୱାରା, ଆଦର୍ଶ ଓ ନୈତିକ ସଂସ୍କାର-ବିଧାନ ଦ୍ୱାରା ମାନବ ସମାଜକୁ ନିୟନ୍ତ୍ରଣ କରିବାର ସକଳ ପ୍ରଚେଷ୍ଟା ବୃଥା ହୋଇଛି । ସୁତରାଂ ଆତ୍ମମାନଙ୍କୁ ମନୁଷ୍ୟର ଆନ୍ତରାତ୍ମିକ ଜୀବନ ପ୍ରତି ଦୃଷ୍ଟିପାତ କରିବାକୁ ହେବ । ଏହିଠାରେହିଁ ସକଳ ମନୁଷ୍ୟ ସମସ୍ୟାର ସମାଧାନ । ସୁତରାଂ ତାହାର ଦୁଃଖ ନିବାରଣର ଏକମାତ୍ର ଉପାୟ ହେଲା ତାହା ମଧ୍ୟରେ ଏକ ଆଧ୍ୟାତ୍ମିକ ବିପ୍ଳବ ଆଣିବା । ଏହି ବିପ୍ଳବ ଦ୍ୱାରା

ତାହା ମଧ୍ୟରୁ ହିଂସା, ଦ୍ୱେଷ, କଳହ, ଈର୍ଷା, କାମ, କ୍ରୋଧ ଇତ୍ୟାଦି ଅନ୍ଧକାର ଅଜ୍ଞାନ ଶକ୍ତିର କ୍ରିୟା ଦୂର ହେବ ଏବଂ ତାହା ମଧ୍ୟରେ ଶାନ୍ତି, ସମତା, ଐକ୍ୟ, ସମନ୍ୱୟ, ଭ୍ରାତୃତ୍ୱ ଦେଖା ଦେବ । ଯେପର୍ଯ୍ୟନ୍ତ ମନୁଷ୍ୟ ଜୀବନ ଅନ୍ତରରୁ ଗଠିତ ନ ହୋଇଛି, ବାହାରର ସକଳ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ସେ ସୁଖୀ ହୋଇ ପାରିବ ନାହିଁ । ଅତଏବ ଆନ୍ତର ଜୀବନ ଦ୍ୱାରାହିଁ ବାହ୍ୟ ଜୀବନକୁ ନିୟନ୍ତ୍ରିତ କରିବାକୁ ହେବ – ଓଲଟା ନୁହେଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଯାଇ କର୍ମ-ଜୀବନ ଓ ସଂସାରକୁ ବର୍ଜନ କରିବାକୁ ହେବ । ବରଂ ଦିବ୍ୟ ଶକ୍ତିର ଚାଳନା ଦ୍ୱାରା ସେସବୁକୁ ଯଥାର୍ଥ ରୂପେ ଗ୍ରହଣ କରି ଜନସମାଜର କଲ୍ୟାଣ ସାଧନ କରିବାକୁ ହେବ ।

ସୁତରାଂ ଆମ୍ଭେମାନେ ଗଭୀର ଭାବେ ଦୃଷ୍ଟିପାତ କଲେ ବୁଝିପାରିବା ଯେ ବର୍ତ୍ତମାନ ମାନବଜାତିର ସମସ୍ୟା ରାଷ୍ଟ୍ରିକ (Political) ନୁହେଁ, ଆର୍ଥନୀତିକ (Economics) ନୁହେଁ, ପରିସ୍ଥିତିମୂଳକ (Environmental) ନୁହେଁ, ବରଂ ମନସ୍ତାତ୍ତ୍ୱିକ (Psychological) ଓ ବିବର୍ତ୍ତନମୂଳକ (Evolutionary) । ଆଉ ଦୃଢ଼ ଭାବରେ କହିବାକୁ ଗଲେ ମାନବଜାତି ଯଥାର୍ଥରେ ଏକ ଆଧ୍ୟାତ୍ମିକ ସଙ୍କଟ (Spiritual Crisis)ର ସମ୍ମୁଖୀନ ହୋଇଛି । ଏହି ଘୋର ସଙ୍କଟ କାଳ ଓ ଆସନ୍ନ ବିପଦ ଉପସ୍ଥିତ ଜାଣି ଶ୍ରୀଅରବିନ୍ଦ ଚାଳିଶ ବର୍ଷ ଧରି ଅଧ୍ୟାତ୍ମ-ସାଧନା କରି ମାନବଜାତିର କଲ୍ୟାଣ ନିମିତ୍ତ ରକ୍ଷାକବଚ ରୂପେ 'ଅତିମାନସ' ଦିବ୍ୟ ଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଆଣିଛନ୍ତି । ବର୍ତ୍ତମାନ ମାନବିକ ସମସ୍ୟାର ସମାଧାନର ଉପାୟ ହେଲା ଏହି ଶକ୍ତିକୁ ଜୀବନରେ ଗ୍ରହଣ କରି ତାହାରି ଦ୍ୱାରା ଜୀବନ ଓ ସମାଜକୁ ପରିବର୍ତ୍ତିତ କରିବା । ଆଜି ଆମ୍ଭେମାନେ ଏହି ସଂକଳ୍ପ କରୁଛୁ ଯେ ତାଙ୍କର ଅଧ୍ୟାତ୍ମ-ସିଦ୍ଧି ଭ୍ରାନ୍ତ ସମାଜକୁ ଯଥାର୍ଥ ପଥରେ ପରିଚାଳିତ କରୁ ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୪୦୯-୪୧୩) ❑

Purity is perfect sincerity and one cannot have it unless the being is entirely consecrated to the Divine.

(CWM, Vol. 14, p. 149) - *The Mother*

Complete works of the Mother (Till stocks last) **– Rs. 2300**

The Great Adventure - A Diary for all times: (New Revised Edition) – Rs. 395

Ideal Child, Ideal Parent, Ideal Teacher (3in1) Booklet – Rs. 75

The Mother by Sri Aurobindo *with the Mother's comments* **(***Sri Aurobindo's handwriting***) – Rs. 50**

125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150

VAK - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, website: www.vakbooks.in

ଦୀକ୍ଷାଦାନ

ଶ୍ରୀମା

ଏକଦା ଜଣେ ମହାତ୍ମା ଥିଲେ, ଯିଏକି ଜଣେ କଠୋର ବୈରାଗୀ ଥିଲେ ଓ ଭାରି ପଣ୍ଡିତ ମଧ୍ୟ ଥିଲେ । ତାଙ୍କୁ ସମସ୍ତେ ସମ୍ମାନ କରୁଥିଲେ,— ତାଙ୍କର ପ୍ରଜ୍ଞା ଓ ବୟସ ଉଭୟରେ ସେ ପରିପକ୍ୱ ଥିଲେ । ତାଙ୍କର ନାମ ଜୁନୁ । ଦୀକ୍ଷା ନେବା ଲାଗି ତାଙ୍କ ପାଖକୁ ଅନେକ ତରୁଣ ଓ ଯୁବକ ଆସୁଥିଲେ । ସେମାନେ ତାଙ୍କ ଆଶ୍ରମରେ ଆସି ରହୁଥିଲେ, ନିଜେ ଜ୍ଞାନାର୍ଜନ କରି ପାଣ୍ଡିତ୍ୟ ଲାଭ କରୁଥିଲେ ଏବଂ ସେଠାରେ ଦୀର୍ଘକାଳ ଅଧ୍ୟବସାୟ ପରେ ନିଜ ନିଜ ଘରକୁ ଫେରି ଯାଉଥିଲେ ।

ଦିନେ ଜଣେ ଯୁବକ ଆସି ତାଙ୍କ ପାଖରେ ପହଞ୍ଚିଲା । ତାଙ୍କ ନାମ ୟୁସୁଫ୍ ହୁସେନ୍ । ସିଏ କିଏ, କେଉଁ ଜାତିର, କିଛି ପଚାରିବା ପୂର୍ବରୁ ବି ମହାତ୍ମା ତାଙ୍କୁ ତାଙ୍କ ଆଶ୍ରମରେ ରହିବା ଲାଗି ଅନୁମତି ପ୍ରଦାନ କଲେ । ତା'ପରେ ଚାରି ବର୍ଷ ଚାଲିଗଲା, ଜୁନୁ ଦିନେ ୟୁସୁଫ୍‌ଙ୍କୁ ଡକାଇ ପଠାଇଲେ ଏବଂ ପ୍ରଥମ ଥର ପାଇଁ ତାଙ୍କୁ ପଚାରିଲେ : ''ତୁମେ ଏଠାକୁ କାହିଁକି ଆସିଛ ?'' ୟୁସୁଫ୍ କିଛି ନଭାବି ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ''ମୁଁ ଏଠାକୁ ଧର୍ମଦୀକ୍ଷା ନେବାକୁ ଆସିଛି ।'' ଜୁନୁ ତା'ପରେ ଆଉ କିଛି କହିଲେ ନାହିଁ । ସିଏ ତାଙ୍କର ଜଣେ ଭୃତ୍ୟକୁ ଡାକି ପଚାରିଲେ, ''ମୁଁ ତୋତେ ଯେପରି କହିଥିଲି, ତୁ ସେହିପରି ବାକ୍ସଟିଏ ତିଆରି କରି ଦେଇଛୁ ତ ?''

''ଆଜ୍ଞା ହଁ, ଠିକ୍ ସେହିପରି ବାକ୍ସଟିଏ ତିଆରି ହୋଇ ରହିଛି ।''

''ତେବେ ସଙ୍ଗେ ସଙ୍ଗେ ଏଠାକୁ ନେଇ ଆ,'' — ଜୁନୁ ଆଦେଶ ଦେଲେ ।

ଅତ୍ୟନ୍ତ ସାବଧାନତାର ସହିତ ଭୃତ୍ୟ ବାକ୍ସଟିକୁ ଆଣି ମହାତ୍ମାଙ୍କ ସମ୍ମୁଖରେ ରଖିଲା । ମହାତ୍ମା ବାକ୍ସଟିକୁ ନେଇ ୟୁସୁଫ୍‌କୁ ଦେଲେ ଓ କହିଲେ : ''ମୋର ଜଣେ ବନ୍ଧୁ ନୀଳାନଦୀର ତଟରେ ବାସ କରନ୍ତି । ତୁମେ ଏହି ବାକ୍ସଟିକୁ ମୋ'ଠାରୁ ତାଙ୍କ ପାଖକୁ ନେଇଯିବ । ମାତ୍ର ଅତ୍ୟନ୍ତ ସାବଧାନତା ସହିତ ଯିବ ଓ ବାଟରେ ଆଦୌ କୌଣସି ଭୁଲ୍ କରିବ ନାହିଁ । ବାକ୍ସଟିକୁ ସାବଧାନ ହୋଇ ନିଜ ପାଖରେ ରଖିବ ଏବଂ ଯାହା ଉଦ୍ଦେଶ୍ୟରେ ଏଇଟି ଯାଉଛି, କେବଳ ତାଙ୍କରି ହାତରେ ଏହାକୁ ଦେବ । ତୁମେ କାମଟି ସାରି ସେଠାରୁ ଫେରିଆସିଲେ ମୁଁ ତୁମକୁ ଦୀକ୍ଷା ପ୍ରଦାନ କରିବି ।'' ମହାତ୍ମା ତାଙ୍କର ପରାମର୍ଶଟିକୁ ପୁନରାବୃତ୍ତି କଲେ ଏବଂ ନୀଳା ନଦୀ ପାଖରେ ପହଞ୍ଚିବା ସକାଶେ ୟୁସୁଫ୍‌କୁ ଯେଉଁ ବାଟରେ ଯିବାକୁ ହେବ, ତାକୁ ସେକଥା ବର୍ଣ୍ଣନା କରି କହିଦେଲେ । ୟୁସୁଫ୍ ଗୁରୁଙ୍କ ଚରଣରେ ପ୍ରଣାମ କଲା, ବାକ୍ସଟିକୁ ଧରିଲା ଓ ତା' ବାଟରେ ବାହାରିଗଲା ।

ମହାତ୍ମାଙ୍କର ବନ୍ଧୁ ଯେଉଁ ଆଶ୍ରମରେ ରହୁଥିଲେ, ତାହା ବେଶ୍ ଦୂରରେ ଅବସ୍ଥିତ ଥିଲା ଏବଂ ସେକାଳରେ ଏତେ ଦୂର ବାଟ ଯିବା ଲାଗି କୌଣସି ଯାନବାହନ, ରେଳରାସ୍ତା ନଥିଲା । ତେଣୁ ୟୁସୁଫ୍‌କୁ ଚାଲି କରି ଯିବାକୁ ହୋଇଥିଲା । ସିଏ ସକାଳବେଳା ଗୋଟାକଯାକ ବାଟ ଚାଲିଲା ଏବଂ କ୍ରମେ ସକାଳବେଳା ଯାଇ ଉପରବେଳା ହେଲା । ସେତେବେଳେ ସୂର୍ଯ୍ୟକିରଣ ଭାରି ପ୍ରଖର ହୋଇଗଲା ଓ ଚାରିଆଡ଼ ଉତ୍ତପ୍ତ ହୋଇଉଠିଲା । ୟୁସୁଫ୍‌କୁ ଭାରି କ୍ଲାନ୍ତି ଲାଗିଲା । ତେଣୁ ଟିକିଏ ବିଶ୍ରାମ ନେବ ବୋଲି ସେ ରାସ୍ତାକଡ଼ରେ ଥିବା ଗୋଟିଏ ପୁରୁଣା ଗଛର ଛାଇରେ ଯାଇ ବସିପଡ଼ିଲା । ବାକ୍ସଟି ଖୁବ୍ ଛୋଟ ଥିଲା । ସେଥିରେ ତାଲା ବି ପଡ଼ି ନଥିଲା । ତା'ଛଡ଼ା ୟୁସୁଫ୍ ଏଥିପ୍ରତି କୌଣସି ଦୃଷ୍ଟି ବି ଦେଇ ନଥିଲା । ତା' ଗୁରୁ ତାକୁ ବାକ୍ସଟିକୁ ନେଇ ଯିବାକୁ କହିଥିଲେ ଓ ପଦେ ହେଲେ କିଛି ନକହି ସେ ତାଙ୍କ ଆଦେଶ ଅନୁସାରେ ବାହାରି ଆସିଥିଲା ।

ମାତ୍ର ବର୍ତ୍ତମାନ, ଉପରବେଳା ସେଠାରେ ବିଶ୍ରାମ ନେଉଥିବା ସମୟରେ ୟୁସୁଫ୍ ଭାବିବାକୁ ଆରମ୍ଭ କଲା । ନିର୍ଦିଷ୍ଟ କୌଣସି ବିଷୟରେ ନଭାବି ମନ ତା'ର ଏତେତେଣେ ଘୂରି ବୁଲିବାକୁ ଲାଗିଲା । ଏପରି ଗୋଟିଏ ଅବସରରେ ଏକ ନିର୍ବୋଧ ଭାବନା ମୁଣ୍ଡ ଭିତରେ ଆସି ପ୍ରବେଶ ନକରିବା ପ୍ରକୃତରେ ଏକ କ୍ୱଚିତ୍ ଘଟଣା ହୁଅନ୍ତା । ... ଏହିପରି ଭାବରେ ତା'ର ଦୃଷ୍ଟି ସେହି ବାକ୍ସଟି ଉପରେ ଯାଇ ପଡ଼ିଲା । ସିଏ ସେହି ବାକ୍ସଟି ଉପରେ ଦୃଷ୍ଟିପାତ କରିବାକୁ ଲାଗିଲା । ''ଭାରି ସୁନ୍ଦର ସାନ ବାକ୍ସଟିଏ ତ ! ... ଆରେ, ବାକ୍ସରେ ଚାବି ପଡ଼ି ନାହିଁ ତ ! ... ବାକ୍ସଟି ସତେ କେଡ଼େ ହାଲୁକା ଲାଗୁଛି ! ... ଏଇଟା କ'ଣ ଗୋଟାଏ ଖାଲି ବାକ୍ସ କି ?'' ସତେଅବା ବାକ୍ସଟିକୁ ଖୋଲିବ

ବୋଲି ୟୁସୁଫ୍ ହାତ ବଢ଼ାଇଲା । ହଠାତ୍ ତା'ର ମନ ଭିତରେ ଅଧିକ ଉଚିତ ଚିନ୍ତାଟିର ଉଦୟ ହେଲା : ''ନାଇଁ ନାଇଁ, ବାକ୍ସଟିରେ କିଛି ଥାଉ ଅଥବା ତାହା ଏକ ଖାଲି ବାକ୍ସ ହୋଇଥାଉ, ସେଥିରେ ମୋର ଆଦୌ କିଛି ଯାଏ ଆସେ ନାହିଁ । ଏହି ବାକ୍ସଟିକୁ ନେଇ ତାଙ୍କ ବନ୍ଧୁଙ୍କ ପାଖରେ ପହଞ୍ଚାଇ ଦେବାକୁ ମୋର ଗୁରୁ ମୋତେ ଆଦେଶ ଦେଇଛନ୍ତି,— ଆଉ କୌଣସି କଥା କରିବା ଲାଗି ତାଙ୍କର ଆଦେଶ ନାହିଁ । ତେଣୁ ଆଉ କିଛି ଲାଗି ମୋର କୌଣସି ଅଧିକାର ନାହିଁ । ଆଉ କୌଣସି ବିଷୟକୁ ନେଇ ମୁଁ ତେବେ ମଥା ଘୂରାଇବି କାହିଁକି ?''

ୟୁସୁଫ୍ କିଛି ସମୟ ପାଇଁ ସ୍ଥିର ହୋଇ ବସିଲା । କିନ୍ତୁ ତା'ର ମନ ମୋଟେ ସ୍ଥିର ହୋଇପାରିଲା ନାହିଁ । ବାକ୍ସଟି ତଥାପି ତା'ର ଆଖି ଆଗରେ ଥୁଆ ହୋଇଥାଏ । କେଡ଼େ ସୁନ୍ଦର କୁନି ବାକ୍ସଟିଏ ! ସିଏ ଭାବିବାକୁ ଲାଗିଲା, ''ବାକ୍ସଟି ଭିତରେ ଆଦୌ କିଛି ନଥିଲା ପରି ମନେ ହେଉଛି, ତେବେ ଗୋଟାଏ ଖାଲି ବାକ୍ସକୁ ଫିଟାଇଲେ ତଦ୍ଦ୍ୱାରା କୌଣସି କ୍ଷତି ବା ହେବ କାହିଁକି ? ... ହଁ, ଯଦି ବାକ୍ସରେ ଚାବି ପଡ଼ିଥା'ନ୍ତା, ତେବେ ତାକୁ ଫିଟାଇବା ଏକାନ୍ତ ଅନୁଚିତ ହୁଅନ୍ତା, ସେକଥା ମୁଁ ବୁଝି ପାରୁଛି । ଯେଉଁ ବାକ୍ସରେ ଚାବି ବି ପଡ଼ି ନାହିଁ, ତାହା ମୋଟେ ସେପରି କୌଣସି ଗୁରୁତର ସାମଗ୍ରୀ ନୁହେଁ । ତେଣୁ ମୁଁ କ୍ଷଣକ ପାଇଁ ବାକ୍ସଟିକୁ ଖୋଲିବି ଓ ତା'ପରେ ପୁଣି ବନ୍ଦ କରିଦେବି ।''

ସେହି ବାକ୍ସଟାକୁ କେନ୍ଦ୍ର କରି ୟୁସୁଫ୍‌ର ଚିନ୍ତା ଏହିପରି ବୁଲିବାରେ ଲାଗିଲା । ସେ ବିଷୟରେ ଉଦାସୀନ ରହିବା ତା' ପକ୍ଷରେ ଏକାନ୍ତ ଅସମ୍ଭବ ହୋଇପଡ଼ିଲା, ତା' ମୁଣ୍ଡ ଭିତରେ ଆସି ପ୍ରବେଶ କରିଥିଲା ଭାବନାଟିକୁ ସମ୍ଭାଳି ରଖିବା ମଧ୍ୟ ଅସମ୍ଭବ ହୋଇପଡ଼ିଲା । ''ନାହିଁ — ଯାଉଛି ମୁଁ ବାକ୍ସଟିକୁ ଥରେ ମାତ୍ର ଖୋଲି ଦେଖିବି,— ଥରେ ମାତ୍ର,— ଏବଂ ତା'ପରେ ବନ୍ଦ କରିଦେବି ।'' ସିଏ ପୁଣି ଥରେ ନିଜର ହାତ ବଢ଼ାଇଲା, ଆଉ ଥରେ ହାତଟାକୁ ପୁଣି ପଛକୁ ନେଇଆସିଲା, ଏବଂ ତା'ପରେ ପୁଣି ସ୍ଥିର ହୋଇବସିଲା । କିନ୍ତୁ ତଥାପି କିଛି ଫଳ ହେଲା ନାହିଁ । ଶେଷରେ ୟୁସୁଫ୍ ମନକୁ ସ୍ଥିର କରି ନିଷ୍ପତ୍ତି ନେଲା ଏବଂ ତା'ପରେ ଧୀରେ ଧୀରେ, ଅତ୍ୟନ୍ତ ଧୀରେ ଧୀରେ ସିଏ ବାକ୍ସଟିକୁ ଫିଟାଇଲା । ଯେମିତି ବାକ୍ସଟିକୁ ଫିଟାଇଛି ସେମିତି ତା' ଭିତରେ ଗୋଟିଏ ମୂଷା ଥିଲା, ଫକ୍‌କରି ବାହାରକୁ ଡେଇଁ କୁଆଡ଼େ ଉଭାନ୍ ହୋଇଗଲା । ବାକ୍ସ ଭିତରେ ଅମୁହାଁ ହୋଇ ବିଚାରା ମୂଷାଟି ସେଠାରେ ଅନେକବେଳରୁ ରହିଥିଲା, ତେଣୁ ମୁକ୍ତିଲାଭ କରି ଅନ୍ତର୍ହିତ ହୋଇଯିବାକୁ ତା'କୁ ଗୋଟିଏ ମୁହୂର୍ତ୍ତ ମଧ୍ୟ ଲାଗିଲା ନାହିଁ ।

ୟୁସୁଫ୍‌ର ଅକଳ ଗୁଡୁମ୍ ହୋଇଗଲା । ଆଖିଟାକୁ ଏଡ଼େ ବଡ଼ କରି ସିଏ ଖାଲି ଅନାଇ ରହିଥାଏ, ଅନାଇ ରହିଥାଏ । ଖାଲି ବାକ୍ସଟା ପଡ଼ି ରହିଥାଏ । ତା'ପରେ ମର୍ମନ୍ତୁଦ ଦୁଃଖରେ ତା'ର ହୃଦୟ ସ୍ପନ୍ଦିତ ହେବାକୁ ଆରମ୍ଭ କଲା : ''ତା'ହେଲେ ମହାତ୍ମା ଖାଲି ଏହି ମୂଷାଟାକୁହିଁ ବାକ୍ସ ଭିତରେ ପଠାଇଥିଲେ, ଏଇ ସାନ ମୂଷାଟାକୁ ପଠାଇଥିଲେ ... । ଏବଂ, ମୁଁ ଏଡ଼େ ଅଯୋଗ୍ୟ ଯେ ଏହି ସାମାନ୍ୟ ଜିନିଷଟାକୁ ଶେଷ ପର୍ଯ୍ୟନ୍ତ ନିରାପଦ ଭାବରେ ନେଇପାରିଲି ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି କରି ମୁଁ ଏକ ଗୁରୁତର ଅପରାଧ କରିଛି । ତେବେ ବର୍ତ୍ତମାନ ପୁଣି କ'ଣ କରିବି ?''

ୟୁସୁଫ୍‌ର ମନରେ ଅନୁଶୋଚନାର ସୀମା ରହିଲା ନାହିଁ । ମାତ୍ର ବର୍ତ୍ତମାନ ତ ଆଉ କିଛି ହେଲେ କରିବାର ଚାରା ନଥିଲା । ସିଏ ଗଛଟିର ଚାରିପାଖରେ ଥରେ ବୁଲିଆସିଲା, ବୃଥାଟାରେ ରାସ୍ତାଟିର ଉପର ଆଡ଼କୁ ଓ ତଳ ଆଡ଼କୁ ଆଖି ପକାଇବାକୁ ଲାଗିଲା । ମୂଷାଟି ପ୍ରକୃତରେ ଅନ୍ତର୍ଦ୍ଧାନ ହୋଇ ଯାଇଥିଲା ... ପ୍ରକମ୍ପିତ ହସ୍ତଟିକୁ ବଢ଼ାଇ ୟୁସୁଫ୍ ବାକ୍ସଟିର ଢାଙ୍କୁଣୀ ବନ୍ଦ କରିଦେଲା ଏବଂ ସନ୍ତପ୍ତ ମନରେ ତା' ବାଟରେ ଅଗ୍ରସର ହେଲା ।

ଶେଷକୁ ସେ ନୀଳାନଦୀ ତଟରେ ଅବସ୍ଥିତ ତା' ଗୁରୁଙ୍କର ବନ୍ଧୁଙ୍କ ନିବାସରେ ଯାଇ ପହଞ୍ଚିଲା । ସେଠାରେ ପହଞ୍ଚି ଗୁରୁ ପଠାଇଥିବା ଦ୍ରବ୍ୟଟିକୁ ତାଙ୍କ ଆଡ଼କୁ ବଢ଼ାଇଦେଲା ଏବଂ ନିଜେ ଯେଉଁ ଦୋଷଟିକୁ କରି ପକାଇଛି, ସେଇଥିଲାଗି ଗୋଟିଏ କୋଣକୁ ଅପସରି ଯାଇ ଅପେକ୍ଷା କରିରହିଲା । ଏହି ବ୍ୟକ୍ତି ଜଣେ ମହାନ୍ ସଚ୍ଚପୁରୁଷ ଥିଲେ । ସିଏ ବାକ୍ସଟିକୁ ଖୋଲି ଦେଖିଲେ ଓ ତତ୍‌କ୍ଷଣାତ୍ ସମସ୍ତ ଘଟଣା ସମ୍ବନ୍ଧରେ ଅବହିତ ହୋଇଗଲେ । ସେହି ତରୁଣ ଅଭୀପ୍ସୁକୁ ଚାହିଁ କହିଲେ, ''ୟୁସୁଫ୍, ତେବେ ତୁମେ ବାଟରେ ମୂଷାଟିକୁ ହରାଇ ଦେଇ ଆସିଛ ... ମୋର ଆଶଙ୍କା ହେଉଛି ଯେ ମହାତ୍ମା ଜୁନୁ ତୁମକୁ ବର୍ତ୍ତମାନ ଆଉ କୌଣସି ଦୀକ୍ଷା ଦେବେ ନାହିଁ । କାରଣ ପରମ ଜ୍ଞାନଲାଭ କରିବାକୁ ଯୋଗ୍ୟ ହେବା ଲାଗି ଜଣେ ବ୍ୟକ୍ତିର ତା' ନିଜ ମନ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବା ଆବଶ୍ୟକ । ତୁମର ଇଚ୍ଛାଶକ୍ତି ବିଷୟରେ ତୁମ ଗୁରୁଙ୍କର ନିଶ୍ଚୟ କିଛି ସଂଶୟ ରହିଥିଲା ଏବଂ ସେହି କାରଣରୁହିଁ ସେ ଏହି କୌଶଳଟି ପ୍ରୟୋଗ କରି ଦେଖିବାକୁ ନିଷ୍ପତ୍ତି କରିଥିଲେ, ତୁମକୁ ପରୀକ୍ଷା କରୁଥିଲେ ।

ଗୋଟାଏ ସାନ ମୂଷାକୁ ବାକ୍ସ ଭିତରେ ରଖିବା ଭଳି ଏକ ଅତି ସାନ କଥା ଯେତେବେଳେ ତୁମ ଦ୍ୱାରା ସାଧ ହୋଇ ନପାରିଲା, ସେତେବେଳେ ତୁମେ କିପରି ପ୍ରତ୍ୟାଶା କରି ପାରୁଛ ଯେ ତୁମେ ପୂର୍ଣ୍ଣ ସାମର୍ଥ୍ୟ ସହ ଅତ୍ୟୁଚ୍ଚ ମହାନ୍ ଭାବନାଗୁଡ଼ିକୁ ନିଜର ମନ ଭିତରେ ଧାରଣ କରି ରଖିପାରିବ, ଯଥାର୍ଥ ପରମଜ୍ଞାନକୁ ହୃଦୟରେ ଧାରଣ କରିପାରିବ ? ୟୁସୁଫ୍ କୌଣସି କଥାକୁ ତୁମେ କଦାପି ସାନ ବା ମହତ୍ତ୍ୱହୀନ ବୋଲି ଭାବିବ ନାହିଁ। ବର୍ତ୍ତମାନ ତୁମେ ଗୁରୁଙ୍କ ପାଖକୁ ଲେଉଟିଯାଅ, ଚରିତ୍ରକୁ ଦୃଢ଼ କରି ଗଢ଼ି ଶିଖ,— ଏବଂ ଅଧବସାୟ ଶିକ୍ଷା କର। ନିଜକୁ ବିଶ୍ୱାସଭାଜନ କର, ଯେପରିକି ତୁମେ ଦିନେ ସେହି ବିରାଟ ବ୍ୟକ୍ତିଙ୍କର ଜଣେ ଯଥାର୍ଥ ଶିଷ୍ୟ ହୋଇପାରିବ।''

ୟୁସୁଫ୍ ଅତ୍ୟନ୍ତ ନିରାଶ ହୋଇପଡ଼ିଲା, ମହାତ୍ମାଙ୍କ ପାଖକୁ ଫେରି ଆସିଲା ଏବଂ ଆପଣାର କୃତ ଅପରାଧଟିକୁ ସ୍ୱୀକାର କଲା। ମହାତ୍ମା ୟୁସୁଫ୍‌କୁ କହିଲେ, ''ୟୁସୁଫ୍, ତୁମେ ପ୍ରକୃତରେ ଏକ ଅଦ୍ଭୁତ ସୁଯୋଗରୁ ଆପଣାକୁ ବଞ୍ଚିତ କରିଛ। ମୁଁ ତୁମକୁ କେବଳ ଏକ ସାମାନ୍ୟ ମୂଷାଟାର ଦାୟିତ୍ୱ ଦେଇଥିଲି ଓ ତୁମେ ସେତିକିକୁ ମଧ୍ୟ ତୁଲାଇ ପାରିଲ ନାହିଁ ! ତେବେ, ଯେଉଁ ଦିବ୍ୟସତ୍ୟକୁ ସବୁଠାରୁ ଅଧିକ ମୂଲ୍ୟବାନ୍ ବୋଲି କୁହାଯିବ, ତାହାକୁ ଧାରଣ କରିବା ଲାଗି ତୁମେ ପ୍ରକୃତରେ କିପରି ସମର୍ଥ ହେବ ? ସେଥିଲାଗି ତୁମକୁ ଆତ୍ମସଂଯମ ଅବଲମ୍ବନ କରିବାକୁ ହେବ। ଯାଅ, ତାହାକୁହିଁ ଶିକ୍ଷା କର। ଆଗେ ଆପଣା ମନର ନିୟନ୍ତ୍ରଣକର୍ତ୍ତା ହେବାକୁ ଶିଖ, କାରଣ, ତଦ୍ ବ୍ୟତୀତ ମନୁଷ୍ୟ ଆଉ କୌଣସି ବୃହତ୍ ବସ୍ତୁର ଅଧିକାରୀ ହୋଇପାରିବ ନାହିଁ।''

ୟୁସୁଫ୍ ଲଜ୍ଜିତ ଓ ନତମସ୍ତକ ହୋଇ ଫେରିଗଲା ଏବଂ ସେହିଦିନଠାରୁ ତା'ର କେବଳ ଗୋଟିଏ ଭାବନା ରହିଲା : ସିଏ କିପରି ନିଜର ନିୟନ୍ତ୍ରଣରେ ନିଜକୁ ରଖିପାରିବ ... ବର୍ଷ ବର୍ଷ ଧରି ସେ ଏଥିଲାଗି ଅକ୍ଲାନ୍ତ ଚେଷ୍ଟା କଲା, ଆପଣାକୁ ଏକ ଅତ୍ୟନ୍ତ କଠୋର ଏବଂ କଷ୍ଟସାଧ୍ୟ ତପସ୍ୟା ମଧ୍ୟଦେଇ ଅଗ୍ରସର କରାଇନେଲା। ଏବଂ ପରିଶେଷରେ ଆପଣାର ପ୍ରକୃତି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବାରେ ସେ ସଫଳକାମ ବି ହେଲା। ତା'ପରେ, ପୂର୍ଣ୍ଣ ବିଶ୍ୱାସର ସହିତ ୟୁସଫ୍ ତା' ଗୁରୁଙ୍କ ପାଖରେ ଯାଇ ଉପସ୍ଥିତ ହେଲା। ତାକୁ ପୁନର୍ବାର ଦେଖି ମହାତ୍ମାଙ୍କର ମଧ୍ୟ ଆନନ୍ଦର ସୀମା ରହିଲା ନାହିଁ; ସିଏ ଯଥାର୍ଥରୂପେ ପ୍ରସ୍ତୁତ ହୋଇ ଆସିଛି ଜାଣି ସେ ଅତ୍ୟନ୍ତ ପ୍ରୀତ ହୋଇଗଲେ। ଏବଂ ୟୁସୁଫ୍ ଏହିପରି ଭାବରେହିଁ ମହାତ୍ମା ଜୁନୁଙ୍କଠାରୁ ମହାନ୍ ଦୀକ୍ଷାଟିକୁ ଲାଭ କରିପାରିଲା।

ତା'ପରେ ଆହୁରି ଅନେକ ବର୍ଷ ଅତିବାହିତ ହୋଇଗଲା। ଯଥାର୍ଥ ଜ୍ଞାନ ଏବଂ ଆତ୍ମ-କର୍ତ୍ତୃତ୍ୱର ଶକ୍ତିରେ ୟୁସୁଫ୍ ଆହୁରି ଅଧିକ ପ୍ରବୀଣ ହୋଇଉଠିଲା। ଶେଷରେ ସିଏ ଇସଲାମ ଧର୍ମର ଜଣେ ଅତ୍ୟନ୍ତ ମହାନ୍ ଓ ପ୍ରବୀଣ ସଦ୍ଗୁରୂପେ ପ୍ରଖ୍ୟାତ ହେଲା।

(କାହାଣୀଟି ମୂଳ ଗୁଜରାଟୀ ଭାଷାରୁ ସଂଗୃହୀତ)

(ମାଆ ପିଲାମାନଙ୍କୁ ଉଦ୍ଦେଶ୍ୟ କରି କହିଲେ)

ତେଣୁ, ମୋର କହିବାର ଉଦ୍ଦେଶ୍ୟ ହେଉଛି ଯେ ତୁମେମାନେ କଦାପି ଧୈର୍ଯ୍ୟ ହରାଇବ ନାହିଁ। ତୁମକୁ ବୁଝିବାକୁ ହେବ ଯେ ଯଥାର୍ଥ ଜ୍ଞାନ ଅର୍ଜନ କରିବାକୁ ହେଲେ, ସେହି ଜ୍ଞାନ ଯେଉଁ ବିଷୟରେ ବା ଯେଉଁ କ୍ଷେତ୍ରର ଜ୍ଞାନ ହୋଇଥାଉ ପଛକେ, ତୁମକୁ ସେହି ଜ୍ଞାନକୁ ଜୀବନରେ ଅଭ୍ୟାସ କରିବାକୁ ପଡ଼ିବ; ଅର୍ଥାତ୍, କର୍ମ ମଧ୍ୟ ଦେଇ ଏହି ଜ୍ଞାନକୁ ଅଭିବ୍ୟକ୍ତ କରିବା ଲାଗି ଆପଣାର ପ୍ରକୃତି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଅର୍ଜନ କରିବାକୁ ହେବ।

ତୁମେ ସମସ୍ତେ ଯେଉଁମାନେ ଏଠାକୁ ଆସିଛ, ତୁମମାନଙ୍କୁ ଅନେକ ଅନେକ କଥା କୁହାଯାଇଛି, ସତ୍ୟର ଏକ ଜଗତ୍ ସହିତ ତୁମର ସମ୍ପର୍କ ସ୍ଥାପନ କରାଇ ଦିଆଯାଇଛି। ତୁମେ ଏଠାରେ ସେହି ସତ୍ୟର ପରିମଣ୍ଡଳଟି ମଧ୍ୟରେ ବାସ କରୁଛ; ତୁମେ ଯେଉଁ ବାୟୁକୁ ନିଃଶ୍ୱାସ ରୂପେ ଗ୍ରହଣ କରୁଛ, ସେଥିରେ ସେହି ସତ୍ୟ ପୂର୍ଣ୍ଣ ହୋଇରହିଛି। ମାତ୍ର ତଥାପି, ତୁମମାନଙ୍କ ଭିତରୁ କେତେ କମ୍ ପିଲା ଏହି କଥାଟିକୁ ଜାଣିଛ ଯେ ଏହି ସତ୍ୟଗୁଡ଼ିକୁ ଜୀବନର କ୍ଷେତ୍ରରେ ଆଣି ଲଗାଇଲେ ଯାଇ ସେଗୁଡ଼ିକର ପ୍ରକୃତରେ କୌଣସି ମୂଲ୍ୟ ରହିବ। ତୁମ ଭିତରୁ କେତେ କମ୍ ଜଣ ଏକଥା ଜାଣିଛ ଯେ ଯଦି ତୁମେ ସେହିସବୁ ବସ୍ତୁକୁ **ନିଜେ** ଆପଣାର ଜୀବନରେ ପ୍ରୟୋଗ ଲାଗି କୌଣସି ଉଦ୍ୟମ ନକର ଏବଂ ସେଗୁଡ଼ିକୁ ଆପଣା ଭିତରେ ମୂର୍ତ୍ତରୂପେ ଅନୁଭବ କରି ନପାର, ତେବେ ଚେତନା, ଜ୍ଞାନ, ଆତ୍ମାର ସମତା, ବିଶ୍ୱଜନୀନତା, ଆନନ୍ତ୍ୟ, ଶାଶ୍ୱତତା, ସର୍ବୋଚ୍ଚ ପରମସତ୍ୟ, ଭଗବତ୍-ଉପସ୍ଥିତି ... ଏବଂ ସେହିପରି ଆଉ ଯାବତୀୟ ବସ୍ତୁ ବିଷୟରେ କେବଳ କଥା କହିବାରେ ପ୍ରକୃତରେ ଆଦୌ କୌଣସି ଲାଭ ନାହିଁ ! ଏବଂ ତୁମେ କେବେ ହେଲେ

ନିଜକୁ ଏପରି କୁହ ନାହିଁ : ''ମୁଁ ତ ଏଠାରେ ଅନେକ ବର୍ଷ ରହିଲିଣି, ଏଥର ମୋ ଉଦ୍ୟମର ଫଳଗୁଡ଼ିକୁ ମୁଁ ଆଖିରେ ଦେଖିପାରିବା ଉଚିତ !'' ତୁମକୁ ଏହି କଥାଟିକୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, ନିଜ ପ୍ରକୃତି ଭିତରେ ରହିଥିବା ଏଡ଼େ ଟିକିଏ ଦୁର୍ବଳତା, ଏଡ଼େ ଟିକିଏ କ୍ଷୁଦ୍ରତା ଏବଂ ଏଡ଼େ ଟିକିଏ ନୀଚତା ଉପରେ ମଧ୍ୟ ବିଜୟ ହାସଲ କରିବାକୁ ହେଲେ ଅତ୍ୟନ୍ତ ଦୃଢ଼ ଓ ଅବିଚଳ ଭାବରେ ବାରବାର ଉଦ୍ୟମ କରିବାକୁ ପଡ଼ିବ, ଅତ୍ୟନ୍ତ ଅବିଚଳ ଭାବରେ ସହିଷ୍ଣୁ ହେବାକୁ ପଡ଼ିବ । ଯଦି ଆମେ ଆପଣାର ଅହଂକାରଗୁଡ଼ିକୁ ତ୍ୟାଗ କରି ଭଲପାଇ ନପାରିଲେ, ତେବେ ଦିବ୍ୟପ୍ରେମ ବିଷୟରେ ଅଯଥାରେ କଥା କହିବାରେ ଆମକୁ କି ଲାଭ ମିଳିବ ? ଯଦି ଆମେ ଖୁବ୍ ଅନମନୀୟ ଭାବରେ ସେହି ଅତୀତ ତଥା ବର୍ତ୍ତମାନ ସହିତ ଆସକ୍ତ ଓ ଜଡ଼ିତ ହୋଇ ରହିଥିବା ଏବଂ କିଛି ପାଇବା ଲାଗି ଯଦି ଆମେ ଆଦୌ କିଛି ହେଲେ ଦେବାକୁ ଇଚ୍ଛା ନକରୁଥିବା, ତେବେ ଅମରତ୍ୱ ବିଷୟରେ କଥାଗୁଡ଼ାଏ କହି କି ଲାଭ ମିଳିବ ?

ତୁମେସବୁ ବର୍ତ୍ତମାନ ବି ପିଲା ଅଛ, ମାତ୍ର ତୁମମାନଙ୍କୁ ଏହି **ବର୍ତ୍ତମାନ ମଧ୍ୟ** ଶିକ୍ଷା କରିବାକୁ ହେବ ଯେ ଯଥାର୍ଥ ଲକ୍ଷ୍ୟଟିରେ ଯାଇ ପହଞ୍ଚିବାକୁ ହେଲେ ତୁମମାନଙ୍କୁ ତା'ର ମୂଲ୍ୟ ଦେଇ ଜାଣିବାକୁ ହେବ; ଏବଂ, ସର୍ବୋଚ୍ଚ ସତ୍ୟଗୁଡ଼ିକୁ ଯଥାର୍ଥ-ଭାବରେ ବୁଝି ପାରିବାକୁ ହେଲେ, ତୁମକୁ ସେଗୁଡ଼ିକୁ ଆପଣାର ଦୈନନ୍ଦିନ ଜୀବନରେ ଅବଶ୍ୟ ଅଭ୍ୟାସ କରିବାକୁ ହେବ ।

ଆଜି ମୁଁ ସେତିକି କହିବି ।

(MCW, Vol. 9, p.67 - 71)

❑❑❑

ଜୀବନକୁ ଜାଣିବା

ତିବ୍ବତର ପ୍ରସିଦ୍ଧ ଧର୍ମ ଗୁରୁ କର୍ମାପାଙ୍କ ନିକଟକୁ ଜଣେ ଆସି କହିଲେ – ମୋତେ ମୃତ୍ୟୁ ସମ୍ବନ୍ଧରେ କିଛି କୁହନ୍ତୁ ।

କର୍ମାପା କହିଲେ – ଜୀବନ ସମ୍ବନ୍ଧରେ ପଚାରିବ ଯଦି କିଛି କହି ପାରିବି, କିନ୍ତୁ ମୃତ୍ୟୁ ସମ୍ବନ୍ଧରେ କିଛି ଜାଣି ନାହିଁ ।

ଆଗନ୍ତୁକ କହିଲେ – ଆପଣ ଜଣେ ସିଦ୍ଧ ପୁରୁଷ । ଆପଣ ପୁଣି ଏକଥା ଜାଣି ନାହାନ୍ତି ?

କର୍ମାପା କହିଲେ – ଗପଟିଏ ଶୁଣନ୍ତୁ । ଥରେ ରାତି ଆସି ଭଗବାନଙ୍କ ନିକଟରେ ଅଭିଯୋଗ କଲା ଯେ, 'ସୂର୍ଯ୍ୟ ବୋଲି ଜଣେ ସବୁବେଳେ ମୋତେ ଗୋଡ଼ାଉଛି । ମୋତେ ତା' କବଳରୁ ରକ୍ଷା କର । ମୁଁ ଦୌଡ଼ି ଦୌଡ଼ି ହାଲିଆ ହେଲିଣି ।'

ଏହା ଶୁଣି ଭଗବାନ୍ ସୂର୍ଯ୍ୟଙ୍କୁ କହିଲେ – 'ଆରେ ବାବୁ, ତୁମେ କାହିଁକି ରାତ୍ରି ଦେବୀଙ୍କୁ ହଇରାଣ କରୁଛ ?'

ଏହା ଶୁଣି ସୂର୍ଯ୍ୟ ଚକିତ ହେଲେ । ସେ କହିଲେ – ଏମିତି କାହାକୁ ସେ କେବେ ଦେଖି ନାହାନ୍ତି କି ଜାଣି ନାହାନ୍ତି । ତାଙ୍କୁ ହଇରାଣ କରିବା କଥା ଦୂରେ ଥାଉ ।

ତା'ପରେ ସୂର୍ଯ୍ୟ ଭଗବାନଙ୍କୁ ଅନୁରୋଧ କରି କହିଲେ – 'ପ୍ରଭୁ, ମୋତେ ଟିକିଏ ରାତିଙ୍କ ସହ ଭେଟ କରାଇ ଦିଅନ୍ତେ ନାହିଁ ? ସାମନାସାମନି ହୋଇଗଲେ କଥାଟା ପରିଷ୍କାର ହୋଇ ଯାଆନ୍ତା ।' କଥା ସେତିକିରେ ସରିଗଲା । ଈଶ୍ୱର ସୂର୍ଯ୍ୟଙ୍କ ସହିତ ରାତିର ଭେଟ କରାଇ ପାରିଲେ ନାହିଁ କି ବ୍ରହ୍ମାଣ୍ଡ ଥିବା ଯାଏ କରାଇ ପାରିବେ ନାହିଁ । କାରଣ ସୂର୍ଯ୍ୟ ଆସିଗଲା ମାତ୍ରକେ ରାତି ଚାଲିଯିବାକୁ ବାଧ ହେବେ ।

ଏହା କହି ସାରି କର୍ମାପା କହିଲେ – କଥାଟା ସେମିତି । ଆମେ ବଞ୍ଚିଥିବା ଯାଏ ମୃତ୍ୟୁ ସହିତ ଭେଟ ହୋଇପାରିବ ନାହିଁ । ତେଣୁ ତା' ବିଷୟରେ ଆମେ ଜାଣିବା କେମିତି ଓ କାହିଁକି ? ଆସ ବଞ୍ଚିଥିବା ଯାଏ ଆମେ ଜୀବନ ବିଷୟରେ ଜାଣିବା ।

ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୧୧୪)

ମହେନ୍ଦ୍ରନାଥ ସ୍ୱାଇଁ

ଯଥାର୍ଥ ଏକତ୍ୱ :

ପୂର୍ଣ୍ଣଯୋଗ ପଥରେ ଚାଲୁଥିବା ବେଳେ ସାଧକଙ୍କୁ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ, କିନ୍ତୁ ଏହି ଅସୁବିଧାଗୁଡ଼ିକ ସୂଚିତ କରି ଦିଅନ୍ତି ଯେ ସାଧକ ଭିତରେ କିଛି ନା କିଛି ପ୍ରତିବନ୍ଧକ ରହିଛି ଯାହା ପୂର୍ଣ୍ଣତା ପ୍ରାପ୍ତିରେ ବାଧା ସୃଷ୍ଟି କରୁଛି ।

ଆତ୍ମମାନଙ୍କର ଏକ ଆଦର୍ଶସ୍ଥାନୀୟ ଆନ୍ତର ଅବସ୍ଥା ରହିବା ଆବଶ୍ୟକ । ଏହି ଅବସ୍ଥା ସର୍ବଦା ଅବିଚଳିତ ରହିଥିବ । ଏବଂ ଯେତେବେଳେ କୌଣସି କାର୍ଯ୍ୟରେ ଅସଫଳ ହେବା ସେତେବେଳେ ମଧ୍ୟ ସେହି ଅସଫଳ ଘଟଣାଟିକୁ ସଫଳତାର ଏକ ପାବନ୍ଧ ବୋଲି ମନେ କରିବାକୁ ହେବ । ପୂର୍ଣ୍ଣଯୋଗ କ୍ଷେତ୍ରରେ ପ୍ରତ୍ୟେକ ଆଧ୍ୟାତ୍ମିକ ଘଟଣା ଗୁରୁତ୍ୱପୂର୍ଣ୍ଣ ଅଟେ । ସାଧକର ପ୍ରତ୍ୟେକ ଅସଫଳତା ଏକ ସ୍ପ୍ରିଙ୍ଗ୍-ବୋର୍ଡ଼ (spring board) ପରି କାମ କରିଥାଏ, ଅଥବା ଭିତରେ ଥିବା ଅହଂକାରକୁ ପରାସ୍ତ କରିଥାଏ ଏବଂ ଏହାହିଁ ହେଉଛି ବିଜୟର ପ୍ରାରମ୍ଭ ପାବନ୍ଧ । ଅନ୍ୟପକ୍ଷରେ ବିଜୟ ଅଥବା ଏକ ଦିବ୍ୟଦୃଷ୍ଟି ପ୍ରାପ୍ତ ହେଲେ ଚେତନାର ତତ୍କାଳୀନ ଅବସ୍ଥାରେ ହଠାତ୍ ଉତ୍‌ଫୁଲ୍ଲ ଭାବ ପ୍ରକାଶ ପାଇଥାଏ । ଏକ ଦିଗରେ ଏହି ପ୍ରକାର ଭାବ ଅହଂକାରର ପଥ ପରିଷ୍କାର କରିଥାଏ ଏବଂ ଅନ୍ୟ ଦିଗରେ ସବୁ କାମରେ ଜଟିଳତା ସୃଷ୍ଟି ହେବା ପାଇଁ ମଧ୍ୟ ବାଟ ଖୋଲେ । ଏହା ସତ୍ତା ଭିତରେ ଜଟିଳତାର ପ୍ରବେଶ କରାଇ ଥାଏ ଏବଂ ଏକ ବୃହତ୍ ଆକାରର 'ତମସା'କୁ ଡାକି ଆଣିଥାଏ; ଏହା ଆମର ପ୍ରାଣ ଶକ୍ତିର ସୀମିତତା ଏବଂ ଅକ୍ଷମତା ଯୋଗୁଁ ହୋଇଥାଏ । ସୁତରାଂ ଆମେ ଏହି କଥାଟିକୁ ଜାଣି ରଖିବା ଉଚିତ ଯେ ଅଗ୍ରଗତି ହେଉଥିବାର ଏକମାତ୍ର ନିଶ୍ଚିତ ସୂଚନା ହେଉଛି ସାଧକର ଚେତନାରେ କୌଣସି ପ୍ରକାର ବିଚଳିତ ଭାବର ଚିହ୍ନବର୍ତ୍ତ ନଥିବ ଏବଂ ଏକ ପ୍ରକାର ସ୍ଥିର-ପ୍ରଶାନ୍ତି, ନିରବତାର ଅବସ୍ଥା ବିରାଜମାନ କରୁଥିବ ।

ଏହି ବିଷୟରେ ଦିବ୍ୟଜନନୀ ଶ୍ରୀମା ମାର୍ଚ୍ଚ ୨୪, ୧୯୧୪ ପ୍ରାର୍ଥନାରେ ଲେଖିଛନ୍ତି – "The result of all my reflections of yesterday is the finding that the only disturbance I experience comes from my fear of not having been or of not being perfectly identified with Thy law. And this disturbance comes precisely from the fact that the identification is not complete; for if it were, I could not ask myself whether it is so and, on the other hand, as I know from experience, all disturbance would become impossible for me.

"But in face of an error or blunder, the true thought to have is not to say to oneself, "I should have done better, I should have done this instead of that", but rather "I was not sufficiently identified with the eternal Consciousness, I must strive to realise better this definitive and integral union."

''କାଲି ମୁଁ ଯେଉଁସବୁ ଚିନ୍ତା କରିଛି ତାହାର ସିଦ୍ଧାନ୍ତ ହେଲା ଏହି ଯେ ମୁଁ ଯେଉଁ ଏକମାତ୍ର ବାଧା ଅନୁଭବ କରେ, ତାହା ଆସେ ଗୋଟିଏ ଭୟରୁ – ସେହି ଭୟ ହେଲା, ହୁଏତ ମୁଁ ତୁମର ଦିବ୍ୟ ବିଧାନ ସଙ୍ଗେ ଏକାତ୍ମ ହୋଇପାରି ନାହିଁ ଅଥବା ପୂର୍ଣ୍ଣରୂପେ ଏକୀଭୂତ ହୋଇ ନାହିଁ । ଆଉ ବାସ୍ତବରେ ଏହି ବାଧାବିପତ୍ତି ଆସେ ଠିକ୍ ଏହି କାରଣରୁ ଯେ ଏକତ୍ୱ ପରିପୂର୍ଣ୍ଣ ହୋଇ ନାହିଁ; ଯଦି ଏହା ପୂର୍ଣ୍ଣ ହୋଇ ଥାଆନ୍ତା, ତେବେ ଏହା ପୂର୍ଣ୍ଣ ହୋଇଛି କି ନାହିଁ ଏ ପ୍ରଶ୍ନ ମୁଁ ନିଜକୁ ପଚାରି ପାରି ନଥା'ନ୍ତି ଏବଂ ଅନ୍ୟପକ୍ଷରେ, ମୁଁ ନିଜ ଅନୁଭୂତିରୁ ଜାଣେ ଯେ ସେହି ଅବସ୍ଥାରେ କୌଣସି ବାଧାବିପତ୍ତି ଆସିବା ଏକେବାରେ ସମ୍ଭବ ନୁହେଁ ।

''କିନ୍ତୁ ଆମେମାନେ ଯେବେ ଗୋଟାଏ ଭୁଲ୍ କରୁ

ବା ଗୋଟାଏ ମିଥ୍ୟା ପଦକ୍ଷେପ ଗ୍ରହଣ କରୁ, ସେତେବେଳେ ଆତ୍ମମାନଙ୍କର ଯେଉଁ ଯଥାର୍ଥ ଚିନ୍ତା କରିବା ଉଚିତ ତାହା ନକରି ନିଜକୁ ଏପରି କହିବା ଉଚିତ ନୁହେଁ, 'ମୋର ଆହୁରି ଭଲ ଭାବରେ କରିବା ଉଚିତ ଥିଲା, ଏହି କାର୍ଯ୍ୟଟି ନକରି ସେ କାର୍ଯ୍ୟଟି କରିବା ଉଚିତ ଥିଲା ।' ବରଂ ଏହା କହିବା ଉଚିତ, 'ଶାଶ୍ୱତ ଚେତନା ସଙ୍ଗେ ମୋର ପର୍ଯ୍ୟାପ୍ତ ଏକତ୍ୱ ହୋଇ ନଥିଲା, ଏହି ଚରମ ଓ ପୂର୍ଣ୍ଣ ମିଳନ ସାଧନ କରିବା ସକାଶେ ମୁଁ ଆହୁରି ବେଶୀ ଚେଷ୍ଟା କରିବି ।'

ପୁନଶ୍ଚ ମା' ଆଲୋଚ୍ୟ ପ୍ରାର୍ଥନାଟିର ତୃତୀୟ, ଚତୁର୍ଥ ଓ ପଞ୍ଚମ ଅନୁଚ୍ଛେଦରେ ଲେଖନ୍ତି –

"Yesterday afternoon, during those long hours of silent contemplation, I understood at last what is meant by true identification with the object of one's thought. I touched this realisation, as it were, not by achieving a mental state, but simply through steadiness and control of thought. I understood that I would need long, very long hours of contemplation to be able to perfect this realisation. This is one of the things I expect from the journey to India, if indeed Thou dost consider it useful for Thy service, Lord.

"My progress is slow, very slow, but I hope that in compensation it may be lasting and free from all fluctuation.

"Grant that I may accomplish my mission, that I may help in Thy integral manifestation."

''ଗତକାଲି ଉପରବେଳା ମୁଁ ନୀରବରେ ଦୀର୍ଘକାଳ ଧରି ଧ୍ୟାନମଗ୍ନ ଥିଲି, ସେତେବେଳେ ଶେଷରେ ମୁଁ ବୁଝି ପାରିଲି ଯେଉଁ ବସ୍ତୁ ସମ୍ବନ୍ଧରେ ଚିନ୍ତା କରୁଛି ତାହା ସଙ୍ଗେ ଯଥାର୍ଥ ଏକତ୍ୱର ଅର୍ଥ କ'ଣ ? ଏହି ଯେଉଁ ଉପଲବ୍ଧିର ସ୍ପର୍ଶ ମୁଁ ପାଇଛି, ତାହା କେବଳ ଚିନ୍ତାର ଏକାଗ୍ରତା ଏବଂ ପୂର୍ଣ୍ଣ ସଂଯମ ଦ୍ୱାରା; କୌଣସି ନୈତିକ ଅବସ୍ଥା ଲାଭ କରି ନୁହେଁ । ମୁଁ ବୁଝିପାରିଲି ଯେ ଏହି ଉପଲବ୍ଧିକୁ ପୂର୍ଣ୍ଣତା ଲାଭ କରିବାକୁ ହେଲେ ଦୀର୍ଘ, ଖୁବ୍ ଦୀର୍ଘ ସମୟ ଧରି ଧ୍ୟାନ କରିବା ମୋର ଆବଶ୍ୟକ । ହେ ପ୍ରଭୁ, ଏହାହିଁ ମୋର ଅନ୍ୟତମ ଲକ୍ଷ୍ୟ, ଯାହା ମୁଁ ଆଶା କରୁଛି ମୋର ଭାରତ ଯାତ୍ରାରେ ଏହା ମୁଁ ଲାଭ କରିପାରିବି, ଅବଶ୍ୟ ଯଦି ଏହା ତୁମର ସେବା ସକାଶେ ପ୍ରୟୋଜନ ବୋଲି ତୁମେ ମନେ କରିବ ।

''ମୋର ଅଗ୍ରଗତି ମନ୍ଥର, ଖୁବ୍ ମନ୍ଥର, ତଥାପି ଆଶା କରୁଛି ଏହାର କ୍ଷତିପୂରଣ ସ୍ୱରୂପ ତାହା ହେବ ସ୍ଥାୟୀ ଏବଂ ସକଳ ଉତ୍ଥାନ ପତନର ଊର୍ଦ୍ଧ୍ୱରେ ।

''ହେ ପ୍ରଭୁ, ଏହି ବର ପ୍ରଦାନ କର ମୁଁ ଯେପରି ମୋର ଜୀବନବ୍ରତ (ମିଶନ) ସମ୍ପନ୍ନ କରିପାରେ, ତୁମର ସର୍ବାଙ୍ଗୀନ ଅଭିବ୍ୟକ୍ତିରେ ସହାୟକ ହୋଇପାରେ ।''

ମା' ଆଲୋଚ୍ୟ ପ୍ରାର୍ଥନାଟିରେ ପ୍ରକୃତ ଅଗ୍ରଗତି ନିମନ୍ତେ ଏକ ଯଥାର୍ଥ ମନୋଭାବ ରହିବା ଉଚିତ ବୋଲି କହୁଛନ୍ତି । ମା' ଥରେ କହିଥିଲେ, ''ଆମେ କାମ କଲାବେଳେ ନିଜକୁ ପ୍ରଶ୍ନ କରିବା ଉଚିତ, ମୁଁ ଯେଉଁ କାମ କରୁଛି ସେଥିପ୍ରତି ଭଗବାନଙ୍କର ଇଚ୍ଛା କ'ଣ ?'' ଯେତେବେଳେ କୌଣସି ସମସ୍ୟା ଆମ ସମ୍ମୁଖରେ ଉପସ୍ଥିତ ହୁଏ ତାକୁ ସମାଧାନ କରିବା ନିମନ୍ତେ ଅନେକ ସମ୍ଭାବ୍ୟ ବ୍ୟବସ୍ଥା ମଧ୍ୟ ମନ ଭିତରେ ଉଙ୍କି ମାରନ୍ତି । ସେତେବେଳେ ଆମର କର୍ତ୍ତବ୍ୟ ହେଉଛି ସମସ୍ୟାଟିକୁ ମା'ଙ୍କୁ ନିବେଦନ କରିଦେଇ ଅପେକ୍ଷା କରି ରହିବା । ଏହି ଅପେକ୍ଷା କରିବା ସମୟ ଭିତରେ ମା'ଙ୍କର ଦିବ୍ୟଜ୍ୟୋତିଃ ସମସ୍ୟାଟି ଉପରେ ଅଜାଡ଼ି ହୋଇପଡ଼େ ଏବଂ ତାହା ରୂପାନ୍ତରିତ ହୋଇ ସୁଯୋଗରେ ପରିଣତ ହୋଇଯାଏ ।

ଦୀର୍ଘ ସମୟ ଧରି ନୀରବ ଧ୍ୟାନ ଭିତରେ ଡୁବି ରହିଲା ପରେ ଶ୍ରୀମା ଅନୁଭବ କରିଛନ୍ତି ଯେ ପ୍ରକୃତ ଏକତ୍ୱ ବା ପୂର୍ଣ୍ଣ ମିଳନ (true identification)ର କାର୍ଯ୍ୟ କ'ଣ ? ସେ କେବଳ ମାତ୍ର ତାହା ଅନୁଭବ କରି ନାହାଁନ୍ତି, ତା'ର ଆଭାସ ପାଇ, ସ୍ପର୍ଶ କରି ତା'ର ପ୍ରକୃତ ସ୍ୱରୂପକୁ ସଂଦର୍ଶନ କରିଛନ୍ତି । ଭାରତବର୍ଷକୁ ଆଗମନ କରିବାର ପ୍ରକୃତ ଉଦ୍ଦେଶ୍ୟଟି ବିଷୟରେ ମା ପ୍ରକାଶ କରି କହୁଛନ୍ତି, "This is one of the things I expect from the journey to India," ସେହି ଏକତ୍ୱର ଅନୁଭବକୁ ସମ୍ପୂର୍ଣ୍ଣ ଭାବରେ ସ୍ପର୍ଶ କରି ସବୁଦିନ ସେହି ଦିବ୍ୟ ପରିବେଶରେ ଅବସ୍ଥାନ କରିବା ତାଙ୍କର ଇଚ୍ଛା ବୋଲି ପ୍ରକାଶ କରିଛନ୍ତି । ତତ୍ପରେ ଦିବ୍ୟଜନନୀ କହୁଛନ୍ତି "if needed Thou dost consider if useful for Thy service, Lord."

''ଯଦି ମୋର ଏହି 'ଏକତ୍ୱ'ର ଅନୁଭବ ତୁମର ସେବା କାର୍ଯ୍ୟରେ ଲାଗି ପାରିବ ତାହାହେଲେ ମୋତେ ତାହା ପ୍ରାପ୍ତ ହେଉ, ଅନ୍ୟଥା ତାହାର ଆବଶ୍ୟକତା ନାହିଁ ।''

ଏହି 'ଏକତ୍ୱ' ଭାବଟି କିପରି ଅନୁଭବ କରିହୁଏ ତାହା ସ୍ପଷ୍ଟ ହୋଇଯିବ ଆମେ ନିମ୍ନୋକ୍ତ ବିଷୟଟିକୁ ପାଠ କଲେ । ତାହାହେଲା –

ଏକଦା 'ଜି' ନାମ୍ନୀ ଜନୈକା ଭଦ୍ରମହିଳା ତାଙ୍କ ସ୍ୱାମୀଙ୍କ ସହିତ ଜଣେ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ତାଙ୍କ ଘରକୁ ଯାଇଥିଲେ । ସେଠାରେ ପ୍ରବେଶ କରିବା ମାତ୍ରେ ସୁସଜ୍ଜିତ ଭାବେ ସ୍ଥାପନ କରାଯାଇଥିବା ଦିବ୍ୟଜନନୀ ଶ୍ରୀମା'ଙ୍କର ଏକ ପ୍ରତିକୃତି ଦର୍ଶନ କରି ବିମୋହିତ ହୋଇଗଲେ । ସେ ପ୍ରଣାମ କରି ମୁଣ୍ଡ ଉଠାଇଲା ବେଳକୁ ତାଙ୍କର ସମଗ୍ର ଶରୀର ସ୍ଥାଣୁ ହୋଇଗଲା, ପାଟିରୁ କଥା ମଧ୍ୟ ବାହାରିଲା ନାହିଁ । ସେ ବହୁ କଷ୍ଟରେ ଅଙ୍ଗୁଳି ନିର୍ଦ୍ଦେଶ କରି, ଓଠ ଥରାଇ, ଆଖିର ଇସାରା ଦେଇ ପଚାରିବାକୁ ଚାହୁଁଥିଲେ ଫଟୋ ଭିତରେ 'ସିଏ କିଏ ?'

'ଜି' ଓ ତାଙ୍କ ସ୍ୱାମୀଙ୍କୁ ଘରକୁ ନିମନ୍ତ୍ରଣ କରିଥିବା ବନ୍ଧୁ ଜଣକ ବଡ଼ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଲେ । ସେ ଏକ ଶଯ୍ୟାର ବ୍ୟବସ୍ଥା କରି 'ଜି'ଙ୍କୁ ନେଇ ଧୀରସ୍ଥିର ଭାବରେ ଶୁଆଇ ଦେଲେ; ପ୍ରାୟ ପନ୍ଦର ମିନିଟ ପରେ ତାଙ୍କ ଅବସ୍ଥାରେ ସୁଧାର ଆସିଲା । ତାଙ୍କ ବନ୍ଧୁ କହିଲେ, ''ସେ ହେଉଛନ୍ତି ଶ୍ରୀଅରବିନ୍ଦ ଆଶ୍ରମର ଦିବ୍ୟଜନନୀ ଶ୍ରୀମା – ଏକ ଦିବ୍ୟ ଶକ୍ତି ।'' ତା'ପରେ ସେ କହିଲେ, ''ଆମ ଗ୍ରାମ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବର୍ତ୍ତମାନ ଆଶ୍ରମରେ ଅନ୍ତେବାସୀ ଭାବରେ ଅବସ୍ଥାନ କରୁଛନ୍ତି, ତୁମେ ଅଧିକ ଜାଣିବାକୁ ଇଚ୍ଛା କଲେ ତାଙ୍କ ସହ ଚିଠିପତ୍ର ଆଦାନ-ପ୍ରଦାନ କରିପାର ।''

ଜାନୁଆରୀ ୧୯୬୨ ମସିହାରେ 'ଜି' ପ୍ରଧାନ ଶିକ୍ଷକଙ୍କ ନିକଟକୁ ଖଣ୍ଡେ ଚିଠି ଲେଖି ଆଶ୍ରମ ବିଷୟରେ ଅଧିକ ଜାଣିବା ନିମନ୍ତେ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କର ଏକ ଫଟୋ ପଠାଇବାକୁ ଅନୁରୋଧ କଲେ । ସେ ମା'ଙ୍କର ଏକ ସୁନ୍ଦର 'ଫଟୋଗ୍ରାଫ୍' ଏବଂ କେତେ ଖଣ୍ଡ ପୁସ୍ତକ ପଠାଇଲେ । ଚିଠିରେ ଲେଖିଲେ, ''ତୁମେ କାହିଁକି ନିଜେ ଆସି ଦର୍ଶନ କରି ଯାଉ ନାହଁ !'' ମା'ଙ୍କର ଫଟୋଗ୍ରାଫଟି 'ଜି' ଙ୍କ ହୃଦୟରେ ସତେଅବା କୁହୁକର ମାୟା ସୃଷ୍ଟି କଲା । ସେ ବାରଂବାର ଫଟୋଟିକୁ ଦର୍ଶନ କରୁଥିଲେ ଏବଂ ପ୍ରଣାମ କରୁଥିଲେ । ଏହା ଦେଖି ତାଙ୍କ ବଡ଼ ପୁଅ ମଧ୍ୟ ମା'ଙ୍କ ପ୍ରତି ଆକୃଷ୍ଟ ହୋଇଗଲେ । ସେ ଯେତେବେଳେ ମା'ଙ୍କର ଫଟୋଗ୍ରାଫକୁ ଦେଖୁଥିଲେ ତାଙ୍କ ଚକ୍ଷୁଦ୍ୱୟରୁ ଲୋତକର ଧାରାଶ୍ରାବଣ ଛୁଟୁ ଥିଲା । ତାଙ୍କୁ ଆଶ୍ରମକୁ ନେଇଯିବା ନିମନ୍ତେ 'ଜି' ତାଙ୍କ ସ୍ୱାମୀଙ୍କ ଉପରେ ଚାପ ପକାଉଥା'ନ୍ତି । ଏହା ଦେଖି ପରିବାରର ଅନ୍ୟ ସଦସ୍ୟମାନେ ବିଚଳିତ ହୋଇପଡ଼ିଲେ ଏବଂ 'ଜି' ମା'ଙ୍କର ଫଟୋଟିକୁ ଯତ୍ନରେ ସୁଟ୍‌କେଶରେ ରଖିଦେଲେ ଏବଂ ଅଧିକାଂଶ ସମୟରେ ସୁଟ୍‌କେଶ ଖୋଲି ବାରଂବାର ଫଟୋଟିକୁ ଦର୍ଶନ କରୁଥିଲେ ।

ସେହି ବର୍ଷ ମେ ମାସରେ 'ଜି' ତାଙ୍କ ସ୍ୱାମୀଙ୍କ ସହିତ ପଣ୍ଡିଚେରୀକୁ ଆସିଲେ । ଏହି ଏକମାତ୍ର ଦର୍ଶନ ତାଙ୍କ ଭାଗ୍ୟ ଉପରେ ମା'ଙ୍କର ମୋହର ଲଗାଇଦେଲା । ସେ ତାଙ୍କ ଗୃହର ପ୍ରକୃତ ଆରାଧ୍ୟା ଦେବୀ ଏବଂ ପଥପ୍ରଦର୍ଶନକାରୀଙ୍କୁ ଖୋଜୁ ଥିଲେ, ବର୍ତ୍ତମାନ ତାହା ତାଙ୍କୁ ପ୍ରାପ୍ତ ହେଲା । ସେଥର ସେ ସ୍ୱାମୀଙ୍କ ସହିତ ଘରକୁ ଫେରି ଆସିଲେ । ମାତ୍ର ପରବର୍ତ୍ତୀ ସମୟରେ ପରିବାର ଓ ସ୍ୱାମୀଙ୍କର ଅନିଚ୍ଛା ସତ୍ତ୍ୱେ 'ଜି' ତାଙ୍କର ଦୁଇ ପିଲାଙ୍କୁ ଧରି ସବୁଦିନ ପାଇଁ ଆଶ୍ରମକୁ ଚାଲି ଆସିଲେ ।

ଏପରିକି 'ଜି' ଆଶ୍ରମରେ ରହିବା ନିମନ୍ତେ ମା'ଙ୍କର ଅନୁମତି ପାଇଁ ଆବେଦନ କରି ନଥିଲେ, ତାଙ୍କର ବିଶ୍ୱାସ ଥିଲା ଯେ ସବୁକିଛି ଠିକ୍ ହୋଇଯିବ, ମା' ତାଙ୍କୁ ଗ୍ରହଣ କରିନେବେ । ତାଙ୍କୁ ସେତେବେଳେ ମାତ୍ର ସତେଇଶ ବର୍ଷ । ରୋଗାକ୍ରାନ୍ତ ଶରୀର ଯୋଗୁଁ ତାଙ୍କୁ ପଣ୍ଡିଚେରୀରେ ଖୁବ୍ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା । 'ଜି'ଙ୍କୁ ପଣ୍ଡିଚେରୀର ଜେନେରାଲ ହାସପାତାଳରେ ଭର୍ତ୍ତି କରାଗଲା । ସେଠାରେ ଡାକ୍ତରମାନେ ବହୁତ ପରୀକ୍ଷା-ନିରୀକ୍ଷା କରି କହିଲେ ଯେ, ତାଙ୍କ କିଡ଼ନୀ ଖରାପ ହୋଇ ଯାଇଛି ।

'ଜି'ଙ୍କ ଗ୍ରାମରୁ ଦଶ ବର୍ଷ ପୂର୍ବରୁ ଆସି ଆଶ୍ରମରେ ଅନ୍ତେବାସୀ ରୂପେ ରହୁଥିବା ଜନୈକ ସାଧକ ତାଙ୍କ ପାଇଁ ମାସିକ ପନ୍ଦର ଟଙ୍କା ଭଡ଼ାରେ ଘରଟିଏ ଠିକ୍ କରିଦେଲେ । ଘର ମାଲିକାଣୀ ଶ୍ରୀମାଶ୍ରୀଅରବିନ୍ଦଙ୍କର ଭକ୍ତ ନଥିଲେ, କିନ୍ତୁ 'ଜି'ଙ୍କର ଡାକ୍ତରଖାନାରେ ରହଣି ସମୟରେ ସେ ତାଙ୍କ ପିଲାମାନଙ୍କର ଯତ୍ନ ନେଉଥିଲେ । ମା'ଙ୍କୁ ସବୁକଥା ଜଣାଇ ଦିଆଗଲା । ମା' ତାଙ୍କ ପାଖକୁ ଆଶୀର୍ବାଦ-ପୁଷ୍ପ ପଠାଉଥିଲେ । ଅଗଷ୍ଟ ଦର୍ଶନ ନିମନ୍ତେ ତାଙ୍କ ପାଇଁ ଖଣ୍ଡେ ଶାଢ଼ୀ ଯତ୍ନରେ ରଖିଦେବା ନିମନ୍ତେ ନିର୍ଦ୍ଦେଶ ଦେଇଦେଲେ ।

'ଜି' ଡାକ୍ତରଖାନାରୁ ଆସିବା ପରେ ମା' ତାଙ୍କୁ ଆଶ୍ରମରେ ରହିବା ନିମନ୍ତେ ଅନୁମତି ପ୍ରଦାନ କଲେ ଏବଂ

ତାଙ୍କ ପାଇଁ କାମର ବ୍ୟବସ୍ଥା କରିଦେଲେ । କିଛି ମାସ ପରେ 'ଜି'ଙ୍କର ପୁଅର ଜନ୍ମଦିନ ପଡ଼ିଲା, ସେ ମା'ଙ୍କ ପାଖକୁ ଆଶୀର୍ବାଦ ପାଇଁ ଯାଇଥିଲେ । ତାଙ୍କର ପୋଷାକ ସମ୍ପୂର୍ଣ୍ଣ ଶୁଭ୍ରବର୍ଣ୍ଣର ଥିଲା, ହାତରେ ଥିଲା ଏକ ଧଳା ପଦ୍ମ, ଯାହାକୁ ସେ ମା'ଙ୍କ ଚରଣରେ ନିବେଦନ କରିବା ପାଇଁ ନେଇଥିଲେ । ମା' ତାଙ୍କୁ ଦେଖି ଅତ୍ୟନ୍ତ ଖୁସି ହେଲେ, ଧଳା ପଦ୍ମଟିକୁ ଗ୍ରହଣ କଲେ ଏବଂ କହିଲେ, ''ବାହାରେ ଶୁଭ୍ର, ଭିତରେ ଶୁଭ୍ର ।''

'ଜି' କେବେହେଲେ ମା'ଙ୍କୁ ତାଙ୍କ ପ୍ରକୋଷ୍ଠରେ ବ୍ୟକ୍ତିଗତ ଭାବରେ ଦର୍ଶନ କରି ନଥିଲେ । ଦିବ୍ୟସ୍ପର୍ଶ ଲାଭ କରିବା ନିମନ୍ତେ ତାଙ୍କ ହୃଦୟ ବ୍ୟାକୁଳ ହେଉଥାଏ । ଥରେ ସେ ସବୁକଥା ଲେଖି ନଳିନୀ-ଦା'ଙ୍କୁ ଦେଇଦେଲେ । ସେହିଦିନ ରାତିରେ ସେ ସ୍ୱପ୍ନ ଦେଖିଲେ ଯେ ମା' ତାଙ୍କୁ କହୁଛନ୍ତି, ''ନଳିନୀ ନିକଟକୁ ଯାଅ ।'' ("Go to Nalini.") ପରଦିନ ସକାଳେ 'ଜି' ନଳିନୀ-ଦା'ଙ୍କ ପାଖକୁ ଯାଇ ସବୁକଥା କହିଲେ । ନଳିନୀ-ଦା' ହସି ହସି କହିଲେ, ''କାଲି ଆସ'' ।

ତା' ପରଦିନ ସକାଳେ 'ଜି' ଆଶ୍ରମକୁ ଯାଇ ମା'ଙ୍କ ଦର୍ଶନ ପାଇଁ ଯେଉଁ ଧାଡ଼ି ଲାଗିଥିଲା ସେହି ଧାଡ଼ିର ଶେଷରେ ଠିଆ ହେଲେ । ସମ୍ମୁଖରେ ପହଞ୍ଚିବା ମାତ୍ରକେ ମା' ତାଙ୍କ ଆଡ଼କୁ ଦିବ୍ୟ-ହସ୍ତ ଦ୍ୱୟ ପ୍ରସାରିତ କରିଦେଲେ । ସେ ମା'ଙ୍କ ହସ୍ତ-ପାପୁଲି ଉପରେ ମୁଣ୍ଡରଖି କୋଳରେ ପ୍ରଣାମ କଲେ ଏବଂ ସେହି ଅବସ୍ଥାରେ ସଂଜ୍ଞାହୀନ ହୋଇ ପଡ଼ିଲେ । ଏହିପରି ୧୫ ମିନିଟରୁ ଅଧିକ ସମୟ ଅତିବାହିତ ହୋଇଗଲା, ତତ୍‌ପରେ ଦିବ୍ୟଜନନୀ ତାଙ୍କର ଗୋଟିଏ ହସ୍ତ ଆସ୍ତେ ଆସ୍ତେ ବାହାର କରି ଆଣିଲେ ଏବଂ 'ଜି'ଙ୍କର ମୁଣ୍ଡକୁ ଆଉଁଶିବାରେ ଲାଗିଲେ । ଆଃ ! କି ଅପୂର୍ବ ଦୃଶ୍ୟ ! ଶେଷରେ 'ଜି' ତାଙ୍କର ବାହ୍ୟ ଚେତନା ଫେରି ପାଇଲେ । ମା'ଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କଲେ, ତାଙ୍କ ଚକ୍ଷୁ ଦ୍ୱୟରୁ ଆନନ୍ଦାଶ୍ରୁର ଧାରାଶ୍ରାବଣ । ଆସ୍ତେ ଆସ୍ତେ ଆନନ୍ଦପୂର୍ଣ୍ଣ ହୃଦୟରେ ତଳକୁ ଓହ୍ଲାଇ ଆସିଲେ । ପାହାଚ ଉପରେ ଚମ୍ପକଲାଲ ବିଳମ୍ବର କାରଣ ପଚାରିଲେ । 'ବସୁଧା' ଉତ୍ତର ଦେଲେ, ''ମା'ଙ୍କ କୋଳରେ ମୁଣ୍ଡରଖି ସେ ଶୋଇ ପଡ଼ିଥିଲେ । ମୁଁ କ'ଣ କରିଥା'ନ୍ତି ?''

'ଜି'ଙ୍କର ବଡ଼ପୁଅ ତାଙ୍କ ସହିତ ମା'ଙ୍କ ପ୍ରକୋଷ୍ଠକୁ ଯାଇଥିଲେ ଏବଂ ତାଙ୍କ ମସ୍ତକରେ ମା'ଙ୍କର ଦିବ୍ୟ କରସ୍ପର୍ଶ ଲାଭ କରିଥିଲେ । ମାସ ମାସ ଧରି ସେ ମା'ଙ୍କର ସ୍ପର୍ଶ ନିରବଚ୍ଛିନ୍ନ ଭାବରେ ତାଙ୍କ ମସ୍ତକରେ ଅନୁଭବ କରୁଥିଲେ । ଅଧିକନ୍ତୁ ସେ ବହୁଦିନ ଧରି ମୁଣ୍ଡ ଧୋଇବା ଓ କୁଣ୍ଡାଇବା ପାଇଁ ମନା କରି ଦେଇଥିଲେ । ସୁତରାଂ 'ଜି' ଏବଂ ତାଙ୍କର ପିଲାମାନେ ଦିବ୍ୟଜନନୀଙ୍କ ସୁରକ୍ଷାର ବାହୁବେଷ୍ଟନୀ ଭିତରେ ବଢୁଥିଲେ । ମା'ଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବରେ ନିବେଦିତ ହୋଇ ଯାଇଥିଲେ ଏବଂ ସେମାନେ ସବୁଦିନ ପାଇଁ ମା'ଙ୍କର ହୋଇ ଯାଇଥିଲେ ।

('How They came to Sri Aurobindo and The Mother', Vol. 2, P. 69-70)

(କ୍ରମଶଃ) ❑

ତଥ୍ୟ ନିର୍ଦ୍ଦେଶିକା :

(୧) Prayers and Meditations – The Mother

(୨) How they came to Sri Aurobindo and the Mother – Vol. II by Shyam Kumari

ବ୍ୟକ୍ତିକୁ ଯାହା କରିବାକୁ ହେବ ତାହା ହେଉଛି ନିଜକୁ ମା'ଙ୍କ ହାତରେ ସମର୍ପଣ କରି ସେବା, ଭକ୍ତି, ଅଭୀପ୍ସା ବଳରେ ନିଜକୁ ଉନ୍ମୁକ୍ତ ରଖିବା; ତା'ହେଲେ ମା ତାଙ୍କର ଜ୍ୟୋତି ଏବଂ ଶକ୍ତି ବଳରେ ତା' ମଧ୍ୟରେ କ୍ରିୟା କରିବେ, ଯାହାଫଳରେ ସାଧନା ସମ୍ଭବ ହେବ ।

— ଶ୍ରୀଅରବିନ୍ଦ

କାରା-ଜୀବନୀ

(୧୯)

ଉଲ୍ଲାସକର ଦତ୍ତ

(ପୂର୍ବ ପ୍ରକାଶିତ ଉତ୍ତାରୁ ...)

ଆମର ତ୍ରିପୁରା ଜିଲ୍ଲାର ଚାନ୍ଦପୁର ସବ୍‌ଡ଼ିଭିଜନ ଇଲାକାରେ ମେହାର ନାମକ ସ୍ଥାନରେ ଏକ ପ୍ରସିଦ୍ଧ କାଳୀବାଡ଼ି ଅଛି । ପ୍ରବାଦ ଅଛି ଯେ ସେଠାରେ ଜଣେ ସିଦ୍ଧ ପୁରୁଷ ଜନ୍ମଗ୍ରହଣ କରିଥିଲେ, ଯାହାଙ୍କ ପାଇଁ ଏଇ କାଳୀବାଡ଼ିର ଏପରି ପ୍ରସିଦ୍ଧି । ସେଇ ମହାପୁରୁଷ କୌଣସି ଏକ ଅମାବାସ୍ୟା ରାତିରେ ନିଜ ସ୍ୱଜନ ପରିବେଷ୍ଟିତ ହୋଇ ଉପବିଷ୍ଟ ଅଛନ୍ତି, ଏପରି ସମୟରେ ସେମାନଙ୍କ ମଧ୍ୟରୁ କେହି ତାଙ୍କୁ ପଚାରିଲେ, ''ଆଜି ତିଥି କ'ଣ ?'' ପ୍ରଶ୍ନର ଉତ୍ତରରେ ସେ କିଞ୍ଚିତ୍ ମାତ୍ର ଦ୍ୱିଧାବୋଧ ନକରି କହିଲେ, ''ଆଜି ପୂର୍ଣ୍ଣିମା ।'' ଉତ୍ତର ଶୁଣି ସମସ୍ତେ ତ ଅବାକ୍ ! କିନ୍ତୁ ମହାପୁରୁଷ ଯେତେବେଳେ କହିଛନ୍ତି, ସେତେବେଳେ କଥାଟା ମିଥ୍ୟା ହୋଇ ପାରେନା, କିଛି ସମୟ ପରେ ସମସ୍ତେ ଚାହିଁ ଦେଖିଲେ ଆକାଶରେ ପୂର୍ଣ୍ଣଚନ୍ଦ୍ରର ଉଦୟ ହୋଇଛି, ଏଇ ଘଟଣା ଦେଖି ସମସ୍ତେ ସ୍ତମ୍ଭିତ ଓ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେବେ ଠାରୁ ସେଇ ମହାପୁରୁଷ ସିଦ୍ଧ-ପୁରୁଷ ରୂପେ ସମସ୍ତଙ୍କ ନିକଟରେ ପରିଗଣିତ ଓ ସମାଦୃତ ହେବାକୁ ଲାଗିଲେ । ସେହି କାଳୀବାଡ଼ି ମଧ୍ୟ ଗୋଟିଏ ସିଦ୍ଧପୀଠ ରୂପେ ଖ୍ୟାତି ଲାଭ କଲା । ଯଦି ଅମାବାସ୍ୟାରେ ପୂର୍ଣ୍ଣଚନ୍ଦ୍ର ସମ୍ଭବପର ହୁଏ, ତେବେ ପୂର୍ଣ୍ଣିମାରେ ଚନ୍ଦ୍ରର ତିରୋଧାନ ସମ୍ଭବ ହେବ ନାହିଁ କାହିଁକି ? ଅବଶ୍ୟ ଏଇ ଆଖ୍ୟାୟିକାର ମୂଳରେ କେତେ ମାତ୍ରାରେ ସତ୍ୟ ନିହିତ ଅଛି ସେ ସମ୍ବନ୍ଧରେ ଅନେକଙ୍କର ହୁଏତ ସନ୍ଦେହ ହେବ; କିନ୍ତୁ ଯାହା ସ୍ୱଚକ୍ଷୁରେ ଦେଖିଛି ତାହା ମିଥ୍ୟା ବୋଲି କିପରି ସ୍ୱୀକାର କରିବି ? ସୁତରାଂ ଯଦି ଆମର ଜ୍ୟୋତିଷୀମାନେ ଏଇ ତତ୍ତ୍ୱର ଜ୍ୟୋତିଷ ଶାସ୍ତ୍ର-ସମ୍ମତ କୌଣସି ମୀମାଂସାରେ ଉପନୀତ ହୋଇ ପାରନ୍ତେ, ତା'ହେଲେ ଉଭୟ ଦିଗ ରକ୍ଷା ହୁଅନ୍ତା, ଅର୍ଥାତ୍ – ମୋତେ ବିକୃତ ମସ୍ତିଷ୍କ ବୋଲି ସ୍ୱୀକାର ନକଲେ ବି ଚଳିବ, ଏବଂ ଜ୍ୟୋତିଷ-ଶାସ୍ତ୍ର ପକ୍ଷରେ ବି ହୁଏତ କୌଣସି ତଥ୍ୟ ଲାଭ କରିବା ସମ୍ଭବପର ହୋଇପାରନ୍ତା ।

ଆମର ଆଲୋଚ୍ୟ ବିଷୟ ଯାହାକିଛି ଲୌକିକ ଅଥବା ଅତିଲୌକିକ ଘଟଣା ଏଠାରେହିଁ ଏକପ୍ରକାର ଶେଷ ହୋଇ ଆସିଲା ଏବଂ ମୋର ମଧ୍ୟ କାରାମୁକ୍ତିର ସୁଯୋଗ ପ୍ରାୟ ସନ୍ନିକଟ ହେଲା । ସେ ଯାହାହେଉ, ମୁକ୍ତିର ଆଶ୍ୱାସ ବାଣୀ ଶ୍ରବଣ କରିବାର ଅବ୍ୟବହିତ ପୂର୍ବରୁ କେତେ ମାସ ଧରି ମୋତେ ଅନେକ କଷ୍ଟ ଭୋଗିବାକୁ ହୋଇଥିଲା । ଏଇ ସୁଦୀର୍ଘ ବାର ବର୍ଷର କାରାବାସର ଶେଷ ଭାଗରେ ଯେପରି କ୍ରମେ ମୋର ଶରୀର, ମନ ଏକେବାରେ ଅବସନ୍ନ ହେବାକୁ ଲାଗିଲା । ବୋଧ ହେଲା ଯେପରି ଏଇ ଦୀର୍ଘ ଦ୍ୱାଦଶ ବର୍ଷ ବ୍ୟାପୀ ଜୀବନ-ସଂଗ୍ରାମରେ ଜୟଲାଭ କରିବାର ପ୍ରଚେଷ୍ଟାରେ ମୋର ସମସ୍ତ ଶକ୍ତି ଏକେବାରେ ସମ୍ପୂର୍ଣ୍ଣରୂପେ ବ୍ୟୟିତ ହୋଇ ଯାଇଛି । ଯଦି ବିଶେଷ କୌଣସି ଅପ୍ରତ୍ୟାଶିତ ସୁଯୋଗ ନଘଟେ, ତା'ହେଲେ ସମ୍ମୁଖରେ ଆହୁରି ଦୀର୍ଘ ଆଠବର୍ଷ କାରାବାସ କପାଳରେ ରହିଛି । ଏଇ ଆଠବର୍ଷ ଯେପରି ନିଜର ବନ୍ଧନ-ତମସାର ଦୁର୍ଭେଦ୍ୟ ଆବରଣ ନେଇ ମୋ ସାମନାରେ ଉପସ୍ଥିତ, କାହାର ସାଧ୍ୟ ଅଛି ତାହାକୁ ଭେଦ କରି ନିଜର ଭବିଷ୍ୟତ୍ ଚିନ୍ତା କରିବାକୁ ! ଯଦି ଏଇ ଆବରଣ ଭେଦ କରି ନପାରେ, ତେବେ ଭବିଷ୍ୟତର ଆଶା ଏକେବାରେ ବିଲୁପ୍ତ ହୋଇଯିବ ଏବଂ ମୋତେ ଏଇ କାରାବାସରେହିଁ ଭବଲୀଳା ସାଙ୍ଗ କରିବାକୁ ହେବ । ଏଇ ପ୍ରକାର ନିରାଶାର ସର୍ବଗ୍ରାସୀ କରାଳଛାୟା ଯେତେବେଳେ ମୋତେ ଚାରି ଆଡ଼ରୁ ଘେରି ପକାଉଛି ଏବଂ ମୁଁ ମଧ୍ୟ ବାଧ୍ୟ ହୋଇ ଏଇ କାରାବାସରେ ଦିନେ ଜୀବନଲୀଳା ସଂବରଣ କରିବି ଏପରି ସ୍ଥିର କରି ଏକ ପ୍ରକାର ନିଶ୍ଚିନ୍ତ ଅଛି, ଏପରି ସମୟରେ ସୌଭାଗ୍ୟକ୍ରମେ ଦିନେ ଗୋଟିଏ କ୍ଷୀଣ ଆଶାର ଆଲୋକ ଏଇ ନିବିଡ଼ ଅନ୍ଧକାର ଭେଦ କରି କେଉଁଠାରୁ ଆସି ଦେଖାଦେଲା ଏବଂ ମୁଁ ବି ତାକୁ ଅବଲମ୍ବନ କରି ଆଶାନ୍ୱିତ ହେଲି । ସେଦିନ ମୋର ପୂର୍ବ ଅଭ୍ୟାସବଶତଃ ଲାଇବ୍ରେରିରୁ ଖଣ୍ଡିଏ ବହି ଆଣିବାକୁ ଯାଇଛି, ଏପରି ସମୟରେ ସେଠାକାର ଜଣେ ବୃଦ୍ଧ ସାହେବ-ରୋଗୀ ମୋତେ ଡାକି ପଚାରିଲେ, "Hello ! Mr. Dutt, how is that you have not

yet been released, while all your other casemen have been released?" ଅର୍ଥାତ୍, ''ଆପଣଙ୍କର ସଙ୍ଗୀମାନେ ସମସ୍ତେ କାରାମୁକ୍ତ ହୋଇ ଯାଇଛନ୍ତି, କିନ୍ତୁ ଆପଣଙ୍କୁ କାହିଁକି ଏପର୍ଯ୍ୟନ୍ତ ମୁକ୍ତ କରାହୋଇ ନାହିଁ ?'' ମୁଁ ଭାବିଲି, ଠିକ୍ ତ' କଥାଟା କ'ଣ ସତ୍ୟ, ନା ସେ ମୋତେ ନେଇ ତାମସା କରୁଛି ? ମୁଁ ପଚାରିଲି, "Are you sure that they have been released ?" – ''ଆପଣ କ'ଣ ଠିକ୍ ଜାଣିଛନ୍ତି ଯେ, ସେମାନେ ମୁକ୍ତି ପାଇଛନ୍ତି ?'' ସେ କହିଲେ, "Yes I know for certain." – ''ମୁଁ ଠିକ୍ ଭାବେ ଜାଣେ।'' ମୁଁ କହିଲି, "How do you know that ?" – ''ଆପଣ କେମିତି ଜାଣିବାକୁ ପାଇଲେ ?'' ସେ କହିଲେ, "I read it in the papers." ''ମୁଁ ଖବର-କାଗଜରେ ପଢ଼ିଛି।'' ମୁଁ ଭାବିଲି, ହୁଏତ ହୋଇଥାଇପାରେ, କାରଣ ସେତେବେଳେ ମୋତେ କାଗଜ ପଢ଼ିବାକୁ ଦିଆ ହେଉ ନଥାଏ। ତଥାପି କଥାଟା ଆହୁରି ନିଶ୍ଚିତ ରୂପେ ଜାଣିବା ପାଇଁ କହିଲି "Could you show me the paper ?"– ''ଆପଣ ମୋତେ କାଗଜଖଣ୍ଡିକୁ ଦେଖାଇ ପାରିବେ କି ?'' ସେ କହିଲେ, "I know you are not allowed to read the papers. I am sorry, I could not show you that. But you can take it from me that they have been released on account of the Peace Celebrations.'' ଅର୍ଥାତ୍, ''ମୁଁ ଜାଣେ ତୁମକୁ କାଗଜ ପଢ଼ିବାକୁ ଦିଆ ହୁଏ ନାହିଁ। ମୁଁ ଦୁଃଖିତ। ମୁଁ ତୁମକୁ କାଗଜଟିକୁ ଦେଖାଇ ପାରିବିନି। କିନ୍ତୁ ତୁମେ ମୋ କଥାକୁ ବିଶ୍ୱାସ କରିପାର ଯେ, ସେମାନେ ଯୁଦ୍ଧ-ଶାନ୍ତି ଉପଲକ୍ଷେ ମୁକ୍ତି ପାଇଛନ୍ତି।'' ମୁଁ କହିଲି, "If that be so, why should I not be released ? ''ଯଦି ତାହା ହୁଏ ତେବେ ମୋତେ କାହିଁକି କାରାମୁକ୍ତି ଦିଆଯିବ ନାହିଁ ?'' "I shall see the Superintendent about it." – ''ମୁଁ ଏ ବିଷୟରେ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସହ ସାକ୍ଷାତ୍ କରିବି।'' ଏହା କହି ଲାଇବ୍ରେରିରୁ ଚାଲି ଆସିଲି ଏବଂ ସୁପରିନ୍‌ଟେଣ୍ଡେଣ୍ଟ୍ ରୌଁଦେ ବାହାରକୁ ଆସିବାରୁ ତାଙ୍କୁ ଏ ବିଷୟରେ ପ୍ରଶ୍ନ କଲି। ସେ ମୋ ପ୍ରଶ୍ନର ଉତ୍ତରରେ କହିଲେ, ''ଯଦି ତାହାହିଁ ହୁଏ, ତେବେ ତୁମକୁ କାହିଁକି ଛାଡ଼ି ଦିଆଯିବ ନାହିଁ, ଏହାର କୌଣସି କାରଣ ମୁଁ ଦେଖୁ ନାହିଁ। ତୁମେ ଏଠାରେ ତ ନିୟମାନୁସାରେ କାର୍ଯ୍ୟ ଇତ୍ୟାଦି କରୁଛ ଏବଂ ତୁମ ବ୍ୟବହାରରେ ମଧ୍ୟ ସମସ୍ତେ ସନ୍ତୁଷ୍ଟ। ଅନ୍ୟ ସମସ୍ତେ ଛାଡ଼ ପାଇଲେ ତୁମର ବି ନିଶ୍ଚିତଭାବେ ଛାଡ଼ ପାଇବା ଉଚିତ। ଆଚ୍ଛା, ମୁଁ ତୁମ ବିଷୟରେ ସରକାରଙ୍କୁ ଲେଖୁଛି, ଆଶାକରେ ପନ୍ଦର ଦିନ ମଧ୍ୟରେହିଁ ଜବାବ ମିଳିଯିବ ଏବଂ ପାଇଲେ ତୁମକୁ ଜଣାଇବି।'' ଏଇ ପ୍ରକାର ଆଲୋଚନା କରି ସେ ମୋତେ ନାନା ପ୍ରକାର ଆଶ୍ୱାସନା ଦେଲେ ଏବଂ ମୋର ମଧ୍ୟ ମନରେ କାରାମୁକ୍ତି ଲାଭ କରି ପୁନରାୟ ଆତ୍ମୀୟ ସ୍ୱଜନଗଣଙ୍କର ମୁଖ ଦେଖିବି ବୋଲି ଭରସା ହେଲା। କିଛିଦିନ ଯାଇଛି କି ନାହିଁ ସମ୍ବାଦ ଆସିଲା ଯେ ମୋର କାରାମୁକ୍ତିର ହୁକୁମ ଆସିଛି ଏବଂ ମୋତେ ଦୁଇଦିନ ମଧ୍ୟରେହିଁ କଲିକତା ଯିବାକୁ ହେବ। ମୁଁ ଦେଖିଲି ଏତେ ବର୍ଷ ମାନ୍ଦ୍ରାଜରେ ରହିଲି ଅଥଚ ମାନ୍ଦ୍ରାଜ ସମ୍ବନ୍ଧରେ ମୋର କୌଣସି ଜ୍ଞାନ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ, ସୁତରାଂ କଲିକତା ଯିବା ପୂର୍ବରୁ ଯେମିତି ମାନ୍ଦ୍ରାଜ ସହରର ବିଶେଷ ବିଶେଷ ସ୍ଥାନଗୁଡ଼ିକୁ ଟିକିଏ ଘୂରି ବୁଲି ଦେଖି ଦେଇପାରେ, ସେଥିପାଇଁ କର୍ତ୍ତୃପକ୍ଷଙ୍କର ଅନୁମତି ଚାହିଁଲି ଏବଂ କର୍ତ୍ତୃପକ୍ଷ ମଧ୍ୟ କୌଣସି ଆପତ୍ତି ବିନା ତାହା ମଞ୍ଜୁର କଲେ। ଏଇ ଉପଲକ୍ଷ୍ୟରେ ଆମର ଗାରଦ ଗାଡ଼ିରେ ଆଉ କେତେକ ପାଗଳ କଏଦୀ ଓ ଜଣେ ସର୍ଜେଣ୍ଟ୍ ସହ ଆମେ ସହର ପରିଦର୍ଶନ କରିବାକୁ ବାହାରିଲୁ। ପ୍ରଥମେ ସେଠାକାର ସ୍ଥାନୀୟ ଯାଦୁଘର ଦେଖିବାକୁ ଗଲୁ। ଯାଦୁଘରଟି ଆମର କଲିକତା ଯାଦୁଘର ତୁଳନାରେ ଅନେକ ଛୋଟ ଏବଂ ଦେଖିବାର ଜିନିଷପତ୍ର ମଧ୍ୟରେ ସେମିତି ଉଲ୍ଲେଖଯୋଗ୍ୟ ବିଶେଷ କିଛି ଦେଖିବାକୁ ପାଇଲିନି। ଚିତ୍ରଶାଳାରେ ରବିବର୍ମାଙ୍କର ଅଙ୍କିତ କତିପୟ ତୈଳଚିତ୍ର ଖୁବ୍ ସୁନ୍ଦର ଲାଗିଲା, ଏବଂ ସୂକ୍ଷ୍ମ ଶିଳ୍ପ ମଧ୍ୟରେ କେତେଗୁଡ଼ିଏ ଶୋଲର କାରୁକାର୍ଯ୍ୟ ଆଶ୍ଚର୍ଯ୍ୟ ଶ୍ରମ ଓ ଅଧ୍ୟବସାୟର ପରିଚାୟକ ପରି ମନେ ହେଲା। ଯାଦୁଘର ପରିଦର୍ଶନ ଶେଷ ହେଲା ପରେ ଆମକୁ ବାଇସ୍କୋପ୍ କମ୍ପାନୀ କିଛିଦିନ ପୂର୍ବରୁ ଆମର ପାଗଳ ଗାରଦବାସୀମାନଙ୍କ ପାଇଁ ବିନା ଖର୍ଚ୍ଚରେ ବାଇସ୍କୋପ୍ ଦେଖାଇବାର ବ୍ୟବସ୍ଥା କରିଥିଲା। ସୁତରାଂ ସେଦିନ ବାଇସ୍କୋପ୍ ଦେଖିବାକୁ ଆମର ପଇସା-ପତ୍ର କିଛି ବି ଲାଗିଲା ନାହିଁ।

ବାଇସ୍କୋପ୍ ଦେଖି ସନ୍ଧ୍ୟାରେ ଆମେ ଗାରଦକୁ ଫେରିଲୁ ଏବଂ ପରଦିନ ଅପରାହ୍ଣରେ ଆମର ଗାରଦବାସୀ ସହଚରବର୍ଗ ଓ କର୍ତ୍ତୃପକ୍ଷଙ୍କ ନିକଟରୁ ବିଦାୟ ନେଇ ମାନ୍ଦ୍ରାଜ ମେଲ୍‌ରେ କଲିକତା ଯାତ୍ରା କଲି। ସାଙ୍ଗରେ ଜଣେ ସାହେବ

ୱାର୍ଡ଼ର ଓ ଦୁଇଜଣ ସ୍ଥାନୀୟ ପୋଲିସ ମୋ' ସହ କଲିକତା ପର୍ଯ୍ୟନ୍ତ ଆସିଲେ । ଏଠାରେ କହିବା ଆବଶ୍ୟକ ଯେ ମା, ବାବା ମାନ୍ଦ୍ରାଜ ଯାଇ ମୋ ସହ ଦେଖା କରି ଚାଲି ଆସିବା ପରେ ବି ତାଙ୍କର ସୂକ୍ଷ୍ମ ସତ୍ତା ଏପରି ଭାବରେ ମୋର ମାନସ ଓ ପ୍ରତ୍ୟକ୍ଷ ଗୋଚର ହେଉଥାଏ ଯେ, ସେଥିରୁ ମୋର ଧାରଣା ହେଲା ସେମାନେ ମାନ୍ଦ୍ରାଜରେହିଁ ଅଛନ୍ତି । ସେତେବେଳ ପର୍ଯ୍ୟନ୍ତ ଅତଲୌକିକ ପକ୍ଷରେ ଦେଶ-କାଳର ବ୍ୟବଧାନ ଯେ ଆମର ଲୌକିକ ବ୍ୟବଧାନ ପରି ସ୍ପଷ୍ଟ ନୁହେଁ, ଏଇ ତତ୍ତ୍ୱ ମୋ' ନିକଟରେ ସୁସ୍ପଷ୍ଟ ରୂପେ ଧାରଣା ହୋଇ ନାହିଁ । ମୁଁ ଆମର ସାଧାରଣ ଲୌକିକ ଧାରଣାର ବଶବର୍ତ୍ତୀ ହୋଇ ଅନୁମାନ କରି ନେଇଛି ଯେ, ସେମାନେ ମାନ୍ଦ୍ରାଜରେ ଅଛନ୍ତି ଏବଂ ଚାଲି ଆସିବା ସମୟରେ କେବଳ ମୋର ମନେ ହେଲା ଯେ, ମୁଁ ତ କଲିକତା ଆସିଲି କିନ୍ତୁ ସେମାନେ ଏ ଖବର ଜାଣିବେ କିପରି ? ଏବଂ ସେମାନେ କଲିକତାରେ ନଥିଲେ ମୁଁ କେଉଁଠି ଯାଇ ପହଞ୍ଚିବି ଇତ୍ୟାଦି – ଏଇ ସମସ୍ତ କଥା ଚିନ୍ତା କରି କୌଣସି ଯଥାଯଥ ମୀମାଂସାରେ ଉପନୀତ ହୋଇ ନପାରି ମୋର ସାଥି ସାହେବ ୱାର୍ଡ଼ରକୁ ପ୍ରଶ୍ନ କଲି, ''ଆପଣ ମୋତେ କେଉଁଠାକୁ ନେଇ ଯିବାକୁ ଚାହାଁନ୍ତି ?'' ସେ କହିଲେ, ''କାହିଁକି ? ତୁମର ମାଆ-ବାବା, କଲିକତାରେ ଅଛନ୍ତି, ତୁମକୁ ତାଙ୍କ ନିକଟକୁ ପଠାଇ ଦେବୁ ।'' ମୁଁ କହିଲି, ''ବାଃ, ତାହା କିପରି ହେବ ? ମାଆ-ବାବା ତ କଲିକତାରେ ନାହାଁନ୍ତି, ସେମାନେ ତ ମାନ୍ଦ୍ରାଜରେ ।'' ସେ କହିଲେ, ''ନା, ସେମାନେ କଲିକତାରେ ଅଛନ୍ତି, ମାନ୍ଦ୍ରାଜରେ ନୁହେଁ, ତୁମେ ଭୁଲ୍ କରୁଛ, ଆମ ସୁପରିନ୍‌ଟେଣ୍ଡେଣ୍ଟଙ୍କ ନିକଟକୁ ତୁମ ବାବାଙ୍କର ଚିଠି ବି ଆସିଛି । ସେ ତୁମର ଖବର ପ୍ରାୟ ମଝିରେ ମଝିରେ ରଖନ୍ତି ।'' ଏଇ ସମସ୍ତ କଥାବାର୍ତ୍ତା ପରେ ମୁଁ ଆଉ କ'ଣ କହିବି, କୌଣସି ଉଚ୍ଚବାଚ ନକରି ଚୁପ୍ ରହିଲି, ଭାବିଲି ଦେଖାଯାଉ, କଲିକତାରେ ପହଞ୍ଚିଲେ ସବୁ ବୁଝାଯିବ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ବିକ୍ଷୁବ୍ଧତା, ବ୍ୟଗ୍ରତା, ଅସ୍ଥିରତା କିଛି ବି କାମରେ ଲାଗନ୍ତି ନାହିଁ । ଏହା ସମୁଦ୍ର ଉପରିସ୍ଥ ଫେଣ ସଦୃଶ; ଏହା ଏକ ବିରାଟ ହଇଚଇ ଯାହାକି ନିଜ ମଧ୍ୟରେହିଁ ସମାପ୍ତ ହୋଇଥାଏ । ଲୋକମାନଙ୍କର ଏହିପରି ଏକ ବୋଧ ଥାଏ ଯେ ଯଦି ସେମାନେ ସବୁବେଳେ ଧାଁଦଉଡ଼ ନ କରିବେ ଓ ଉତ୍ତେଜନାଭରା କ୍ରିୟାକଳାପରେ ଉନ୍ମତ୍ତ ଭଳି ଫାଟି ନ ପଡ଼ିବେ ତେବେ ସେମାନେ କିଛି କରୁ ନାହାନ୍ତି । ଏହା ଏକ ଭ୍ରାନ୍ତ ଭାବନା ଯେ ଏହିସବୁ ତଥାକଥିତ କ୍ରିୟାକଳାପ ଘଟଣାବଳିରେ କିଛି ପରିବର୍ତ୍ତନ ଆଣିଥାଏ । ଏହା ଖାଲି ଏକ କପ୍ ନେଇ ତା' ଭିତରର ପାଣିକୁ ଘାଣ୍ଟିବା ଭଳି କଥା । ଏହାଦ୍ୱାରା ପାଣି ଆନ୍ଦୋଳିତ ହୁଏ ସତ, କିନ୍ତୁ ତୁମର ସମସ୍ତ ଘାଣ୍ଟିବା ସତ୍ତ୍ୱେ ସେଥିରେ କିଛି ପରିବର୍ତ୍ତନ ଆସେ ନାହିଁ । କର୍ମର ଭ୍ରାନ୍ତି ମଣିଷ ପ୍ରକୃତିର ବୃହତ୍ତମ ଭ୍ରାନ୍ତି ମଧ୍ୟରୁ ଅନ୍ୟତମ । ଏହା ତୁମର ଅଗ୍ରଗତିରେ ବାଧା ଦେଇଥାଏ, କାରଣ ସବୁବେଳେ ଉତ୍ତେଜନାପୂର୍ଣ୍ଣ କ୍ରିୟାକଳାପ ମଧ୍ୟକୁ ମାଡ଼ିଯିବା ନିମନ୍ତେ ଏହା ତୁମ ମଧ୍ୟରେ ଏକ ଆବଶ୍ୟକତା ବୋଧ ସୃଷ ି କରିଥାଏ । ... ଯେଉଁମାନେ ଏହିପରି ଉନ୍ମତ୍ତ କର୍ମରେ ପ୍ରବୃତ୍ତ ହୋଇଥା'ନ୍ତି ସେମାନେ ଏପରି ଶକ୍ତିରାଜିଙ୍କ ହାତରେ ଖେଳନା ହୋଇଥା'ନ୍ତି, ଯେଉଁମାନେ ନିଜର ଆମୋଦ ଲାଗି ସେମାନଙ୍କୁ ନଚାଇ ଥାଆନ୍ତି । ଅଥଚ ସେଗୁଡ଼ିକ ସର୍ବୋତ୍ତମ ଧରଣର ଶକ୍ତିରାଜି ନୁହନ୍ତି ।

(CWM, Vol. 3, pp. 66-67)

— ଶ୍ରୀମା

ହିନ୍ଦୀ ବନାମ ସଂସ୍କୃତ*

ପ୍ରସାଦ ତ୍ରିପାଠୀ

ସମ୍ପ୍ରତି ଓଡ଼ିଶାର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଦର୍ଶନରେ ଯିବା ସମୟରେ କେତୋଟି ସ୍କୁଲ ସମ୍ପର୍କରେ ଆସିବାରୁ ଜଣାଗଲା ଯେ ସେମାନେ ତାଙ୍କ ଶିକ୍ଷାକେନ୍ଦ୍ରରେ ସଂସ୍କୃତ ଆଦୌ ପଢ଼ାଉ ନାହାନ୍ତି ଏବଂ ଏହାକୁ ଉଠାଇ ଦେଇଛନ୍ତି, ମାତ୍ର ହିନ୍ଦୀକୁ ବାଧ୍ୟତାମୂଳକ କରାଯାଇଛି । ଏ ସମ୍ପର୍କରେ ଅତୀତରେ ଅନେକ ଥର ବିଭିନ୍ନ ସଭାରେ ଆଲୋଚନା କରାଯାଇଛି । ହିନ୍ଦୀ ନା ସଂସ୍କୃତ କେଉଁ ଭାଷାଟି ବାଧ୍ୟତାମୂଳକ ଏବଂ କେଉଁ ଗୋଟିକ ଇଚ୍ଛାମୂଳକ ହେବା ଉଚିତ ?

ଆମ୍ଭେମାନେ ଜାଣିଛୁ ଭାଷା ସମ୍ପର୍କରେ ମା'ଙ୍କ ମତ । ମା' କହନ୍ତି, ସଂସ୍କୃତ ଭାରତର ରାଷ୍ଟ୍ରଭାଷା ହେବା ଉଚିତ । ମାତ୍ର ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀ ଠିକ୍ । ପୁନଶ୍ଚ ଶ୍ରୀଅରବିନ୍ଦ କୁହନ୍ତି, ଶିକ୍ଷା ନିଜ ମାତୃଭାଷା ମାଧ୍ୟମରେ ହେବା ଉଚିତ । ସେଥିପାଇଁ ଆଶ୍ରମରେ ଫରାସୀ ଏବଂ ସଂସ୍କୃତର ଏତେ ବ୍ୟାପକ ପ୍ରୟୋଗ ହୋଇଥାଏ । ଫରାସୀ ଭାଷା ପଣ୍ଡିଚେରୀର ସ୍ଥାନୀୟ ଭାଷା ଭାବରେ ପରିଗଣିତ ହୋଇ ଆସୁଛି । କାରଣ ଅତୀତରେ ଏହା ଫ୍ରାନ୍ସ ଅଧୀନରେ ଥିଲା । ବର୍ତ୍ତମାନ ସଂସ୍କୃତ ଭାଷା ବୋଧହୁଏ ସଂସାରରେ ସବୁଠାରୁ ଅଧିକ ସ୍ୱୀକୃତ ଭାଷା । କାରଣ ବିଦେଶରେ ଅନେକ ସ୍ଥାନରେ ଏହା ଏକ ଭାଷା ଭାବରେ ଗ୍ରହଣ କରାଯାଇ ତା'ରି ମାଧ୍ୟମରେ ସ୍କୁଲମାନଙ୍କରେ ଶିକ୍ଷାଦାନ କରାଯାଉଛି । ସଂସ୍କୃତରେ ପିଲାମାନେ ଅକ୍ଲେଶରେ କଥାବାର୍ତ୍ତା ହୋଇ ପାରୁଛନ୍ତି । ସଂସ୍କୃତ ଭାଷାର ମୂଳ ହେଲା ଭାରତ, ମାତ୍ର ଏଠାରେ ଏହାକୁ ମୂଳ ଭାଷା ରୂପେ ଗ୍ରହଣ କରିବାକୁ ଏପର୍ଯ୍ୟନ୍ତ କହିବାକୁ ପଡୁଛି । ସମସ୍ତେ ଜାଣନ୍ତି ସମସ୍ତ ଭାରତୀୟ ଭାଷା ସଂସ୍କୃତରୁହିଁ ଆସିଛି । ତେଣୁ ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଅନେକ ସଂସ୍କୃତ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଏପରିକି ହିନ୍ଦୀ ଭାଷାର ନିଜର ଅକ୍ଷର ମଧ୍ୟ ନାହିଁ । ଏହା ସଂସ୍କୃତର ଅକ୍ଷରକୁ ତାହାର ଅକ୍ଷର ହିସାବରେ ଗ୍ରହଣ କରି ନେଇଛି ।

ଏହା ବ୍ୟତୀତ ସଂସ୍କୃତ ଭାଷା ସବୁଠାରୁ ବୈଜ୍ଞାନିକ ଭାଷା । ଯଦିଓ ଇଂରାଜୀ ଭାଷା ବର୍ତ୍ତମାନ କମ୍ପ୍ୟୁଟରରେ ଅଧିକ ଭାବରେ ପ୍ରଚଳିତ ତଥାପି ଏହାର ସମସ୍ୟା ବହୁତ । ଏଥିରେ ଅନେକ ଶବ୍ଦ ସମାନ ଉଚ୍ଚାରଣର, ମାତ୍ର ବନାନ ଭିନ୍ନ । ଯେପରି hour, our ଦୁଇଟିଯାକ ଶବ୍ଦର ଉଚ୍ଚାରଣ ସମାନ, ମାତ୍ର ବନାନ ଭିନ୍ନ । ସେହିଭଳି ଅନେକ ଶବ୍ଦରେ ନିର୍ଦ୍ଦିଷ୍ଟ ଅକ୍ଷରକୁ ଉଚ୍ଚାରଣ କରାଯାଏ ନାହିଁ । Psychologyରେ Pର ଉଚ୍ଚାରଣ ନାହିଁ । ଉଚ୍ଚାରଣ ଏବଂ ବନାନ ଉଭୟକୁ ବିଚାରକୁ ନେଲେ ମଧ୍ୟ ଅନେକ ପ୍ରକାର ଭିନ୍ନତା ଏଥିରେ ଥାଏ, ଯେପରି Toକୁ 'ଟୁ', ମାତ୍ର Goକୁ 'ଗୋ' ହୋଇଥାଏ । କେଉଁଠାରେ Cକୁ 'କ' ଉଚ୍ଚାରଣ କରାଯାଉଥିଲେ ମଧ୍ୟ ପୁଣି କେଉଁଠି Kକୁ ମଧ୍ୟ 'କ' ଉଚ୍ଚାରଣ ହୋଇଥାଏ । ଏମିତି ଅନେକ ପ୍ରକାରର ଜଟିଳତା ଇଂରାଜୀ ଭାଷାରେ ଦେଖାଯାଏ । ମାତ୍ର ସଂସ୍କୃତ ସେସବୁଥିରୁ ଭିନ୍ନ । ସଂସ୍କୃତରେ ଏପରି ଜଟିଳତା ଆଦୌ ନାହିଁ ।

୧୯୭୧ ମସିହାରେ ମା' ଘୋଷଣା କଲେ,

"The Sanskrit ought to be the national language of India."

(MCW, Vol. 12, p. 222)

ଅର୍ଥାତ୍, ''ସଂସ୍କୃତହିଁ ଭାରତର ରାଷ୍ଟ୍ରଭାଷା ହେବା ଉଚିତ ।'' ମାତ୍ର ହିନ୍ଦୀ ସମ୍ବନ୍ଧରେ ମା' କହିଛନ୍ତି,

"Hindi is good only for those who belong to a Hindi-speaking province. Sanskrit is good for all Indians." (Ibid, Vol. 12, p. 222)

ଅର୍ଥାତ୍, ''ହିନ୍ଦୀ କେବଳ ହିନ୍ଦୀ ଭାଷାଭାଷୀ ପ୍ରଦେଶ ପାଇଁ ଅନୁକୂଳ, ମାତ୍ର ସଂସ୍କୃତ ସମଗ୍ର ଭାରତ ବର୍ଷ ପାଇଁ ଅନୁକୂଳ ।''

ପୁଣି ମା' କୌଣସି ସ୍ଥାନରେ କହିଛନ୍ତି, "I have the *deepest respect* for Indian languages and continue to study Sanskrit when I have time."

(Ibid, Vol. 12, p. 222)

---

* ଏହି ପ୍ରବନ୍ଧଟିର ରଚନାକାଳ ଫେବ୍ରୁଆରୀ ୨୦୨୦ ।

ଅର୍ଥାତ୍, ''ଭାରତୀୟ ଭାଷାମାନଙ୍କ ପ୍ରତି ମୋର ଗଭୀରତମ ସମ୍ମାନ ଅଛି ଏବଂ ମୁଁ ଯେତେବେଳେ ସମୟ ପାଏ ସଂସ୍କୃତହିଁ ଶିକ୍ଷା କରେ।''

ମା' ନିଜେ ଈଶୋପନିଷଦ୍‌ର ୧୮ଟି ଶ୍ଲୋକକୁ ମୂଳ ସଂସ୍କୃତରୁ ଫରାସୀ ଭାଷାରେ ଅନୁବାଦ କରିଥିଲେ ଏବଂ ସଂସ୍କୃତରେ ସମଗ୍ର ୧୮ଟି ଶ୍ଲୋକକୁ ମଧ୍ୟ ନିଜ ହାତରେ ଲେଖିଛନ୍ତି।

ଏକଦା ଜଣେ ଶିଷ୍ୟଙ୍କର ପ୍ରଶ୍ନ ଥିଲା ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର କହିବା ଅନୁଯାୟୀ :

"On certain issues where You and Sri Aurobindo have given direct answers, ... as for instance... on the language issue where You have said for the country that (1) the regional language should be the medium of instruction, (2) Sanskrit should be the national language, and (3) English should be the international language.

"Are we correct in giving these replies to such questions? (Ibid, Vol. 12, p. 222)

ଏହି ପ୍ରଶ୍ନର ଉତ୍ତରରେ ଶ୍ରୀମା ନିଜର ସମ୍ମତି ପ୍ରଦାନ କରିଥିଲେ।

ଆଶ୍ରମ ଶିକ୍ଷାକେନ୍ଦ୍ରରେ ସଂସ୍କୃତକୁ ଖୁବ୍ ସହଜରେ ଏବଂ ଆନନ୍ଦରେ ପଢ଼ାଯାଏ। ସମସ୍ତେ ସଂସ୍କୃତ ଭାଷାରେ ଅକ୍ଲେଶରେ କଥାବାର୍ତ୍ତା କରି ପାରନ୍ତି। ବାସ୍ତବିକ ସେମାନେ ସଂସ୍କୃତରୁ ଅନେକ ଆନନ୍ଦ ପାଆନ୍ତି।

ଆତ୍ମମାନଙ୍କ ଅନୁଷ୍ଠାନରୁ ସଂସ୍କୃତ ଭାଷାକୁ ଉଠାଇ ଦେବା ପଛରେ ଯାହା ମୁଖ୍ୟ କାରଣ, ତାହାହେଲା ସଂସ୍କୃତ ଅନ୍ୟ ଭାଷା ତୁଳନାରେ ଅତ୍ୟନ୍ତ କ୍ଲିଷ୍ଟ ବୋଲି କୁହାଯାଏ। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ଆମ ପିଲାଦିନେ ସଂସ୍କୃତ ସ୍କୁଲରେ ଏକ ବାଧତାମୂଳକ ବିଷୟ ଥିବା ସହିତ ଏକ ଇଚ୍ଛାଧୀନ ସଂସ୍କୃତ ପାଠ୍ୟ ବିଷୟ ମଧ୍ୟ ଥିଲା। ଯେଉଁମାନେ ଚାହୁଁଥିଲେ ସଂସ୍କୃତକୁ ମଧ୍ୟ ଇଚ୍ଛାଧୀନ ବିଷୟ ଭଳି ଗ୍ରହଣ କରିଥିଲେ। ସେତେବେଳେ ସଂସ୍କୃତକୁ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବରେ ଶିକ୍ଷା ଦିଆ ଯାଉଥିଲା, ଅର୍ଥାତ୍ ତା'ର ବ୍ୟାକରଣ, ଧାତୁରୂପ, ଶବ୍ଦରୂପ, କ୍ରିୟା, ଆତ୍ମନେପଦି, ପରସ୍ମୈପଦି ପ୍ରଭୃତି ଅତ୍ୟନ୍ତ ବ୍ୟାପକ ଏବଂ ଏହା ଖୁବ୍ ଆନନ୍ଦପ୍ରଦ। ମାତ୍ର ହିନ୍ଦୀକୁ ସରକାର ପ୍ରୋତ୍ସାହନ ଦେଉଥିବାରୁ ସେଥିରେ ଅଧିକ ନମ୍ବର ପାଇବା ସହଜ। ତା' ବ୍ୟତୀତ ହିନ୍ଦୀର ପ୍ରଚଳନ ସମାଜରେ ଅଧିକ। ଟି.ଭିରେ ସମ୍ବାଦ ପରିବେଷଣ ତଥା ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ହିନ୍ଦୀର ବହୁ ପ୍ରଚଳନ ରହିଛି। ତେଣୁ ଛୋଟ ପିଲାମାନେ ଅତି ସାନ ବେଳୁ ହିନ୍ଦୀ ନପଢ଼ି ମଧ୍ୟ ହିନ୍ଦୀ ଭାଷାକୁ ସ୍ପଷ୍ଟ ଭାବରେ କହି ପାରୁଛନ୍ତି। ମାତ୍ର ତା' ବୋଲି ଆମେ ସଂସ୍କୃତକୁ ଅଣଦେଖା କରିବା ଉଚିତ ନୁହେଁ। ଆମେ ମନେ ରଖିବା ଉଚିତ ଆମ ସ୍କୁଲଟି ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଚାଲିବା ଉଚିତ। ଆମେ ହୁଏତ ଆମ ଅଞ୍ଚଳରେ ହିନ୍ଦୀର ପ୍ରଭାବ ଅଛି ବୋଲି ହିନ୍ଦୀ ପ୍ରଚଳନ କରିଅଛୁ। ମାତ୍ର ସେଥିପାଇଁ ସଂସ୍କୃତ ସ୍ଥାନରେ ହିନ୍ଦୀ ରଖାଯାଇ ପାରିବ ନାହିଁ। ଆମକୁ ଯେପରି ହେଉ ପଛେ ସଂସ୍କୃତର ପ୍ରଚଳନ କରିବାକୁ ପଡ଼ିବ।

ପୂର୍ଣ୍ଣାଙ୍ଗ ଶିକ୍ଷା ସମସ୍ତ ପ୍ରକାର ସ୍ୱାଧୀନତା ଦେବା ପାଇଁ ପ୍ରସ୍ତୁତ, ମାତ୍ର ଯେଉଁ କାର୍ଯ୍ୟକ୍ରମଗୁଡ଼ିକୁ ମା' ଅନେକ ଗୁରୁତ୍ୱ ଦେଇଛନ୍ତି ତାକୁ ଆମେ କେବେ ବି ଅବହେଳା କରିପାରିବା ନାହିଁ। ତେଣୁ ଯେଉଁ ଯେଉଁ ସ୍କୁଲମାନେ ସଂସ୍କୃତ ଭାଷାକୁ ପଢ଼ାଇବା ସମ୍ପୂର୍ଣ୍ଣ ଉଠାଇ ଦେଇଛନ୍ତି ସେସବୁକୁ ଆସନ୍ତା ବର୍ଷ ଠାରୁ ପୁନଃ ପ୍ରଚଳନ କରିବା ପାଇଁ ସିଦ୍ଧାନ୍ତ ନେବେ।

କୌଣସି କୌଣସି ସ୍ଥାନରେ ସଂସ୍କୃତ ଶିକ୍ଷକ ମିଳୁ ନାହାନ୍ତି ବୋଲି ଅଭିଯୋଗ ହେଲା। ଥରେ ଜଣେ ଭଦ୍ରବ୍ୟକ୍ତି ଓଡ଼ିଶା ଛାଡ଼ି ପଣ୍ଡିଚେରୀ ଚାଲିଗଲେ। ସେ ସ୍କୁଲରେ ସଂସ୍କୃତରେ ଫେଲ୍ ହେଉଥିଲେ। ମା' ତାଙ୍କୁ ସଂସ୍କୃତ ଶିକ୍ଷକଭାବେ ଦାୟିତ୍ୱ ଦେଲେ ଏବଂ ସେ ଜଣେ ଅତି ଉଚ୍ଚକୋଟିର ସଂସ୍କୃତ ଶିକ୍ଷକ ହୋଇ ପାରିଲେ। ଉପର ଶ୍ରେଣୀମାନଙ୍କ ପାଇଁ ସଂସ୍କୃତ ଯୋଗ୍ୟତା ଥିବା ଶିକ୍ଷକ ହୁଏତ ଦରକାର ହୋଇ ପାରନ୍ତି, ମାତ୍ର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକ ଯିଏବି ଚାହିଁବେ ସଂସ୍କୃତ ପଢ଼ି ପଢ଼ାଇ ପାରିବେ। ଏହା ବ୍ୟତୀତ ଆଶ୍ରମର ନରେନ୍ଦ୍ର ଭାଇ ବର୍ଷରେ ଅନ୍ତତଃ ଥରେ ଦୁଇ ଥର ଓଡ଼ିଶା ଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣ ଶ୍ରେଣୀରେ ଯୋଗ ଦେଲେ ଅନେକ କଥା ଜାଣି ହୋଇ ପାରିବ।

ତେଣୁ ଶେଷରେ ଏତିକି ଅନୁରୋଧ ଯେ ଓଡ଼ିଶାର ଯେକୌଣସି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ହିନ୍ଦୀ ପ୍ରଚଳନ ହୋଇପାରେ, ସେଥିରେ ଆପତ୍ତି ନାହିଁ, ମାତ୍ର ପ୍ରତ୍ୟେକ ଛାତ୍ରଛାତ୍ରୀ ସଂସ୍କୃତ ଶିକ୍ଷା ପାଇବା ପାଇଁ ଏହି ବିଷୟକୁ ପ୍ରତ୍ୟେକ ଶିକ୍ଷାକେନ୍ଦ୍ରରେ ବାଧତାମୂଳକ କରାଯିବା ଉଚିତ। ❑

କାହାଣୀ :

ବିସ୍ମୟ ଓ ବାସ୍ତବ

ମନୋଜ ଦାସ

ସନ୍ଧ୍ୟା ଆସନ୍ନ ପ୍ରାୟ । ଦୋକାନୀଜଣକ ତାଙ୍କ ଦୋକାନ ଘରେ ତାଲା ପକାଇ ଘରକୁ ଫେରୁଥା'ନ୍ତି । ହାତରେ ଥାଏ ଟଙ୍କାମୁଣି ।

ଗୋଟାଏ ଟୋକା ହଠାତ୍ ତାଙ୍କ ଆଗକୁ କୁଦି ଆସି ତାଙ୍କ ହାତରୁ ଥଳିଟି ଛଡ଼େଇ ନେଇ ଦୌଡ଼ ଦେଲା । ଦୋକାନୀ ଏବଂ ଆଉ କେତେଜଣ ପଥଚାରୀ ତା' ପଛରେ ଦୌଡ଼ିଲେ । ଗଳିରାସ୍ତା, ପୁଣି ଅଙ୍କାବଙ୍କା । ତଥାପି ଟୋକା ଧରା ପଡ଼ିଗଲା ।

କିଛି ଦୂରରୁ କଟୁଆଳ ଆସୁଥିଲେ । ସାଙ୍ଗରେ ଥିଲେ ଦୁଇ ଜଣ ସିପାହି । ଲୋକେ ଚୋରକୁ ତାଙ୍କ ଆଗରେ ହାଜର କରାଇଲେ । ଟୋକା କଟୁଆଳଙ୍କ ଆଗରେ ବସିପଡ଼ି ତାଙ୍କ ଗୋଡ଼ ଜାବୁଡ଼ି ଧରି ଛାଡ଼ ପାଇବାକୁ କାକୁତି ମିନତି କଲା ।

କଟୁଆଳ ତାଙ୍କ ଗୋଡ଼ଟିକୁ ଏମିତି ଜୋର୍‌ରେ ଛାଟି ଦେଲେ ଯେ ଟୋକା ଛିଟିକିଯାଇ ଟିକିଏ ଦୂରରେ ପଡ଼ିଲା । ସେ ସୁଯୋଗର ସଦୁପଯୋଗ କଲା ତତ୍‌କ୍ଷଣାତ୍ । ଉଠିପଡ଼ି ଦେଲା ଦୌଡ଼ । ଚୋର ଧରାପଡ଼ିବା ଏବଂ ଟଙ୍କାଥଳି ମିଳିଯିବା ପରେ ସମସ୍ତେ ଶିଥିଳ ହୋଇ ଯାଇଥିଲେ । ଏମିତି ପରିସ୍ଥିତି ହେବ ବୋଲି କେହି ଭାବି ନଥିଲେ । ତେଣୁ କଟୁଆଳଙ୍କ ନିର୍ଦ୍ଦେଶରେ ସିପାହି ଦୁଇ ଜଣ ତାକୁ ଅନୁସରଣ କଲାବେଳକୁ ସେ ବେଶ୍ କିଛି ଦୂର ଚାଲିଗଲାଣି ।

ଦୌଡ଼ି ଦୌଡ଼ି ଯାଇ ଟୋକା ପଶିଲା ବଣ ଭିତରେ, ଗୋଟାଏ ଗୁମ୍ଫା ପାଖରେ । ଗୁମ୍ଫା ଭିତରେ ମିଞ୍ଜି ମିଞ୍ଜି ପ୍ରଦୀପ ଜଳୁଥାଏ । ବସିଥା'ନ୍ତି ଜଣେ ସାଧୁ । ଗୁମ୍ଫା କଡ଼ରେ ଟୋକା ପଡ଼ିଯାଇ ମୂର୍ଚ୍ଛା ଗଲା ।

ସିପାହି ଦୁଇ ଜଣ ତା' କଡ଼ ଦେଇ ଚାଲିଗଲେ, କିନ୍ତୁ ହୁଏତ ଅନ୍ଧାର ଯୋଗୁଁ ତାକୁ ଦେଖି ପାରିଲେ ନାହିଁ କିଂବା ତାକୁ ସାଧୁଙ୍କ ଚେଲା ବୋଲି ଧରିନେଲେ ।

କିଛି ସମୟ ପରେ ସାଧୁ ବାହାରକୁ ଆସି ତାକୁ ଦେଖିଲେ ଏବଂ ଦୟାପରବଶ ହୋଇ ତା'ର ସେବାଶୁଶ୍ରୂଷା କରି ତା' ଚେତା ଫେରାଇ ଆଣିଲେ । ରାତିକ ସେ ସେଠାରେ ରହିଲା । ସକାଳେ ସାଧୁଙ୍କୁ କହିଲା, ''ମୋତେ ଆପଣଙ୍କ ସେବକ ଭାବରେ ଗ୍ରହଣ କରନ୍ତୁ ।''

ସାଧୁଙ୍କ ଆପତ୍ତି ନଥିଲା । ପ୍ରଥମେ ଟୋକା ସେଠି ରହି-ଯିବାର କାରଣ କଟୁଆଳ ପୁଣି ତାକୁ ଧରି ପକାଇବ ବୋଲି ଆଶଙ୍କା । କିନ୍ତୁ ସେଠି କିଛିଦିନ ରହିବା ପରେ ସାଧୁଙ୍କୁ ଛାଡ଼ି ଆସିବାକୁ ତା'ର ମନ ଆଉ ବଳିଲା ନାହିଁ । ସେ ତାଙ୍କ ପରିଚର୍ଯ୍ୟା କରେ; ସାଧୁ ତାକୁ ପାଠ ପଢ଼ାନ୍ତି, ଶାସ୍ତ୍ର ବ୍ୟାଖ୍ୟା କରି ଶୁଣାନ୍ତି । ଆଖପାଖ ଗାଁ ଗଣ୍ଡାରୁ ଯେଉଁ କେତେଜଣ ଲୋକ ସାଧୁଙ୍କୁ ଭେଟିବାକୁ ଆସନ୍ତି, ସେମାନେ ବି ଟୋକାକୁ ଆଦର କରନ୍ତି ।

କେତେ ବର୍ଷ ପରେ ସାଧୁଙ୍କ ମୃତ୍ୟୁ ହେଲା । ଟୋକା ସେତେବେଳକୁ ଆଉ ଟୋକା ହୋଇ ନାହିଁ; ସେ ମଧ୍ୟବୟସ୍କ ଏବଂ ଦାଢ଼ି, କେଶ ଛାଡ଼ି ସାଧୁଙ୍କ ଭଳି ଦିଶୁଥାଏ । ସାଧୁଙ୍କ ଅନ୍ତେ ସେ ସେହି ଗୁମ୍ଫାରେ ରହିଲା । କ୍ରମେ ତା'ର ପାଣ୍ଡିତ୍ୟ, ସାଧୁସୁଲଭ ଆଚରଣ ଏବଂ ବିଭୂତି ଯୋଗୁଁ ପୁରୁଣା ସାଧୁଙ୍କଠୁଁ ସେ ଆହୁରି ଅଧିକ ଲୋକଙ୍କୁ ଆକୃଷ୍ଟ କଲା, ଯଦିଓ ସେ ଦିଗରେ ତା'ର ଆଗ୍ରହ ନଥାଏ ।

ଦିନେ ପାଖ ସହରରେ ଏକ ଅନୁଷ୍ଠାନ ହେଉଥାଏ । ଲୋକଙ୍କ ଆନ୍ତରିକ ଅନୁରୋଧ ଏଡ଼ାଇ ନପାରି ନୂଆ ସାଧୁ ସେ ଅନୁଷ୍ଠାନରେ ଯୋଗ ଦେଲେ । ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାରେ ତାଙ୍କର ଅସାଧାରଣ ସାମର୍ଥ୍ୟ ଥିବାର ଦେଖାଗଲା । ଲୋକେ ମୁଗ୍ଧ ହୋଇ ତାଙ୍କ ପ୍ରବଚନ ଶୁଣୁଥା'ନ୍ତି ।

ପ୍ରବଚନ ଶେଷ ହେଲା । କେତେ ଲୋକ ଆସି ତାଙ୍କୁ ପ୍ରଣାମ କରି ବିଦାୟ ନେଲେ । ଜଣେ ବୃଦ୍ଧ ଅବଶେଷରେ ତାଙ୍କ ପାଦରେ ମୁଣ୍ଡିଆ ମାରି କାନ୍ଦି ପକାଇ କହିଲେ, ''ବାବା, ଆପଣଙ୍କ କଥା ଶୁଣି ଆଜି ବୁଝି ପାରୁଛି ଜୀବନର ଅସଲ ଲକ୍ଷ୍ୟ ଛାଡ଼ି ସାରା ଜୀବନ ମିଥ୍ୟା ପଛରେ ଦୌଡ଼ିଛି ସିନା ! ଏ ଜୀବନରେ କେବେ ଭଗବାନଙ୍କୁ ଜାଣିପାରିବି ? ନା, ସେତେ ବଡ଼ ଅସମ୍ଭବ ସମ୍ଭବ ହେବ ନାହିଁ !''

''ଅସମ୍ଭବ ସମ୍ଭବ ହୁଏ, ବାବୁ !'' କହିଲେ ସାଧୁ ।

''କିନ୍ତୁ ମୁଁ ଏ ସହରର କଟୁଆଳ ଥିଲି । କେତେ ନିର୍ମମ, କେତେ ମନ୍ଦ କର୍ମରେ ମୋତେ ଲିପ୍ତ ହେବାକୁ ପଡ଼ିଛି । ମୁଁ ଯଦି ଭଗବାନଙ୍କ କରୁଣା ଲାଭ କରିବି, ତେବେ ସେଇଟା ହେବ ବିସ୍ମୟ !'' ବୃଦ୍ଧ କହିଲେ ।

''ବିସ୍ମୟ ବାସ୍ତବ ହୁଏ, ବାବୁ ! ଦେଖ, ଦିନେ ମୁଁ ତୁମ ଗୋଡ଼ ଧରିଥିଲି । ଆଜି ତୁମେ ମୋ ଗୋଡ଼ ଧରିଲ । ଏଭଳି ବିସ୍ମୟ ସମ୍ଭବ ବୋଲି ତୁମେ ସେତେବେଳେ ଜାଣିଥିଲ ? ଏହା ଯେମିତି ସମ୍ଭବ ହେଲା, ତୁମେ ଅନ୍ୟ ଯେଉଁ ବିସ୍ମୟ କଥା କହୁଛ, ତାହା ବି ସମ୍ଭବ ନ ହେବାର କାରଣ ନାହିଁ !'' କହିଲେ ସାଧୁ ।

ତା'ପରେ ନିଷ୍କପଟରେ ସେ ଅବସରପ୍ରାପ୍ତ କଟୁଆଳଙ୍କୁ ମନେ ପକାଇ ଦେଲେ ଚାଳିଶ ବର୍ଷ ତଳର ଦିନକର ସନ୍ଧ୍ୟାର ଘଟଣା !

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ.୨୪୯-୨୫୧)

❑❑❑

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ବିସ୍ମୟ ଓ ବାସ୍ତବ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''କଥାରେ ଅଛି, ପ୍ରତ୍ୟେକ ସାଧୁର ଗୋଟାଏ ଅତୀତ ଅଛି ଏବଂ ପ୍ରତ୍ୟେକ ପାପୀର ମଧ୍ୟ ଗୋଟାଏ ଭବିଷ୍ୟତ୍ ଅଛି । ଜୀବନର ବହୁ ବୈଚିତ୍ର୍ୟ ଉପରେ ଗୁରୁତ୍ୱ ଦିଏ ଭାରତର ପ୍ରାଞ୍ଜ ଲୋକକଥା ।''

(ତତ୍ତ୍ୱେବ : ପୃଷ୍ଠା : ୩୩୮)

At last a pimple / acne treatment that *REALLY* works !!

People from more than 16 countries have said that Tarika Pimple Remover has worked for their stubborn pimples and acne.

Now eliminate your stubborn pimples / acne completely and safely. Results visible in 10 days!!

Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.

tarika

Ayurvedic Pimple / Acne Remover

100% Herbal - Chemical Free
No side effects
Exported to over 16 countries

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ପ୍ରତୀକ୍ଷା

ବନମାଳୀ ଆଚାର୍ଯ୍ୟ

– ''ଶିଳ୍ପୀ !''

– ''କିଏ ?'' ସୁମନ୍ତ ଠିଆହୋଇ ଚାରିଆଡ଼କୁ ଆଖି ବୁଲାଇଲା । ଆଖପାଖରେ କେହି ନଥିଲେ । ଆଶ୍ଚର୍ଯ୍ୟଚକିତ ହୋଇ ସେ ନିଜକୁ ନିଜେ କହିଲା – 'ଏ କଣ୍ଠସ୍ୱର କାହାର ? ମୁଁ ତ କାହାରିକୁ ଦେଖି ପାରୁ ନାହିଁ । ବୋଧହୁଏ ଏହା ମୋ ମନର ଭ୍ରମ ବ୍ୟତୀତ ଆଉ କିଛି ନୁହେଁ ।'

ସୂର୍ଯ୍ୟୋଦୟ ପୂର୍ବରୁ ଗାଁ ପୋଖରୀରେ ସ୍ନାନ କରିବା ସୁମନ୍ତର ନିତିଦିନିଆ ଅଭ୍ୟାସ । ସେଦିନ ସ୍ନାନସାରି ସେ ଘରକୁ ଫେରୁଥିଲା । ପୋଖରୀ ନିକଟରେ ଗାଁ ଶ୍ମଶାନ । ନାନାଜାତିର କଣ୍ଟାଝଟାରେ ପରିପୂର୍ଣ୍ଣ ଏକ ଅରଣ୍ୟ ଅଗମ୍ୟ ଇଲାକା । ସେଠାରେ କେତେଗୋଟି ଶୁଭ୍ର ରଙ୍ଗର ମଳିନ ସମାଧି ମୁଣ୍ଡଟେକି ଠିଆ ହୋଇଥିଲା ଏବଂ ସ୍ଥାନଟିକୁ ଚିହ୍ନଟ କରୁଥିଲା । ସେଆଡ଼କୁ ନଜର ପକାଇ ସୁମନ୍ତ ଆଗକୁ ଗୋଡ଼ ବଢ଼ାଇଲା ।

– ''ମୁଁ ଏଇଠି ଅଛି ! ଏଇ ଆଡ଼କୁ ଆସ ।''

ସୁମନ୍ତ ଏଥର ଶବ୍ଦ ଆସୁଥିବା ଦିଗରେ ଚାଲିଲା ଏବଂ ଗୋଟିଏ ସମାଧି ନିକଟରେ ପହଞ୍ଚିଲା । ସ୍ଥାନଟି ନିଛାଟିଆ ଥିଲା । କେହି ଜଣେ ବି ଦେଖାଯାଉ ନଥିଲେ । ସେ ସମାଧି ଆଡ଼କୁ ଚାହିଁଲା । ଅସ୍ପଷ୍ଟ ଛାୟା ରୂପଟିଏ ଦେଖା ଯାଉଥିବା ଭଳି ସେ ଅନୁଭବ କଲା । ଏହା ବାସ୍ତବ ନା ମନର ଭାବନା ଅଥବା କୌଣସି ଅଜଣା ଭୟର ପରିଣତି ! ସେ କିଛି ବି ଜାଣିପାରୁ ନଥିଲା ।

– ''ହେ ଶିଳ୍ପୀ ! ମୁଁ ତୁମ ନିକଟରେ, ତୁମର ପରିଚିତ, ଯାହା ତୁମର ସ୍ମରଣ ଭିତରେ ନାହିଁ । ମୁଁ ଆନ୍ତରିକଭାବେ ତୁମ କଳାର ପ୍ରଶଂସା କରେ, ତୁମକୁ ଆଦର କରେ । ନିଷ୍ପ୍ରାଣ ପାଷାଣ ଦେହରେ ତୁମେ ଯେଉଁ କଳାକୃତି ଖୋଦନ କରିଛ, ସେଥିରୁ ମୁଁ ପ୍ରଚୁର ଆନନ୍ଦ ପାଏ । ଅବର୍ଣ୍ଣନୀୟ ତୁମର କାରୁକାର୍ଯ୍ୟ । ଏହା ମୋ ଅନ୍ତରର କଥା । କୌଣସି ମନଗଢ଼ା ବା ଛଳନାର କାହାଣୀ ନୁହେଁ । କେବଳ ତୁମେ ମୋ ସ୍ୱର ଶୁଣି ପାରୁଛ ଯାହା ଅନ୍ୟମାନେ ଶୁଣି ପାରିବେ ନାହିଁ । ତୁମ ହୃଦୟଟି ନିର୍ମଳ । ସେଥିରେ କୌଣସି ଆବିଳତା ନାହିଁ । ଅହଂ-ସ୍ୱାର୍ଥ ବିବର୍ଜିତ ଏକ ସୁନ୍ଦର ଉପକରଣ ଯେଉଁଥିରେ କେବଳ ଭଗବାନଙ୍କ ପ୍ରତି ଶ୍ରଦ୍ଧା, ସମର୍ପଣ ଓ ବିଶ୍ୱାସ ରହିଛି । ତୁମ ଅମାୟିକ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହୋଇ ତୁମକୁ ମୋ ଅନ୍ତରର ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମୁଁ ତୁମକୁ ଅବାଟରେ କିଛି ବାଟ ଟାଣି ଆଣିଛି ।''

ମନ୍ତ୍ରମୁଗ୍ଧ ଅବସ୍ଥାରେ ସୁମନ୍ତ ଶରୀର ନଥିବା ସତ୍ତାଟିର କଥାଗୁଡ଼ିକୁ ଶୁଣି ଚାଲିଥିଲା । ସେ ଆଶ୍ଚର୍ଯ୍ୟରେ ଖୁଣ୍ଟ ଭଳି ଠିଆ ହୋଇଥିଲା, ସତେଯେପରି ତା'ର ପାଦ ଦୁଇଟି ମାଟି ତଳେ ପୋତି ହୋଇ ଯାଇଥିଲା । ତା'ପରେ ସେ ନିଜକୁ ଯଥାସମ୍ଭବ ଶାନ୍ତ କରିନେଲା ଏବଂ ସାହସ ସଞ୍ଚୟ କରି ଅଶରୀରୀକୁ ପ୍ରଶ୍ନ କଲା, ''ତୁମେ କିଏ ? ନା ମୁଁ ତୁମକୁ ଜାଣିଛି, ନା ମୁଁ ତୁମକୁ ଦେଖି ପାରୁଛି ! କିନ୍ତୁ ତୁମ କଥା ମୁଁ ଶୁଣି ପାରୁଛି । ଏହା କିପରି ସମ୍ଭବ ? ତୁମେ ମୋତେ ପ୍ରଶଂସା କରୁଛ; ମାତ୍ର ମୁଁ ସେଥିପାଇଁ ଯୋଗ୍ୟ କି ନୁହେଁ ମୋତେ ଜଣା ନାହିଁ । ଏସବୁ ମୋତେ ରହସ୍ୟମୟ ଲାଗୁଛି ।''

ଅଦୃଶ୍ୟ ସତ୍ତା କହିଲା, ''ଆରମ୍ଭରେ ମହାବୀର ହନୁମାନ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ସଚେତନ ନଥିଲେ । ଜଣେ ଭଗବତ୍ ସେବକ ଭାବରେ ଆନ୍ତରିକ ଭକ୍ତି ଓ ବିଶ୍ୱାସ ତାଙ୍କର ମହାନ୍ ବ୍ୟକ୍ତିତ୍ୱକୁ ରୂପାୟିତ କରିଥିଲା । ଯଥାର୍ଥ ବ୍ୟକ୍ତିତ୍ୱ ଗଠନର ବୀଜଟି ଅନ୍ତର ଭିତରେ ଥାଏ । ଜଣେ ବ୍ୟକ୍ତିର ଅନ୍ତରାତ୍ମା ଭିତରେ ଯେଉଁ ସମ୍ଭାବନାରାଜି ଛପି ରହିଥାଏ ସେହି ଅନୁସାରେ ତା'ର ଦେହ, ପ୍ରାଣ, ମନ, ପରିବେଶ ଓ ବାହ୍ୟ ଜୀବନ ପ୍ରକାଶ ଲାଭ କରେ । ଅନ୍ୟମାନଙ୍କ ଭଳି ତୁମେ ମୋ'ଠାରୁ ଦୂରେଇ ଯାଇ ନାହଁ । ଏହା ମୋ ପାଇଁ ସବୁଠାରୁ ବଡ଼ କଥା । ତୁମେ ମୋ ବିଷୟରେ ସବୁକଥା ଧୀରେ ଧୀରେ ଜାଣିପାରିବ । ବର୍ତ୍ତମାନ ତୁମର ବିଳମ୍ବ ହେଉଛି । ଏଥର ତୁମେ ଘରକୁ ଫେରିଯିବା ଉଚିତ ହେବ ।''

ଭାରାକ୍ରାନ୍ତ ମନ ନେଇ ସୁମନ୍ତ ଲେଉଟି ଆସିଲା । ଜଣେ ଅଶରୀରୀ ସତ୍ତା ସହ କଥାବାର୍ତ୍ତା ତାକୁ ସ୍ୱପ୍ନ ଭଳି ଲାଗୁଥିଲା । ଏ ବିଷୟରେ କାହାରିକୁ କିଛି ନ କହିବା ପାଇଁ ସେ ମନେ ମନେ ସ୍ଥିର କଲା । ସେ ଜାଣିଥିଲା, ସେପରି କଥାକୁ କେହି ବିଶ୍ୱାସ କରିବେ ନାହିଁ । ଦେହର ମୃତ୍ୟୁ ଘଟିଲେ ଜୀବସତ୍ତା ପ୍ରାଣ ଜଗତରେ ବିଚରଣ କରେ । ଜୀବିତ ଅବସ୍ଥାରେ ସମ୍ଭବତଃ ତା'ର କଳା ପ୍ରତି ଆକର୍ଷଣ ଥିଲା । ଅଥବା ସେ ନିଜେ ଜଣେ

ପ୍ରତିଭାବାନ୍ କଳାକାର ଥିଲା । ହୁଏତ କଳା ପ୍ରତି ତା'ର ଆସକ୍ତି ବା ଅପୂର୍ଣ୍ଣ ଆଶାକୁ ପୂରଣ କରିବା ସକାଶେ ସେ ତାକୁ ଏକ ମାଧ୍ୟମ ଭାବରେ ବାଛିନେଲା । ସୁମନ୍ତର ଏହି ଶାସ୍ତ୍ରଗତ ଜ୍ଞାନ ତା'ର ମାନସିକ ସ୍ଥିରତାକୁ ବଜାୟ ରଖିବା ଦିଗରେ ସାହାଯ୍ୟ କଲା । ତା' ଭିତରେ ଥିବା ଜଣେ କଳାକାରର ହୃଦୟଟି ଏପରି ଏକ ଅସ୍ୱାଭାବିକ ଘଟଣାକୁ ସତ ବୋଲି ମାନିନେଲା । ତା'ପରେ ଏ ଦିଗରେ ସେ ଅଧିକ ମୁଣ୍ଡ ନ ଖେଳାଇ ନିଜ ଦୈନନ୍ଦିନ ଜୀବନର କାର୍ଯ୍ୟଧାରା ଭିତରେ ବ୍ୟସ୍ତ ରହିଲା ।

ସେଦିନ ଥିଲା ଏକ ବର୍ଷଣମୁଖର ରାତି । ଚାରିଆଡ଼େ ଅନ୍ଧକାର ଓ ବିଜୁଳିର ଚମକ । ଦିବସର କ୍ଲାନ୍ତିକୁ ଦୂର କରିବାକୁ ଯାଇ ସୁମନ୍ତ ସଅଳ ବିଛଣା ଧରିଲା । ଗଭୀର ନିଦ୍ରାରେ ଶୟନ ଯିବା କାଳରେ ସେ ଏକ ଅଜବ ସ୍ୱପ୍ନ ଦେଖିଲା । ତାକୁ କେହି ଜଣେ କହୁଥିଲା – ''ହେ ଶିଳ୍ପୀ, ତୁମ ବିଶ୍ରାମରେ ବାଧା ସୃଷ୍ଟି କରିଥିବାରୁ ମୁଁ ଦୁଃଖିତ । ମୁଁ ସ୍ୱପ୍ନା । ସେଦିନ ଶ୍ମଶାନ ଭୂମିରେ ଆମେ କଥାବାର୍ତ୍ତା ହୋଇଥିଲେ । କଥାବାର୍ତ୍ତା ଅଧୁରା ଥିଲା । ଆଜି ମୁଁ ତାକୁ ସମ୍ପୂର୍ଣ୍ଣ କରିବାକୁ ଆସିଛି । ପ୍ରାୟ ପାଞ୍ଚ ଶହ ବର୍ଷ ତଳର କଥା । ସେତେବେଳେ ଜଣେ ରାଜା ଥିଲେ । ପ୍ରଜାଙ୍କ ଦୁଃଖରେ ଦରଦୀ, ଅତି ଉତ୍ତମ ସ୍ୱଭାବର ଜଣେ ବ୍ୟକ୍ତି । ସେତେବେଳେ ଏ ଶ୍ମଶାନଟି ତାଙ୍କର ରାଜଉଦ୍ୟାନ ଥିଲା । ତା' ଭିତରେ ତୁମେ ସ୍ନାନ କରୁଥିବା ଏହି ପୁଷ୍କରିଣୀଟି ଥିଲା । ସେଥିରେ ପ୍ରାୟ ରାଜପରିବାରର ସଦସ୍ୟବର୍ଗ ସ୍ନାନ କରୁଥିଲେ । ପୋଖରୀ ସାରା ପଦ୍ମ ଫୁଲ । ପ୍ରଜାମାନେ ଏହାକୁ ରାଜାଙ୍କ ପଦ୍ମପୋଖରୀ କହୁଥିଲେ । ପଦ୍ମଫୁଲର ସେ ବାସ୍ନା ଏବେ ବି ମୋ ନାକରେ ବାଜୁଛି । ତୁମେ ଆଜି ଯେଉଁଠାରେ ଶୟନ କରିଛ, ତାହା ମଧ୍ୟ ରାଜପ୍ରାସାଦର ଏକ ଅଂଶ ଥିଲା । ରାଜା ଥିଲେ ସୌଖୀନପ୍ରିୟ । ତାଙ୍କର ଏକମାତ୍ର ସନ୍ତାନ ରାଜକୁମାର ଅରିନ୍ଦମ । ଚାରୁକଳାରେ ନିପୁଣ ଜଣେ ଯୁବକ – ସୁଧାର ଓ ବିଚାରବନ୍ତ । ମାତ୍ର ରାଣୀ ଭିନ୍ନ ପ୍ରକାରର ଥିଲେ – ଅହଂକାରୀ ଓ ବଦ୍‌ରାଗୀ । ମୁଁ ଦିନେ ମୋ ହାତରେ ଆଙ୍କିଥିବା ଚିତ୍ର କେତୋଟି ନେଇ ରାଜାଙ୍କ ଦରବାରରେ ପହଞ୍ଚିଲି । ରାଜାଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କ ନିକଟରେ ଖଣ୍ଡିଏ ଚାକିରି ପାଇବା ମୋର ଉଦ୍ଦେଶ୍ୟ ଥିଲା । ଚିତ୍ରଗୁଡ଼ିକୁ ଦେଖି ରାଜା ଖୁସି ହୋଇଗଲେ । ସେଗୁଡ଼ିକୁ ନିଜର ସଭାସଦ୍‌ବର୍ଗଙ୍କୁ ଦେଖାଇଲେ । ରାଜକୁମାର ଅରିନ୍ଦମ ସେଗୁଡ଼ିକୁ ଉଚ୍ଚକଣ୍ଠରେ ପ୍ରଶଂସା କଲେ । ରାଜାଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ମୁଁ ରାଜପରିବାରର ସଦସ୍ୟମାନଙ୍କର ଚିତ୍ର ଆଙ୍କି ସେମାନଙ୍କୁ ଦେଲି । ରାଜାଙ୍କ ଅଧୀନରେ ଜଣେ ଚିତ୍ରଶିଳ୍ପୀ ଭାବରେ ସ୍ଥାନ ପାଇଲି । ମୋର ଖୁସି କହିଲେ ନସରେ । ଅଳ୍ପଦିନ ଭିତରେ ଜଣେ ଚିତ୍ରଶିଳ୍ପୀ ଭାବରେ ମୋର ଖ୍ୟାତି ବଢ଼ିଗଲା ।

''ମୁଁ ଜାଣି ନଥିଲି, ଅରିନ୍ଦମ ମୋତେ ଭଲ ପାଉଥିଲେ । ମୋତେ ବିବାହ କରିବାକୁ ନିଜ ପରିବାରରେ ପ୍ରସ୍ତାବ ରଖିଥିଲେ । ଏଥିରେ ରାଜାଙ୍କର ସମ୍ମତି ଥିଲା । ମାତ୍ର ରାଣୀଙ୍କର ଆପତ୍ତି ଥିଲା । ସେ ରାଜପୁତ୍ରଙ୍କର ମୋ ସହିତ ବିବାହ ବନ୍ଧନକୁ ନାପସନ୍ଦ କରୁଥିଲେ । ରାଜପୁତ୍ରଙ୍କ ଏକାନ୍ତ ଜିଦ୍ ତାଙ୍କୁ ଅସୁବିଧାରେ ପକାଇଲା । ସେ ମୋ ବିରୋଧରେ ଚକ୍ରାନ୍ତ କଲେ ଏବଂ ଯୋଜନା ପ୍ରସ୍ତୁତ କଲେ । ଆଜିର ରାତି ଭଳି ସେ ରାତିଟି ସେଦିନ ଭୟଙ୍କର ଥିଲା । ମୁଁ ରାଜପ୍ରାସାଦ ବାହାରେ ଏକ କୋଠରିରେ ଶୋଇପଡ଼ିଥିଲି । କେତେ ଜଣ ଶକ୍ତିଶାଳୀ ସ୍ତ୍ରୀଲୋକ ମୋ ପାଟି ବନ୍ଦ କରି ମୋତେ ସେଠାରୁ ଉଠାଇ ନେଲେ । ସେମାନେ ସମସ୍ତେ ମୁଖା ପିନ୍ଧିଥିଲେ । ତେଣୁ ମୁଁ ସେମାନଙ୍କୁ ଚିହ୍ନି ପାରି ନଥିଲି । ମୋତେ ବୋହିନେବା ବେଳେ ଜଣେ କହୁଥିବାର ଶୁଣିଲି – 'ରାଜକୁମାର ତୋତେ ବିବାହ କରିବାକୁ ଜିଦ୍ ଧରିଛନ୍ତି । ତେଣୁ ତୋତେ ଦଣ୍ଡ ଦିଆଯିବ ।' ମୁଁ କୌଣସି ପ୍ରତିରୋଧ କରିବା ଅବସ୍ଥାରେ ନଥିଲି ବରଂ ଚେତା ହରାଇ ବସିଲି । ପୁଷ୍କରିଣୀର ପଶ୍ଚିମତଟରେ ସେମାନେ ମୋତେ ମାଟିତଳେ ପୋତି ଦେଲେ । ମୁଁ ତୁମକୁ ଏହିକଥା ଶୁଣାଇବାକୁ ମନସ୍ଥ କଲି, କାରଣ ତୁମେ ସେହି ରାଜକୁମାର ଅରିନ୍ଦମ । ଆମେ ବହୁ ବର୍ଷ ତଳୁ ପରସ୍ପରକୁ ଜାଣୁ । ତୁମେ ପୂର୍ବଜନ୍ମ କଥା ଭୁଲିଯାଇଛ, ମାତ୍ର ସେସବୁ ମୋ ସ୍ମରଣରେ ଅଛି । ମୁଁ ଯେଉଁ ଜଗତରେ ବାସ କରୁଛି, ସେଠାରେ ଭୟଙ୍କର ସତ୍ତାମାନେ ବାସ କରନ୍ତି । ବହୁ ଉତ୍ତମ ଓ ସୁନ୍ଦର ସତ୍ତାମାନେ ମଧ୍ୟ ଅଛନ୍ତି । କଳା ପ୍ରତି ମୋର ଆକର୍ଷଣ ଓ ଭଲପାଇବା ମୋତେ ନିରାପଦରେ ରଖିଛି ଏବଂ ମୋତେ ବହୁତ ଖୁସି ବି ଦେଇଛି ।

''ବର୍ତ୍ତମାନ ମୁଁ ସେସବୁ ଆସକ୍ତିରୁ ମୁକ୍ତ । ମୁଁ ଆଉ ଏକ ଜଗତକୁ ଚାଲିଯିବି । ମୋର ସମସ୍ତ ଅଭିଜ୍ଞତା ମୋ ସହିତ ଚାଲିଯିବ । ମୋର ଯାବତୀୟ କଳାତ୍ମକ ଜ୍ଞାନ ତୁମକୁ ପ୍ରାପ୍ତ ହେଉ ବୋଲି ଇଚ୍ଛା ପୋଷଣ କରୁଛି । ତୁମେ ଜାଣିବାକୁ ଚାହୁଁଥିଲ ମୁଁ ତୁମକୁ କାହିଁକି ପ୍ରଶଂସା କରୁଛି । ଗାଁ ମୁଣ୍ଡ ମନ୍ଦିରରେ ତୁମେ ଯେଉଁ ପଥର ମୂର୍ତ୍ତିମାନ ଖୋଦନ କରିଛ, ସେହି କଳାର କୌଣସି ପଟାନ୍ତର ନାହିଁ । ଜୀବନ ଠାରୁ ସେଗୁଡ଼ିକ ଅଧିକ

ବାସ୍ତବ ଓ ଜୀବନ୍ତ । ତୁମ ଅନ୍ତରାତ୍ମାରୁ ଆସିଥିବା ଦିବ୍ୟ ପ୍ରେରଣାରୁ ସେସବୁ ପ୍ରାଣବନ୍ତ ହୋଇ ଉଠିଛନ୍ତି । ଜଣେ କଳାକାର ମନର ପରିସୀମା ମଧ୍ୟରେ ବାନ୍ଧି ହୋଇ ରହେ ନାହିଁ । ସେ ଅନ୍ତରାତ୍ମା ମଧ୍ୟକୁ ଅନୁପ୍ରବେଶ କରିଥାଏ । ତା'ର ସୃଜନୀ ଶକ୍ତି ଦିନେ ତାକୁ ଭଗବାନଙ୍କ ସହିତ ଯୋଡ଼ିଦିଏ । ଏହି ଯୋଡ଼ି ହୋଇଯିବାହିଁ ଯୋଗ ଯାହା ତୁମ ମଧ୍ୟଦେଇ ଚାଲିଛି ।''

ଅତୀତ ଓ ବର୍ତ୍ତମାନର ଅନିଶ୍ଚିତତା ଭିତରେ ଆନ୍ଦୋଳିତ ହୋଇ ସୁମନ୍ତ ଭବିଷ୍ୟତର ପ୍ରଶ୍ନଟିଏ ଉତ୍ଥାପନ କଲା :

''ତୁମ ସହିତ ଆଉ କେବେ ଦେଖା ହେବ ?''

''ମୁଁ ସ୍ଥିର କରିଛି, ମୁଁ ଏହି ପୃଥିବୀକୁ ପୁଣି ଫେରି ଆସିବି । ଜଣେ ଚିତ୍ରଶିଳ୍ପୀର ଜୀବନ ବଞ୍ଚିବି । ତୁମ ପରି ପ୍ରତିଷ୍ଠିତ କଳାକାରଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବି । ଏହା ମୋ ଅନ୍ତରାତ୍ମାଙ୍କ ସ୍ୱର । ମୁଁ ଭଗବାନଙ୍କୁ ଗଭୀର ଭାବେ ବିଶ୍ୱାସ କରେ । ଆମେ ଆନ୍ତର ଚେତନାରେ ମିଳିତ ରହିବା । କୁହାଯାଏ, ମୃତ୍ୟୁ ପରେ ମନୁଷ୍ୟ ପଛକଥା ସବୁ ଭୁଲିଯାଏ । ମୁଁ ଭୁଲି ନାହିଁ, କାରଣ ଜୀବନକାଳରେ ମୋର ସମସ୍ତ କିଛି ଭାବନା ଓ କର୍ମ ମୋ ଅନ୍ତରାତ୍ମାଙ୍କ ସହ ଯୋଡ଼ି ହୋଇ ଯାଇଥିଲା । ତୁମେ ଜାଣିଥିବ 'ଲିଥ୍' ନାମକ ଏକ ଗ୍ରୀକ୍ ପୁରାଣ ବର୍ଣ୍ଣିତ ନଦୀର କଥା । ଏକଥା ମୁଁ ଲୋକ ମୁହଁରୁ ଶୁଣିଛି । ଏହାକୁ ବିସ୍ମରଣର ନଦୀ କୁହାଯାଏ । ଏହାକୁ ପାର ହୋଇ ଜଣେ ଯମାଳୟକୁ ଗମନ କରେ । ତେଣୁ ସେସବୁ ପଛକଥା ଭୁଲିଯାଏ । ମାତ୍ର ଯେଉଁମାନେ ନିଜ ଅନ୍ତରାତ୍ମାଙ୍କ ସହିତ ମିଶି ଜୀବନ ବଞ୍ଚନ୍ତି, ସେମାନେ ସଚେତନ ଭାବରେ ଚୈତ୍ୟ ଚେତନାର ସ୍ତରକୁ ପ୍ରବେଶ କରନ୍ତି ଏବଂ ପୁନର୍ବାର ପୃଥିବୀରେ ଜନ୍ମ ନେବାକୁ ପ୍ରସ୍ତୁତ ହୁଅନ୍ତି । ସବୁକିଛି ସଂଘଟିତ ହୁଏ ଭଗବାନଙ୍କ ଇଚ୍ଛା ଓ କୃପାରେ । ତୁମେ କେବଳ ଭଗବାନଙ୍କୁ ଚାହଁ । ଅନ୍ୟକିଛି ଚାହଁ ନାହିଁ । ଦିନେ ସଶରୀରରେ ଆମର ଭେଟ ହେବ ।''

ସୁମନ୍ତର ନିଦ ଭାଙ୍ଗିଗଲା । ସେ ଭାବିଲା, ଏହା କୌଣସି ସ୍ୱପ୍ନ ନଥିଲା, ଏକ ବାସ୍ତବ ସାକ୍ଷାତ୍ ଥିଲା । ତାକୁ ତା' ଅନ୍ତରାତ୍ମାଙ୍କ ଇଙ୍ଗିତରେ ଜୀବନ ବଞ୍ଚିବାକୁ ହେବ । ସୁମନ୍ତର ପଥର ମୂର୍ତ୍ତିରେ ଉଚ୍ଚ ସ୍ତରର ରସ, ରଙ୍ଗ ଓ ଉପାଦାନ ମିଳିତ ହେବାରେ ଲାଗିଲା । ତା' ହାତରେ ପଥର ନିର୍ମିତ ସ୍ୱପ୍ନାର କଳ୍ପିତ ମୂର୍ତ୍ତି ଏକ ଚମତ୍କାର ସୃଷ୍ଟି ଥିଲା ଯାହାକୁ ସେ ପୁଷ୍କରିଣୀର ପଶ୍ଚିମ ତଟରେ ଯତ୍ନର ସହ ସ୍ଥାପନ କରିଥିଲା । ତା' ପାଇଁ ଏହା ଥିଲା ପ୍ରତୀକ୍ଷାର ପ୍ରତୀକ ଯଦିଓ ଅନ୍ୟମାନଙ୍କ ପାଇଁ ଏହା ଅବୁଝା ହୋଇ ରହିଗଲା ।

ଦିବ୍ୟ ଜନନୀ ଶ୍ରୀମାଙ୍କ ଉକ୍ତିରେ :

''ସାଧାରଣତଃ ଚୈତ୍ୟହିଁ ସତ୍ତାକୁ ବାଟ ଦେଖାଇ ଆଗକୁ ନେଇ ଯାଉଥାଏ । ବ୍ୟକ୍ତି ଏ ବିଷୟରେ କିଛି ଜାଣେ ନାହିଁ । କାରଣ ସେ ଏହି ବିଷୟରେ ସଚେତନହିଁ ନଥାଏ । ମାତ୍ର ସାଧାରଣତଃ ଚୈତ୍ୟହିଁ ସତ୍ତାର ପରିଚାଳନା କରେ । ଖୁବ୍ ବେଶୀ ମନଯୋଗୀ ହୋଇପାରିଲେ ଯାଇ ସେ ବିଷୟରେ ସଜ୍ଞାନ ହେବା ସମ୍ଭବ ହୁଏ ।''

(ମାତୃରଚନାବଳି, ୫ମ ଖଣ୍ଡ, ପୃ. ୫୯୫) ❑

ପ୍ରଶ୍ନ : ମୃତ୍ୟୁ ପରେ ଆନ୍ତର ସତ୍ତା କ'ଣ ଅଗ୍ରଗତି କରି ଚାଲିଥାଏ ?

ଶ୍ରୀମା : ଏହା ପୂରାପୂରି ବ୍ୟକ୍ତି ଉପରେ ନିର୍ଭର କରେ । ପ୍ରତ୍ୟେକ ଲୋକ ପାଇଁ ଏହା ଭିନ୍ନ ଭିନ୍ନ ହୋଇଥାଏ । ଏପରି ଅନେକ ଲୋକ ଅଛନ୍ତି, ଉଦାହରଣ ସ୍ୱରୂପ – ଲେଖକ, ସଂଗୀତଜ୍ଞ ଓ ଚାରୁକଳାର ଶିଳ୍ପୀମାନେ, ଯେଉଁମାନେ ବୁଦ୍ଧିଜୀବୀ ଜୀବନର ଉଚ୍ଚସ୍ତରରେ ରହିଥା'ନ୍ତି, ଯେଉଁମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆଉକିଛି କରିବାକୁ ବାକି ଅଛି ଓ ସେମାନେ ଯେଉଁ କାମଟିକୁ ହାତକୁ ନେଇଥିଲେ ତାହା ସଂପନ୍ନ କରିପାରି ନାହାନ୍ତି, ନିଜ ପାଇଁ ଯେଉଁ ଲକ୍ଷ୍ୟ ସ୍ଥାପନ କରିଥିଲେ ସେଠାରେ ପହଞ୍ଚିପାରି ନାହାନ୍ତି; ସେମାନେ ତେଣୁ ପ୍ରସ୍ତୁତ ହୋଇଥା'ନ୍ତି ପୃଥିବୀର ବାତାବରଣରେ ରହିବାକୁ, ଯେତେ ଅଧିକ ଦିନ ସମ୍ଭବ ସେତେ ଅଧିକ ଦିନ ରହିବାକୁ, ଯେତେ ଅଧିକ ସମ୍ଭବ ସଂଗତି ଓ ସଂଯୋଜନାର ଶକ୍ତି ନେଇ ଏବଂ ସେମାନେ ଚେଷ୍ଟା କରିଥା'ନ୍ତି ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଏବଂ ଅନ୍ୟାନ୍ୟ ମନୁଷ୍ୟ ଶରୀର ଭିତରଦେଇ ନିଜର ଅଗ୍ରଗତିକୁ ଅବ୍ୟାହତ ରଖିବା ପାଇଁ ।

(MCW, Vol. 5, p. 260)

ଘଣ୍ଟାରୁ ଗଣିତ ଜ୍ଞାନ

ଧର୍ମକୁମାର ଶତପଥୀ

ଆଷାଢ଼ ମାସ ଆରମ୍ଭ ହେଉ ହେଉ ବର୍ଷାର ଆଗମନ ହୋଇଯାଇଛି । ଆଜି ରବିବାର । ଗତ ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଥିଲା । ସେଦିନର ପାଗ ଭିନ୍ନ ଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ବର୍ଷକରେ ଥରେ ୧୦୮ ଗରା ପାଣିରେ ଗାଧୋଇଥା'ନ୍ତି । ପରେ ପରେ ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦିଅନ୍ତି । ତାଙ୍କୁ ପୁଣି ଜ୍ୱର ହୁଏ । ସିଏ ଅଣସର ଘରେ ବିଜେ ହୁଅନ୍ତି । କବିରାଜମାନେ ନୀତି ନିୟମରେ ଫୁଲୁରା ତେଲ ମାଲିସ କରନ୍ତି, ଦଶମୂଳ ବାଟନ୍ତି । ଏଇ ଅଣସର ସମୟରେ ଭକ୍ତ ଅଲାରନାଥଙ୍କୁ ଦର୍ଶନ କରିଥା'ନ୍ତି । ରତ୍ନ ସିଂହାସନରେ ପଟିଦିଅଁଙ୍କ ଦର୍ଶନ ହୋଇଥାଏ । ଦେବସ୍ନାନ ପରେ ପରେ ଧରାପୃଷ୍ଠ ଗରମ ଗୁଳୁଗୁଳିରେ ଅତିଷ୍ଠ ହୁଏ । ଏଇ ସମୟରେ କୁଆଡ଼େ ଜଗନ୍ନାଥଙ୍କ ଶରୀରରୁ ଅନର୍ଗଳ ଝାଳ ବାହାରେ । ଆଉ ସେଇ ଝାଳର ପରିମାଣହିଁ ବୃଷ୍ଟିପାତର ସୂଚନା ଦେଇଥାଏ । ଏ ବର୍ଷ ବର୍ଷାର ମାତ୍ରା କିଭଳି ହେବ, ପାଳକ ହେବ କି ମରୁଡି ହେବ, ଚାଷବାସ ବନ୍ୟାରେ ଉଜୁଡ଼ିବ କି ମରୁଡ଼ିରେ ହାହାକାର ହେବ ତାହା ଆକଳନ କରାହୁଏ ।

ଯା' ବି ହେଉ, ଗରମ ଗୁଳୁଗୁଳୁ ହେଉ କି ନହେଉ, ନିଦାଘର ଦାଉରୁ ତ୍ରାହି ମିଳିଛି । କି ଗାଁ, କି ସହର, ଖରାଦିନର ଜଳକଷ୍ଟ ଲାଘବ ହୋଇଛି । ଆଉ ତା' ସହିତ ତାପମାତ୍ରାର ଉତ୍କଟ ବୃଦ୍ଧିରେ ରୋକ୍ ଲାଗିଛି । ସ୍ଥଳ, ଆକାଶ, ପବନରେ ଆଉ ସେ ଦାଉ ଦାଉ ଭାବ ନାହିଁ । ତପନ ତପ୍ତା ଧରଣୀ ଶୀତଳ ହୋଇଯାଇଛି । ଆଷାଢ଼ ଆକାଶରେ ଘନ ବାଦଲର ଚଳଚଞ୍ଚଳ ଗତି । ଭାଗବତକାର କହିଲେ, ''ଏବେ ଗ୍ରୀଷ୍ମ କାଳ ଗଲା, ବରଷା କାଳ ପ୍ରବେଶିଲା । ମେଘେ ଚଳିଲେ ଶୂନ୍ୟ ପଥେ, ବିଜୁଳି ଶବଦ ସହିତେ । ...'' ପୁଣି ଏଇ ଆଷାଢ଼ର ଏକ ମେଘମେଦୁର ପରିବେଶରେ ରାମଗିରିରେ ଅଭିଶପ୍ତ ଯକ୍ଷ ନିଜ ପ୍ରାଣପ୍ରିୟାକୁ କାତର ଭାବେ ସ୍ମରଣ କରି ମେଘମାଳାକୁ ନିଜ ହୃଦୟର ମନୋଭାବକୁ ଖୋଲି ପ୍ରକାଶ କରି ଦୂତ ପଠାଇଛି । ଏହା କାଳିଦାସଙ୍କ ଅମରକୃତି ''ଆଷାଢ଼ସ୍ୟ ପ୍ରଥମ ଦିବସେ ...''ରୁ ଫୁଟି ଉଠିଛି ଏକ ସମ୍ବେଦନଶୀଳ କାବ୍ୟ ।

ଏଇ ଆଷାଢ଼ ମାସ ଆସିଲେ ମନେପଡ଼େ ମୋର ଜେଜେମା'ଙ୍କ କଥା । କେଉଁ ବୈଷ୍ଣବ କବିଙ୍କ ଅମର ଲେଖନୀରୁ ଫୁଟି ଉଠିଥିବା କେଇ ଧାଡ଼ି, ''ଆଷାଢ଼ ମାସରେ ମେଘ, ଗରଜଇ ଯେହ୍ନେ ବାଘ, ଘଡ଼ିକରେ ଦୃଶ୍ୟ ହୁଅଇ ଅଦୃଶ୍ୟ, ଘୋଟି ଯାଏ ଚଉଦିଗ ... ଲୋ କୋଇଲି ... ଶୁଣୁ ଲୋ ... '' ଇତ୍ୟାଦି ମୋର ସେଇ ପିଲାଦିନକୁ ପୁଣି ଥରେ ଉଜ୍ଜୀବିତ କରି ପକାଏ । ଜେଜେମା' ନାହିଁ । ସେ ସମୟ ମଧ୍ୟ ନାହିଁ । ମୁଁ ହାଇସ୍କୁଲ ପାଠ ସରିଲା ବର୍ଷ ସିଏ ଆରପାରିକୁ ଚାଲିଗଲା ଠିକ୍ ଏମିତି ଏକ ଆଷାଢ଼ ମାସରେ । ହେଲେ ତା'ର ସ୍ମୃତି ମୋର ମନ ତଳେ ଅମର ହୋଇ ରହିଛି । ସେ ସମୟ ଚାଲି ଯାଇଛି ... । ସତରେ ସମୟ ବଡ଼ ବଳବାନ୍ ... ।

ମୁଁ ମୋର ଘର ଅଗଣା ପିଣ୍ଡିରେ ପଟାଖଟରେ ବସି ଖବରକାଗଜ ଓଲଟାଉଛି । ରବିବାର । ଶାନ୍ତଶୀତଳ ପରିବେଶ । ଦୁଇ ଦିନ ହେଲା ସୂର୍ଯ୍ୟଙ୍କ ଦେଖା ନାହିଁ । ବେଳେ ବେଳେ ଘଡ଼ଘଡ଼ିର ଶବ୍ଦରେ କାନ ତାବଦା ହେଇଯାଉଛି । ଜେଜେମା' ସ୍ମରଣରେ ଆସିବାରୁ ଖବରକାଗଜର ଆବୁରୁଜାବୁରୁ ଖବରସବୁ ଆଉ ରୁଚିକର ଲାଗିଲା ନାହିଁ । ଜେଜେମା'କୁ କେନ୍ଦ୍ର କରି ଏମିତି କେତେ କଥା ମନ ତଳେ ଘାଣ୍ଟି ଚକଟି ହେଉଛି । କାଗଜକୁ ମୋଡ଼ିମାଡ଼ି ରଖି ଦେଲି । ଦେଖିଲି ଝିଅ ଆମର ଅନ୍ୟମନସ୍କ ଭାବେ ଅଳ୍ପ ଦୂରରୁ କ'ଣ ଗୋଟିଏ ଗୀତ ଗୁଣୁ ଗୁଣୁ ହେଉଛି ଓ ଚପଲକୁ ଘୋଷାରି ଘୋଷାରି ଗଉଁଆ ଚାଲିରେ ଆମ ଘର ଆଡ଼କୁ ଆସୁଛି । ତା'ର ଘୋଷାରି ହେବା ଶବ୍ଦରେ ମୁଁ ତା' ଆଡ଼କୁ ମୁହଁ ଫେରାଇ ଆଣିଲି । ହାତ ଇସାରା କରି ତାକୁ ପାଖକୁ ଡାକିଲି । ମୋ ଇସାରା ପାଇ ବୁଲି ପଡ଼ି ମୋ ଆଡ଼କୁ ଆସି ଠିଆ ହେଲା । ପାଟିରେ ସେଇ ଗୁଣୁ ଗୁଣୁ ଗୀତ ସରି ନାହିଁ । କହିଲି – ''ଝିଅ ଯିବୁ, ମୋ ପଢ଼ା ଘର ଟେବୁଲ ପାଖରେ ଥିବା କାଚ୍ଛଘଣ୍ଟାକୁ ଆଣିବୁ ।'' ଝିଅ ପେଡ଼ି ଭିତରର ସୁପ୍ତ ସାପକୁ ସାପୁଆ ଚହଲାଇ ଦେଲେ ଯେମିତି ହଠାତ୍ ଫଁକରି ଉଠେ, ସେମିତି ଚଟାପଟ ଧାଇଁଗଲା ପଢ଼ା ଘରକୁ । ସଙ୍ଗେ ସଙ୍ଗେ କାଚ୍ଛଘଣ୍ଟାଟି ଧରି ଖାତା କଲମ ସହ ଆସି ହାଜର ହୋଇଗଲା ମୋ ପାଖରେ ପ୍ରଭୁଭକ୍ତ ଭୃତ୍ୟଟିଏ ପରି । ତାକୁ

କହିଲି – ''ତୁ ବୁଝିଗଲୁ, ମୁଁ କ'ଣ ପାଇଁ କାନ୍ଥଘଣ୍ଟା ଆଣିବାକୁ କହିଲି ଯେ ଖାତା କଲମ ସହିତ ଆସିଯାଇଛୁ ?'' ସିଏ ତେତୋଽଧିକ ଉତ୍ସାହରେ କହି ଉଠିଲା, ''ସମଝଦାର ଆଦ୍‌ମୀ କୋ ଇସାରା କାଫି, ବାପା ! ଆଜି ରବିବାର । ତୁମର ଫୁରୁସତ ଅଛି । ପୁଣି ଗତ ରବିବାର ଦିନ ତୁମେ କାନ୍ଥଘଣ୍ଟା ଅଣାଇ ଏକ ସୁନ୍ଦର ଗଣିତ କଥା କହିଥିଲ । ଏଥର ବି ସେପରି କରିଥିବାରୁ ମୁଁ ବୁଝିଗଲି, ଏଇ ଘଣ୍ଟା ଅଣାଇବାର ଉଦ୍ଦେଶ୍ୟ କ'ଣ ହୋଇପାରେ ।'' ଝିଅ ଉତ୍ତର ଦେଲା । ମୁଁ ପୁଣି ପଚାରିଲି – ''ସେଥର କ'ଣ ପାଇଁ ଘଣ୍ଟା ଅଣାଇଥିଲି ? କି କଥା କହିଥିଲି ? ଯଦି ମନେ ରଖିଛୁ, ଟିକେ କହିଲୁ ?'' ସେ ସେମିତି ଘଣ୍ଟା ଓ ଖାତାକୁ ଝୁଲାଇ ଝୁଲାଇ କହିଲା, ''ହଁ ବାପା, ବୃତ୍ତ କଥା, ବୃତ୍ତରୁ ଚକର ଉତ୍ପତ୍ତି କଥା, ଆଉ ପରେ କିପରି ବିଭିନ୍ନ ଯାନବାହନ ଚଳାଚଳ କଥା – ଏସବୁ କହିଥିଲ । ବହୁତ ସୁନ୍ଦର ଓ ମନକୁ ଆନନ୍ଦିତ କରିଥିଲା ସେଇ କଥା ।'' ସେ ଉତ୍ତର ଦେଲା ।

ମୋର ସେସବୁ ମନେ ନ ଥିଲା । ମାତ୍ର ଝିଅର ଉତ୍ତରରୁ ସେସବୁ ପ୍ରାଞ୍ଜଳ ଭାବେ ମୋର ମନେ ପଡ଼ିଗଲା । ମୁଁ ତା'ଠାରୁ ଘଣ୍ଟାଟି ଆଣି ତାକୁ ମୋ ପାଖରେ ବସିବାକୁ କହିଲି । ସିଏ ବସିଲା । ଘଣ୍ଟାକୁ ଦେଖି ଜାଣିଲି ଯେ ଘଣ୍ଟାଟି ଗତ ରାତିରୁ ବନ୍ଦ ହୋଇଯାଇଛି । ଘଣ୍ଟାରେ ୩ଟା ୪୦ ମିନିଟ ବାଜିଛି । କହିଲି – ''ଆରେ ଘଣ୍ଟାଟି ଗତ ରାତିରୁ ବନ୍ଦ ହୋଇ ଯାଇଛି ।'' ସିଏ ମୋର ଆଦେଶ ଓ ଉଦ୍ଦେଶ୍ୟ ଧରିପାରି ସେହି କଥାରେ ଏପରି ଅନ୍ୟମନସ୍କ ଅଛି ଯେ ଘଣ୍ଟାକୁ ଦେଖି ନାହିଁ କିଂବା ତାହା ବନ୍ଦ ହୋଇଯାଇଛି ବୋଲି ଜାଣି ନାହିଁ । ଏହା ତା'ର ଆଗ୍ରହର ମାପକାଠି । ମୋ ଠାରୁ ଗଣିତ ବା ସଂଖ୍ୟା ବିଷୟ ଜାଣିବାକୁ ସେ କେତେ ବ୍ୟଗ୍ର, କେତେ ଉତ୍ସୁକ, କେତେ ଅସ୍ଥିର । କୃଷ୍ଣଙ୍କ ଠାରୁ ଅର୍ଜୁନ ମଧ୍ୟ କୁରୁ ରଣାଙ୍ଗନରେ ଜୀବନର ସାରତତ୍ତ୍ୱ ଶୁଣିବାକୁ ଏତେ ଉତ୍ସାହୀ ହୋଇ ନ ଥିବେ !

''ଓଃ, ଘଣ୍ଟାଟି ବନ୍ଦ ହୋଇ ଯାଇଛି ୩ଟା ୪୦ ମିନିଟରେ । ମୋର ମନେ ଅଛି, ମୁଁ କାଲି ଠିକ୍ ୯ଟାରେ ଦେଖିଥିଲି, ଘଣ୍ଟା ଚାଲୁଥିଲା । ପଢ଼ାଘରେ ମୋ ଲେଖା ରଖି ରାତ୍ରି ଭୋଜନ ପାଇଁ ପଢ଼ା ଘର ଲାଇଟ୍ ବନ୍ଦ କରିଥିଲି ।'' ମୁଁ କହିଲି, ''ଘଣ୍ଟାର ବ୍ୟାଟେରୀଟା ବଦଳାଇ ଦେଲେ ପୁଣି ଏ ଚାଲିବ ।'' ପରେ ପରେ ସ୍ୱଗତୋକ୍ତି କଲି । ଝିଅ ଶୁଣିପାରି କହିଲା, ''ବାପା ! ବ୍ୟାଟେରୀ ବଦଳେଇ ଦେଲେ ଘଣ୍ଟା ଚାଲିବାର କାରଣ କ'ଣ ?'' ମୁଁ ଉତ୍ତର ଦେଲି – ''ହଁ, ଏଇ ଯେଉଁ ଘଣ୍ଟା ଚାଲୁଛି, ଏଠାରେ ଘଣ୍ଟା କଣ୍ଟା, ମିନିଟ କଣ୍ଟା ଓ ସେକେଣ୍ଡ କଣ୍ଟା ଅନବରତ ଚାଲିବା କାର୍ଯ୍ୟ କରୁଛନ୍ତି । ଆଉ କାର୍ଯ୍ୟ କରିବା ପାଇଁ ଶକ୍ତି ଦରକାର ହୋଇଥାଏ । ତୁ ମେଯିତି ଚାଲିବା, ଖାଇବା, ପଢ଼ିବା, ଦୌଡ଼ିବା କାମ ପାଇଁ ଶକ୍ତି ଆବଶ୍ୟକ କରୁ, ଆଉ ତୁ ସେ ଶକ୍ତି ଖାଦ୍ୟ, ପାନୀୟ, ପବନ ଇତ୍ୟାଦିରୁ ପାଇଥାଉ, ସେହିପରି ।''

''ଆଚ୍ଛା ବାପା, ବ୍ୟାଟେରୀରେ କି ଶକ୍ତି ଅଛି ଯେ ତାହା ଘଣ୍ଟାକୁ ଚାଲିବାରେ ଶକ୍ତି ଯୋଗାଉଛି ?'' ଝିଅ ପୁଣି ଜିଜ୍ଞାସା କଲା । ମୁଁ କହିଲି – ''ବ୍ୟାଟେରୀରେ ବିଭିନ୍ନ ରାସାୟନିକ ପଦାର୍ଥ ରହିଥାଏ । ସେଥିରୁ ବିଦ୍ୟୁତ୍ ଶକ୍ତି ବାହାରେ । ସେଇ ବ୍ୟାଟେରୀ ଘଣ୍ଟାରେ ଲଗାଇଲେ ତହିଁର ଗଚ୍ଛିତ ଶକ୍ତି ଘଣ୍ଟାର ଯନ୍ତ୍ରମାନଙ୍କୁ ଯାନ୍ତ୍ରିକ ଶକ୍ତି ଯୋଗାଏ । ଫଳରେ ଘଣ୍ଟାଟି ଚାଲେ ଓ ସମୟ ସୂଚାଏ । ସେଇ ଗଚ୍ଛିତ ବିଦ୍ୟୁତ୍ ଶକ୍ତି ଶେଷ ହୋଇଗଲେ ଘଣ୍ଟାଟି ଆଉ ଯାନ୍ତ୍ରିକ ଶକ୍ତି ପାଏ ନାହିଁ, ଫଳରେ ଘଣ୍ଟାଟି ଆଉ ଚାଲେ ନାହିଁ । ପୁଣି ଏକ ନୂଆ ବ୍ୟାଟେରୀ ଆଣି ଘଣ୍ଟାରେ ସଂଯୋଗ କଲେ ଘଣ୍ଟାଟି ଚାଲେ ।''

– ''ଓ ହୋ ! ଏମିତି କଥା !''

ଏହାପରେ ମୁଁ ଆଗକୁ ବଢ଼ିଲି – ''ଏଇ ଯେଉଁ ଘଣ୍ଟା କଣ୍ଟା, ମିନିଟ କଣ୍ଟା ଓ ସେକେଣ୍ଡ କଣ୍ଟା ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ସ୍ଥିର ରହି ବୃତ୍ତାକାର ଭାବେ ଘୂରି ଚାଲିଛନ୍ତି । ସୁତରାଂ ଏଇ କଣ୍ଟାମାନେ ତାଙ୍କର ଗତି ଅନୁସାରେ ପରସ୍ପର ମଧ୍ୟରେ କୋଣ ସୃଷ୍ଟି କରିଥା'ନ୍ତି । ଆଉ ଏଇ କୋଣର ଧାରଣା କ'ଣ ଜାଣିଛୁ ?''

ଝିଅ ଉତ୍ତର ଦେଲା – ''ହଁ ବାପା, ଦୁଇଟି ସରଳରେଖାର ଯଦି ଗୋଟିଏ ସାଧାରଣ ଛେଦବିନ୍ଦୁ ଥାଏ, ତେବେ ସେଇ ଛେଦବିନ୍ଦୁରେ ଗୋଟିଏ କୋଣ ସୃଷ୍ଟି ହୁଏ । ଏଇ କୋଣ ମାପର ଏକକ ହେଉଛି ଡିଗ୍ରୀ । ଆଉ ବୃତ୍ତାକାର କ୍ଷେତ୍ରର କେନ୍ଦ୍ରଠାରେ ବୃତ୍ତର ପରିଧି ସର୍ବାଧିକ ୩୬୦ ଡିଗ୍ରୀ କୋଣ ସୃଷ୍ଟି କରେ ।

ଝିଅର ଉତ୍ତର ମୋତେ ଖୁବ୍ ଖୁସି ଦେଲା । ଜାଣିଲି, ଗତଥର ମୁଁ ତାକୁ ଏମିତି ଘଣ୍ଟା ଆଣି ବୃତ୍ତ, କଣ୍ଟାର ଘୂର୍ଣ୍ଣନ ଓ ବୃତ୍ତର ଧାରଣା ଇତ୍ୟାଦି କହିଥିବା ବିଷୟକୁ ସେ ବେଶ୍ ପ୍ରାଞ୍ଜଳଭାବେ ମନେ ରଖିଛି । କହିଲି – ''ଘଣ୍ଟାର କଣ୍ଟାମାନେ ଯେଉଁଠାରେ ଲଟକି ରହି ଚାରିଦିଗକୁ ଘୂରୁଛନ୍ତି, ତାହା ବୃତ୍ତାକାର

କ୍ଷେତ୍ରର କେନ୍ଦ୍ର । ଆମେ ଆମ ଆଲୋଚନାକୁ ଘଣ୍ଟା କଣ୍ଟା ଓ ମିନଟ କଣ୍ଟାକୁ ନେବା, ସେକେଣ୍ଡ କଣ୍ଟାକୁ ନୁହେଁ । କାରଣ ସିଏ ପ୍ରତି ସେକେଣ୍ଡରେ ତା'ର ସ୍ଥାନ ଓ ଅବସ୍ଥାରେ ପରିବର୍ତ୍ତନ କରୁଥାଏ । ଏଣୁ କୋଣର ଧାରଣା କରିବା ବେଳକୁ ତା'ର ସ୍ଥିତି ବଦଳି ଯାଇଥାଏ । ମାତ୍ର ଅନ୍ୟ କଣ୍ଟା ଦ୍ୱୟର ଗତି ଅପେକ୍ଷାକୃତ ଧିମା ହେତୁ, ସେଇ ଦୁଇ କଣ୍ଟାରୁ ତିଆରି କୋଣ କଥା ଆଲୋଚନା କରିବା ।''

ଝିଅ ସୁଧାରଭାବେ ବେଶ୍ ମନୋଯୋଗ ଓ ଆଗ୍ରହରେ ମୋ କଥାକୁ ସମର୍ଥନ କଲା, ମୁଣ୍ଡକୁ ଏଣ୍ଡୁଅ ଭଳି ଟୁଙ୍ଗାରି ଦେଇ ।

ମୁଁ ଆରମ୍ଭ କଲି – ''ଏଇ ଘଣ୍ଟା କଣ୍ଟା ଓ ମିନିଟ କଣ୍ଟା ଯେତେବେଳେ ଏକ ସରଳ ରେଖାରେ ରହନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ କୋଣର ପରିମାଣ କେତେ ହୁଏ, କହିଲୁ ଝିଅ ?''

ଝିଅ ଟିକିଏ ଭାବି ହେଲା । ମୁଁ କେତେବେଳେ ତା' ମୁହଁକୁ ପୁଣି କେତେବେଳେ ଅଚଳ ଘଣ୍ଟାକୁ ଦେଖି ଇତିମଧ୍ୟରେ ଘଣ୍ଟାରେ ୬ଟା ବାଜିଥିବା ଅବସ୍ଥାକୁ ନେଲି । ସେପରି କରିବାରୁ ତାକୁ ଉତ୍ତର ଦେବାକୁ ସହଜ ହେଲା । କହିଲା – ''ବାପା, କଣ୍ଟା ଦୁଇଟି ସିଧାସଳଖ ଏକ ସରଳରେଖାରେ ରହୁଥିବାରୁ ସେମାନଙ୍କ ମଧ୍ୟରେ କୋଣର ପରିମାଣ ୧୮୦°, ଯାହାର ଅନ୍ୟ ନାମ ସରଳ କୋଣ ଅଟେ ।

''ଧନ୍ୟବାଦ, ତୁ ଠିକ୍ କହିଛୁ ।'' ମୁଁ ଉତ୍ସାହିତ କଲି । ସେ ଆନନ୍ଦର ହସଟିଏ ହସିଦେଲା । ''ଏଠାରେ ଲକ୍ଷ୍ୟ କର ୧୨ ରୁ ୬ ପର୍ଯ୍ୟନ୍ତ ଅବସ୍ଥିତିରେ କୋଣର ପରିମାଣ ହୁଏ ୧୮୦° ଓ ୬ ରୁ ୧୨ର ଅବସ୍ଥିତିରେ ପୁଣି ୧୮୦° । ଏମିତି ମୋଟ ୧୮୦° + ୧୮୦° = ୩୬୦° କୋଣ ଉତ୍ପନ୍ନ ହୋଇଥାଏ ।'' ଝିଅ ଏଥର ଅଧିକ ଉତ୍ସାହିତଭାବେ ମୁଣ୍ଡ ଟୁଙ୍ଗାରିଲା ।

ମୁଁ ପଚାରିଲି – ''୧୨ ଘଣ୍ଟାରେ ଯଦି ମଝିବିନ୍ଦୁରେ ୩୬୦° କୋଣ ଉତ୍ପନ୍ନ ହେଲା, ତେବେ ୧ ଘଣ୍ଟାରେ ଘଣ୍ଟା କଣ୍ଟା ଓ ମିନିଟ କଣ୍ଟାର ଅବସ୍ଥିତିରେ ତିଆରି ହେଉଥିବା କୋଣର ପରିମାଣ କେତେ ହେବ ?'' ଝିଅ ପୁଣି ଭାବି ହେଲା । କହିଲା – ''ବାପା, ୧ ଘଣ୍ଟାରେ ୩୦° କୋଣ ସୃଷ୍ଟି ହେବ । ମୁଁ ତାକୁ ଆଉ ଥରେ 'ଧନ୍ୟବାଦ' କହି ଉତ୍ସାହିତ କଲି । ଆଗକୁ କହିଲି, ''ଯେତେବେଳେ ଘଣ୍ଟାରେ ୧୧ଟା କିଂବା ୧ଟା ବାଜିଥାଏ, ସେତେବେଳେ ଏଇ କୋଣର ପରିମାଣ ୩୦° ହୁଏ । ୧୦ଟା ବେଳେ କିଂବା ୨ଟା ବେଳେ ଏଇ କୋଣର ପରିମାଣ ୬୦° ହୁଏ । ପୁଣି ୯ଟା ବେଳେ କିଂବା ୩ଟା ବେଳେ କୋଣଟି ପୁଣି ୩୦° ବଢ଼ି ୯୦° ହୁଏ । ତୁ ଦେଖିଥିବୁ, ଯେତେବେଳେ ୯ଟା କିଂବା ୩ଟା ହୋଇଥାଏ ସେତେବେଳେ ଉଭୟ କଣ୍ଟା ସମକୋଣରେ ରହିଥା'ନ୍ତି ।''

ଝିଅ ଆଗ୍ରହରେ ଉତ୍ତର ଦେଲା, ''ହଁ ବାବା ! ଏହା ମୁଁ ଠିକ୍ ଲକ୍ଷ୍ୟ କରିଛି ।''

ଅଚଳ ଘଣ୍ଟା ହେତୁ ଝିଅର ବୁଝିବା ମାର୍ଗଟି ସରଳ ଓ ସହଜ ହେବା ପାଇଁ ମୁଁ ଉଭୟ କଣ୍ଟାକୁ ଘୂରାଇ ତଦନୁସାରେ ତାକୁ ପ୍ରଶ୍ନ ପଚାରୁଥିଲି ଓ ଉତ୍ତର ପାଉଥିଲି ।

''ଆଚ୍ଛା ଏବେ ଏକ ସହଜ ପ୍ରଶ୍ନ । ୧୧ଟା ବେଳେ ଉଭୟ କଣ୍ଟା ମଧ୍ୟରେ ୩୦° କୋଣ ସୃଷ୍ଟି ହୁଏ । ୧୦.୫୫ ରୁ ୧୧ଟା ମଧ୍ୟରେ ମିନିଟ କଣ୍ଟା ୫ ମିନିଟର ବାଟ ଅତିକ୍ରମ କରେ । ତୁ ଏଥର କହି ପାରିବୁ ମିନିଟ କଣ୍ଟାଟି ଘଣ୍ଟା କଣ୍ଟା ସହ ପ୍ରତି ମିନିଟରେ କେତେ ଡିଗ୍ରୀ କୋଣ ଅଙ୍କନ କରିଥାଏ ?'' – ମୁଁ ତାକୁ ଏଇ ସହଜ ପ୍ରଶ୍ନଟି ପଚାରିଲି ।

ସେ ପୁଣି ହିସାବ କଲା । କହିଲା – ''ହଁ ବାପା, ୩୦° ÷ ୫ = ୬° କୋଣ ଅଙ୍କନ କରିଥାଏ ।'' ମୁଁ ପୁଣି ଥରେ ତାକୁ 'ଧନ୍ୟବାଦ' ଦେଇ ଉତ୍ସାହିତ କଲି । ପୁଣି ପ୍ରଶ୍ନ କଲି – ''ଯେତେବେଳେ ଠିକ୍ ୧୨ଟା ହୋଇଥାଏ, ସେତେବେଳେ ଉଭୟ କଣ୍ଟା ମଧ୍ୟରେ କୋଣର ପରିମାଣ କେତେ ହୁଏ ?''

ସେ ନୀରବ ରହିଲା । କ'ଣ କିଛି ହିସାବ କଲା ପରି ଚିନ୍ତା କଲା । ମୁଁ ଘଣ୍ଟାର ଉଭୟ କଣ୍ଟାକୁ ୧୨ଟା ବାଜିବା ଅବସ୍ଥାକୁ ନେଇ ଆସିଲି । ଝିଅ ମନଧ୍ୟାନ ଦେଇ ନିରେଖୁ ଥାଏ । କ'ଣ ସବୁ ଅସ୍ପଷ୍ଟ ଶବ୍ଦ କରି ଗୁଣୁ ଗୁଣୁ ବି ହେଉଥାଏ । ଜାଣିଲି, ଝିଅ କହିପାରୁ ନାହିଁ । କହିଲି – ''ଯେତେବେଳେ ଠିକ୍ ୧୨ଟା ବାଜିଥାଏ, ସେତେବେଳେ କୋଣ ସୃଷ୍ଟି ହୁଏ ନାହିଁ । ଏହାକୁ ଆମେ ଗାଣିତିକ ଭାଷାରେ 0° କହିବା । ଏଇ ଅବସ୍ଥାରେ ସମୟକୁ ମଧ୍ୟ Zero Hour କୁହାଯାଏ । ଯେତେବେଳେ ମିନିଟ କଣ୍ଟା ଆଗକୁ ଆଗକୁ ଗତି କରେ ଏଇ 0° ରୁ ଆରମ୍ଭ କୋଣ ବଢ଼ି ବଢ଼ି ଯାଏ ... ୧,୨,୩, ... ୬ ଥିବା ପଟରେ ୧୮୦° କୋଣ ହେବା ପର୍ଯ୍ୟନ୍ତ । ପୁଣି କମି କମି ଆସେ ... (୭, ୮,୯, ... ୧୨) ଥିବା ପଟରେ ୧୨ ସ୍ଥାନକୁ ପହଞ୍ଚିବା

ପର୍ଯ୍ୟନ୍ତ । ଏଣୁ ଆମେ କହିବା, ପ୍ରତି ଘଣ୍ଟାଏରେ ମିନିଟ କଣ୍ଟା ଗୋଟିଏ ଘେରା ବୁଲି ଆସିବା ଦ୍ୱାରା ସମୟ ହୁଏ ୧ ଘଣ୍ଟା ଓ କୋଣର ପରିମାଣ ହୁଏ ଏପଟରେ ୧୮୦° ଓ ଅନ୍ୟ ପଟରେ ୧୮୦° । ଝିଅ ପୁଣି ଥରେ ମୁଣ୍ଡ ଟୁଙ୍ଗାରି ହଁର ଇସାରା କଲା ।

ମୁଁ ପୁଣି ଆଲୋଚନାର ଖିଅ ଧରିଲି – ''ଏ ତ ଗଲା କୋଣର କଥା । ଏଥର ମିନିଟ କଣ୍ଟା ଓ ଘଣ୍ଟା କଣ୍ଟାର ଆଉ ଏକ କଥା ଶୁଣ । ପ୍ରତି ୧ ଘଣ୍ଟାରେ ଘଣ୍ଟା କଣ୍ଟା ୧୨ରୁ ଆରମ୍ଭ କରି ୧,୨,୩,୪,୫,୬ – ଏଇ ପରି ୬ରେ ପହଞ୍ଚିବାକୁ ୬ଘଣ୍ଟା ଲାଗେ ସିନା, ଏଇ କଣ୍ଟା ୧୨ରୁ ୬ ପର୍ଯ୍ୟନ୍ତ ନିମ୍ନମୁଖୀ ଗତି କରେ । ପୁଣି ୬ରୁ ଊର୍ଦ୍ଧ୍ୱମୁଖୀ ଗତି କରେ ଓ ୧୨ରେ ପହଞ୍ଚେ । ଏଣୁ ଏ ପ୍ରକ୍ରିୟା ଅନବରତ ଚାଲୁ ରହି ସମୟର ମାପକୁ ଗତିଶୀଳ କରାଇଥାଏ । ଏଇ ନିମ୍ନମୁଖୀ ହେବାକୁ ଆମେ କଣ୍ଟାର ହ୍ରାସଗତି ଓ ଊର୍ଦ୍ଧ୍ୱମୁଖୀ ହେବାକୁ ବୃଦ୍ଧିଗତି କହିବା; ଯଦିଓ ସମୟ ମାପ ଉଭୟ ଅବସ୍ଥାରେ ସମାନ । ଠିକ୍ ସୂର୍ଯ୍ୟ ଉଦୟ ହେଲେ ଯେମିତି ଧୀରେ ଧୀରେ ତା'ର ଊର୍ଦ୍ଧ୍ୱଗତି ହେବା ସହ ତେଜରେ ବୃଦ୍ଧି ହୁଏ ଓ ଠିକ୍ ମଧ୍ୟାହ୍ନ ବେଳେ ଏହା ପ୍ରଖରତର ହୁଏ । ପୁଣି ଅପରାହ୍ଣ ଆଡ଼କୁ ଢଳିଲେ ଧୀରେ ଧୀରେ ତେଜରେ କମିବା ଆରମ୍ଭ କରେ ଓ ସୂର୍ଯ୍ୟାସ୍ତ ହୁଏ । ଏଇ ହ୍ରାସ-ବୃଦ୍ଧି ହେବା ଏକ ଚିରାଚରିତ ନିୟମ । ଚନ୍ଦ୍ରକଳାରେ ମଧ୍ୟ ଏଇ ନୀତିରେ ହ୍ରାସ ବା ବୃଦ୍ଧି ହେବା କଥା ତୁ ଜାଣିଛୁ । ନଜାଣି ଥିଲେ କହ, ବୁଝାଇବି ?'' – ମୁଁ କହିଲି ।

ଝିଅ କହିଲା, ''ହଁ, ଆମ ସାର୍ ଥରେ କ୍ଲାସରେ ବୁଝାଇଥିଲେ । ମୋର ମନେ ଅଛି । ଖାଲି ଟିକେ ମନେ ପକାଇ ଦେବ ।''

ମୁଁ କହିଲି – ''ସୂର୍ଯ୍ୟର କିରଣ ପାଇ ଚନ୍ଦ୍ର ଆଲୋକିତ ହୋଇଥାଏ । ପୂର୍ଣ୍ଣମୀ ତିଥିରେ ଏହା ଗୋଲଗାଲ ହୋଇ ପୂର୍ବ ଦିଗରୁ ବାହାରେ । ତା' ପରଦିନଠୁ ଏହାର ଆକୃତିରେ ହ୍ରାସ ଘଟେ । ଏମିତି ହ୍ରାସ ହୋଇ ହୋଇ ଅମାବାସ୍ୟା ତିଥିରେ ଏହା ଆଦୌ ଦେଖାଯାଏ ନାହିଁ । ପୁଣି ଅମାବାସ୍ୟାଠାରୁ ପୂର୍ଣ୍ଣିମା ଯାଏ ଏହାର ଆକୃତିରେ ବୃଦ୍ଧି ଘଟେ ଏବଂ ପୂର୍ଣ୍ଣମୀ ଦିନ ପୂର୍ଣ୍ଣଚନ୍ଦ୍ର ଦେଖାଯାଏ । ସୌରମଣ୍ଡଳରେ ଏଇ ଚନ୍ଦ୍ରର ଗତି ସେଇ ଅନୁସାରେ ବିଭିନ୍ନ ତିଥିରେ ନିୟନ୍ତ୍ରିତ ହୋଇଥାଏ । ବୁଝିଲୁ ?''

''ହଁ, ବାପା ! ଠିକ୍ କଥା ।'' – ଝିଅ ପୁଣି ଉତ୍ସାହରେ ଦୋହରାଇଲା । ଏଇ ଚନ୍ଦ୍ରକଳାର ହ୍ରାସ ବୃଦ୍ଧି, ଦିନରାତି ଅଥବା ଛାଇ ଆଲୁଅର ଲୁଚକାଳି ଖେଳ ପରି ହୋଇଥାଏ । ଏଇ ହ୍ରାସବୃଦ୍ଧିର ଲୁଚକାଳି ଖେଳରୁ ସୁନ୍ଦର ସାହିତ୍ୟ-ସାଧନା, ଜୀବନ-ଦର୍ଶନ ଓ ମାନବିକ ମୂଲ୍ୟବୋଧକୁ ବିଭିନ୍ନ ଲେଖା ମାଧ୍ୟମରେ ସାହିତ୍ୟିକ, କବି, ବାଗ୍ମୀ ଅଥବା ପ୍ରବଚକମାନଙ୍କୁ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଭାବିତ କରି ମହାନ୍ କରିଥାଏ ।

ଝିଅ ନୀରବ ଥିଲା । ଅନେକ ବେଳ ପରେ ପ୍ରଶ୍ନ କଲା – ''ବାପା, ଏଇ ସମୟର ମାପକୁ ୧ରୁ ୧୨ ମଧ୍ୟରେ କାହିଁକି ରଖାଯାଇଛି ? ଏହାଠାରୁ କମ୍ ଅଙ୍କ କିଂବା ବେଶୀ ଅଙ୍କ ମଧ୍ୟ ବ୍ୟବହାର କରାଯାଇ ପାରିଥା'ନ୍ତା ?''

ମୁଁ ହଠାତ୍ ଉତ୍ତର ଦେଲି – ''ବଢ଼ିଆ ପ୍ରଶ୍ନଟିଏ ପଚାରିଲୁ, ଝିଅ । ଏଇ ୧ରୁ ୧୨ ପର୍ଯ୍ୟନ୍ତ ଅଙ୍କ ବ୍ୟବହାରର କିଛି ଗଭୀର ଓ ମାର୍ମିକ ଉଦ୍ଦେଶ୍ୟ ରହିଛି ନିଶ୍ଚୟ । ଜ୍ୟୋତିଷ ଶାସ୍ତ୍ର ବା ଗ୍ରହ ନକ୍ଷତ୍ର ଚଳନ ବିଦ୍ୟା ଅଥବା ମହାଜାଗତିକ ବିଦ୍ୟା ଦୃଷ୍ଟିରୁ ଏହାର ଉଦ୍ଦେଶ୍ୟ ହୁଏତ ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇ ଥାଇପାରେ, ମୁଁ ସେ ବିଷୟ ଜାଣି ନାହିଁ କିଂବା ସେଇ କିଟିମିଟିଆ ଭିତରକୁ ଆମେ ଯିବା ନାହିଁ । ମାତ୍ର ଆମେ ଗାଣିତିକ ଦୃଷ୍ଟିରୁ ସଂଖ୍ୟା ବା ଅଙ୍କର ମହତ୍ତ୍ୱ ଓ କୌତୁକକୁ ଆମ ପାଠରେ ଆଲୋଚନା କରୁଛୁ । ତେବେ ସାଂଖ୍ୟିକ ମହତ୍ତ୍ୱ ଓ ଉପାଦେୟତାକୁ ଆମେ ଏଠାରେ ଆଲୋଚନା କରିବା ।'' ମୁଁ ସାମାନ୍ୟ ଅପ୍ରତିଭ ହୋଇ ଉତ୍ତର ଦେଲି ।

''ହଁ, ବାପା ! କେବଳ ଅଙ୍କର କୌତୁକ ଗୁଣର ଉପାଦେୟତାକୁ ନେଇ ଆଲୋଚନା ଚାଲୁ ।'' – ସେ ମୋ ସହ ରାଜି ହେଲା ।

ମୁଁ କହିଲି – ''ଶୁଣ, ୧ରୁ ୬ ମଧ୍ୟରେ ୬ଟି ସଂଖ୍ୟା ରହିଛି । ପୁଣି ୬ ସଂଖ୍ୟାଟି ୧,୨,୩ ଓ ୬ ଦ୍ୱାରା ବିଭାଜ୍ୟ । ଏହା ପରେ ଅଙ୍କ ୧୨ ହେଉଛି ୧,୨,୩,୪,୬ ଓ ୧୨ ଦ୍ୱାରା ବିଭାଜ୍ୟ । ଏଣୁ ୧୨ ହେଉଛି ସଂଖ୍ୟା ଜଗତର ସବୁଠାରୁ ସାନ ସଂଖ୍ୟା ଯାହାର ୬ଟି ଭାଜକ ରହିଛି । ଏବଂ ସମୟର ମାପ ପାଇଁ ସଂଖ୍ୟାରେ ୧୨ ପର୍ଯ୍ୟନ୍ତ ଅଙ୍କ ନିଆଯାଇଛି ।''

''୬ଟି ସଂଖ୍ୟା ଦ୍ୱାରା ବିଭାଜ୍ୟ ହେଉଥିବାରୁ ଆମର କି ସୁବିଧା ବା ଉପକାର ହୋଇଥାଏ, ବାପା ?'' – ଝିଅର ପୁଣି ଅଛିଣ୍ଡା ପ୍ରଶ୍ନ ।

ମୁଁ ବୁଝାଇଲି – ''ଧର, ତୋ' ପାଖରେ ୧୧ଟା ଚକୋଲେଟ ଅଛି । ତୁ ତାକୁ ସମାନ ଭାବରେ ତୋ'ର ସାଙ୍ଗ ପିଲାଙ୍କୁ ବାଣ୍ଟିବାକୁ ଚାହୁଁଛୁ । ତୁ କିପରି ବାଣ୍ଟିବୁ କହିଲୁ ? –

ଝିଅ ନୀରବ ରହିଲା । ଭାବିହେଲା – ''୧୧ଟା ଚକୋଲେଟକୁ ସମାନ ଭାବରେ କିପରି ବଣ୍ଟାଯାଇ ପାରିବ ?'' ଉତ୍ତର ପାଇଲାନି । କିଛି ସମୟ ପରେ ମୁଁ କହିଲି – ''୧୧ଟା ଚକୋଲେଟକୁ ୩ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯାଇ ପାରିବ କି ?'' ଝିଅ କହିଲା – 'ନା' । ମୁଁ କହିଲି – ''୪ ଜଣଙ୍କ ମଧ୍ୟରେ, ୫ ଜଣଙ୍କ ମଧ୍ୟରେ, ୬ ଜଣଙ୍କ ମଧ୍ୟରେ, ଏମିତିକି ୧୦ ଜଣଙ୍କ ମଧ୍ୟରେ ?'' ସବୁଥର ଝିଅ ସେଇ 'ନା'ହିଁ କହିଲା । ତେବେ କେତେ ଜଣଙ୍କ ମଧ୍ୟରେ ବଣ୍ଟାଯାଇ ପାରିବ ନା ଆଦୌ ବଣ୍ଟା ଯାଇପାରିବ ନାହିଁ ? ଝିଅ ତଥାପି ନୀରବ, ନିରୁତ୍ତର ରହିଲା । ମୁଁ କହିଲି – ''୧୧ଟି ଚକୋଲେଟକୁ ତୁ ହୁଏତ ଜଣକୁ ବାଣ୍ଟି ପାରିବୁ କିଂବା ୧୧ ଜଣଙ୍କୁ ସମାନ ଭାବରେ ବାଣ୍ଟି ପାରିବୁ । କାରଣ ୧୧ ସଂଖ୍ୟାଟି ଏକ ମୌଳିକ ସଂଖ୍ୟା ଓ ଏହା କେବଳ ୧ ଓ ୧୧ ଦ୍ୱାରା ବିଭାଜ୍ୟ, ଅନ୍ୟ ସଂଖ୍ୟା ଦ୍ୱାରା ନୁହେଁ । ମାତ୍ର ଧରିନେ ତୋ' ପାଖରେ ୧୨ଟି ଚକୋଲେଟ ଅଛି । ତୁ ତାହାକୁ ଜଣକୁ ୧୨ଟା କିଂବା ୨ ଜଣକୁ ୬ଟା ଲେଖାଏଁ, ୩ ଜଣକୁ ୪ଟା ଲେଖାଏଁ, ୪ ଜଣଙ୍କୁ ୩ଟା ଲେଖାଏଁ କିଂବା ୬ ଜଣଙ୍କୁ ୨ଟା ଲେଖାଏ କିଂବା ୧୨ ଜଣଙ୍କୁ ଗୋଟିଏ ଲେଖାଏଁ ଚକୋଲେଟ ଦେଇ ପାରିବୁ । ୧୧ଟି ଚକୋଲେଟକୁ ତୁ ମାତ୍ର ୨ଟି ଉପାୟରେ ବାଣ୍ଟି ପାରୁଥିଲାବେଳେ ୧୨ଟି ଚକୋଲେଟକୁ ତୁ ୬ଟି ପ୍ରକାରରେ ବାଣ୍ଟି ପାରିବାର ସୁଯୋଗ ପାଉଛୁ । ତେଣୁ ତୋତେ କେଉଁ ସଂଖ୍ୟକ ଚକୋଲେଟ ରଖିବା ସହଜ ଲାଗୁଛି ?'' ଝିଅ କହିଲା – ''୧୨ ସଂଖ୍ୟାର ୬ଟି ଉପାୟ ରହୁଥିବା ବେଳେ, ୧୧ର ୨ଟି ଉପାୟ ରହିଛି । ତେଣୁ ୧୨ର ବ୍ୟାବହାରିକ ମୂଲ୍ୟ ଅଧିକ ହେବ ।''

ମୁଁ ପୁଣି କହିଲି – ''ଆମ ଆଲୋଚନା ବ୍ୟତୀତ ଅନ୍ୟାନ୍ୟ ଗ୍ରନ୍ଥ, ଶାସ୍ତ୍ର ବା ପୌରାଣିକ ଭିତ୍ତିରେ ୧୨ ପର୍ଯ୍ୟନ୍ତ ସଂଖ୍ୟା ନେଇ ସମୟକୁ ଭାଗ କରାଯାଇଛି, ତାହା ଲିପିବଦ୍ଧ ହୋଇ ଥାଇପାରେ । ସେ କଥା ଶାସ୍ତ୍ର ବିଶେଷଜ୍ଞମାନେ କହିପାରିବେ । ମାତ୍ର ଏଇ ଉତ୍ତମ ସୁବିଧା ହେତୁ ସମୟକୁ ୧ ବର୍ଷକୁ ୧୨ ମାସ ଓ ୬ ଋତୁ, ଦିନକୁ ୨୪ ଘଣ୍ଟା, ୧ ଘଣ୍ଟାକୁ ୬୦ ମିନିଟ, ୧ ମିନିଟକୁ ୬୦ ସେକେଣ୍ଡ ଏବଂ ସର୍ବୋପରି ୧୮୦° ଓ ୩୬୦°ର ହିସାବରେ ନିଆଯାଇଛି । ଆଉ ଲକ୍ଷ୍ୟ କର ଏଇ ସମସ୍ତ ଏକକ ସଂଖ୍ୟା ସବୁ ୧୨ ଦ୍ୱାରା ବିଭାଜ୍ୟ ହୋଇଛି । ତେଣୁ ସମୟ ମାପକୁ ଘଣ୍ଟାରେ ୧ ରୁ ୧୨ ପର୍ଯ୍ୟନ୍ତ ନିଆଯାଇଛି ।''

''ବେଶ୍ ଭଲ କଥା, ବାପା । ସମୟ ମାପର ଏଭଳି ବ୍ୟବସ୍ଥା ଓ ତା'ର ବୁଝାଇବାର କୌଶଳ ମୋତେ ଆଜି ବହୁତ ଭଲ ଲାଗିଛି । କେତୋଟି ନୂଆ କଥା ମଧ୍ୟ ଜାଣିବାର ସୁଯୋଗ ପାଇଲି ।'' ଝିଅ ଟିପ୍ପଣୀ ଦେଲା ।

ମୁଁ ଆହୁରି କହିଲି – ''ଝିଅ, ଏଇ ସମୟକୁ ନେଇ ଜ୍ଞାନୀ, ଦାର୍ଶନିକ ଓ ମନୀଷୀ ତଥା ବୁଦ୍ଧିଜୀବୀମାନେ ଅତି ମୂଲ୍ୟବାନ୍ ଓ ସ୍ମରଣୀୟ ବକ୍ତବ୍ୟ ରଖିଥା'ନ୍ତି । ସେଥିରୁ କେତୋଟି ହେଲା – ୧. ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରେ ନାହିଁ । ୨. ସମୟ ବଡ଼ ବଳବାନ୍ । ୩. ଯାହା ବର୍ତ୍ତମାନ ଅଛି କେଇ ମୁହୂର୍ତ୍ତ ପରେ ତାହା ଅତୀତ ହୋଇଯାଏ । ପୁଣି କେହି କେହି ବିଳାପ କରନ୍ତି : ହେ ସମୟ ! ମୋତେ ଫେରାଇ ଦିଅ ମୋର ସେଇ ପିଲାଦିନ ! ଏଇପରି କିଛି ।''

''ମାତ୍ର ମନରେ ସର୍ବଦା ସକାରାତ୍ମକ ଭାବଧାରା ରଖି ନକାରାତ୍ମକତାକୁ ହଟାଇବା ପାଇଁ ଏକ ମୂଲ୍ୟବାନ୍ କଥା କୁହାଯାଇଥାଏ । ଆଉ ସେଇଟା କ'ଣ ଜାଣିଛୁ ?'' ମୁଁ ଝିଅ ଆଡ଼କୁ ଚାହିଁଲି ପ୍ରଶ୍ନସୂଚକ ଭଙ୍ଗିରେ । ସେ ଚଟାପଟ ମୋତେ ପ୍ରତିପ୍ରଶ୍ନ କଲା, ''ସେଇଟା କ'ଣ, ବାପା ?''

ମୁଁ ଉତ୍ତର ଦେଲି – ''ଏଇ ଅଚଳ ଘଣ୍ଟା ।''

ସେ ଆଶ୍ଚର୍ଯ୍ୟଭରା ଆଖିରେ କହିଲା – ''କିପରି ?''

''ଦେଖ, ଏଇ ଅଚଳ ଘଣ୍ଟା ୧୨ଟା ୧୦ ମିନିଟରେ ବନ୍ଦ ଅଛି । ଏହା ଠିକ୍ କଥା । ମାତ୍ର ୨୪ ଘଣ୍ଟା ମଧ୍ୟରେ ବି ଏହା ଅଚଳ ହୋଇ ଦୁଇ ଥର ଠିକ୍ ସମୟ ବତାଇଥାଏ । ଅର୍ଥାତ୍, ଯେତେବେଳେ ସତରେ ଠିକ୍ ସମୟ ୧୨ଟା ୧୦ ହୋଇଥାଏ, ଏଇ ଅଚଳ ଘଣ୍ଟା ମଧ୍ୟ ସେଇ ୧୨ଟା ୧୦ ମିନିଟ ସମୟ ବତାଏ । ଏହା ଠିକ୍ କଥା କି ନୁହେଁ ?''

''ହଁ, ଠିକ୍ କଥା, ବାପା ! ଆମେ ସବୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ସକାରାତ୍ମକ ମତପୋଷଣ କରିବା, ଏଇ ଅଚଳ ଘଣ୍ଟା ଠିକ୍ ସମୟ ବତାଇବା ପରି । ଏଥିରୁ ଏହି ଶିକ୍ଷା ମିଳୁଛି ।''

ସିଏ ପୁଣି ଅନ୍ୟ କାମରେ ବାହାରିଯିବାକୁ ଉଦ୍ୟତ ହେଲା । ଏହା ଦେଖି ମୁଁ କହିଲି, ''ଚାଲ, ଏଥର ଉଠିବା, – ଝିଅ, ଅନେକ ବେଳ ହେଲାଣି !''

ସିଏ ଖାତା କଲମ ଧରି ଉଠିଲା । ମୁଁ ଅନ୍ୟ କାମରେ ଯିବାକୁ ବାହାରିଲି ।

❑❑❑

ଚେତନାର ଦିଗ୍‌ବଳୟ :

ଜୀବନ-ଯୁଦ୍ଧର ମହାବିଦ୍ୟାଳୟ

ସ୍ଥାନ : କେରଳର କୋଚି ସହର । କାଳ : ୨୦୧୬ ମସିହା, ଜୁନ୍ ମାସ ଶେଷ ସପ୍ତାହ । ପାତ୍ର : ମାମୁଲି ପୋଷାକ ପରିହିତ ଜଣେ ତରୁଣ । କାନ୍ଧରୁ ଓହଳି ରହିଛି ଏକ ସାଧାରଣ କନା ଥଳି ।

ତରୁଣ ଜଣକ ସଙ୍କୋଚ ସହକାରେ ଗୋଟାଏ ଲୁଗା ଦୋକାନ ଆଗରେ ଠିଆ ହୋଇ ପ୍ରବେଶ ଦ୍ୱାରରେ ଉପବିଷ୍ଟ ଭଦ୍ରଲୋକଙ୍କୁ ନମସ୍କାର କଲେ । ଭଦ୍ରଲୋକ ଅଭିଜ୍ଞ । ତରୁଣ ଉପରେ ଆଖି ବୁଲେଇ ନେଇ ବୁଝିଲେ, ସେ କ୍ରେତା ନୁହେଁ । ''କ'ଣ ଦରକାର, ବାବୁ ?'' ସେ ପଚାରିଲେ ।

''ଆଜ୍ଞା, ମୋତେ ଆପଣଙ୍କ ସେବା କରିବାର ସୁଯୋଗ ଦିଅନ୍ତୁ । ପଇସାପତ୍ରର ହିସାବ ରଖିବା କାମ ହେଉ, କାଉଣ୍ଟରରେ ରହି ବିକ୍ରିବଟା କରିବା କାମ ହେଉ, ମୋତେ ଖାଲି ଦେଖାଇ ଦେଲେ ମୁଁ ନିଷ୍ଠା ସହକାରେ ମୋ ଦାୟିତ୍ୱ ପାଳନ କରିବି ।'' ତରୁଣ କହିଲେ ।

ଦୋକାନଦାର ଭଦ୍ରଲୋକଙ୍କ ମୁହଁ କଠିନ ଦେଖାଗଲା । ''ଆମର ସେମିତି କୌଣସି ସେବା ଦରକାର ନାହିଁ ।''

''ଆଜ୍ଞା, ମୁଁ ଅଧିକ ଦରମା ଚହେଁନା । ଖାଲି ଦୁଇଓଳି ଖାଇବା ଓ କୌଣସିଠିଁ ରାତିରେ ବିଶ୍ରାମ ନେବା ପାଇଁ ଯେତିକି ଦରକାର !'' ତରୁଣ ନମ୍ରଭାବରେ କହିଲେ ।

କିନ୍ତୁ ଦୋକାନଦାର ତାଙ୍କ ଦୋକାନରେ ସଦ୍ୟ ପଶିଥିବା କ୍ରେତାମାନଙ୍କୁ ନେଇ ବ୍ୟସ୍ତ ରହିଲେ । ଘଣ୍ଟାକ ପରେ ତରୁଣ ଉପରେ ଆଖି ପଡ଼ିବାରୁ ବିନା ବାକ୍ୟରେ ବିରକ୍ତି-ସୂଚକ ଭଙ୍ଗିରେ ହାତ ହଲାଇ ତାକୁ ଦ୍ୱାରଦେଶରୁ ତୁରନ୍ତ ହଟି ଯିବାକୁ ନିର୍ଦ୍ଦେଶ ଦେଲେ ।

ତରୁଣଟି ଯାଇ ପାଖ ପାର୍କରେ ଗୋଟାଏ ଗଛତଳେ ବସି ପଡ଼ି ଥଳିରୁ ବୋତଲ ବାହାର କରି ପାଣି ପିଇଲା । ଗତ ପାଞ୍ଚଦିନ ଧରି ଏ ଲୁଗା ଦୋକାନକୁ ମିଶାଇ ସେ ଷାଠିଏଟି ପ୍ରତିଷ୍ଠାନର ଦ୍ୱାରସ୍ଥ ହୋଇଛି ଏବଂ ପ୍ରତ୍ୟାଖ୍ୟାତ ହୋଇଛି ।

ଷଷ୍ଠ ଦିବସରେ ତାକୁ ଗୋଟାଏ ପାଉଁରୁଟି ଓ କେକ୍ ନିର୍ମାତାଙ୍କ ଦୋକାନରେ ଚାକିରି ମିଳିଲା । ତେବେ ସେଠାରେ ସପ୍ତାହଟିଏ କାମ କରି କୌଣସି ଅଜ୍ଞାତ କାରଣରୁ ଇସ୍ତଫା ଦେଇ ସେ ଗୋଟାଏ ଜୋତା ଦୋକାନରେ ଚାକିରି ନେଲା । ଆଉ ସପ୍ତାହକ ପରେ ସେ କାମ ନେଲା ଗୋଟାଏ କଲ୍ ସେଣ୍ଟର୍‌ରେ । ତା'ର ପରବର୍ତ୍ତୀ କର୍ମସ୍ଥଳୀ ହେଲା ମାକ୍‌ଡୋନାଲ୍‌ଡ୍ କମ୍ପାନୀର ରେସ୍ତୋରାଁ ।

ସେଠାରେ ଖାଇ ବସିଥିବା ଜଣେ ଭଦ୍ରଲୋକ ତରୁଣଟି ଆଡ଼େ ନିର୍ନିମେଷ ନୟନରେ ଅନାଇ ରହିଥା'ନ୍ତି । ''ତୁମେ ଗୁଜୁରାଟୀ ?'' କିଛି ସମୟ ପରେ ଯୁବକଟି ତାଙ୍କ ପାଖକୁ ଆସି ତାଙ୍କ ଟେବୁଲ ସଫା କରିବାବେଳେ ସେ ପଚାରିଲେ ।

''ହଁ ।''

''ତୁମ ଘର ସୁରତ ?''

ତରୁଣ ଚମକିପଡ଼ି ଉତ୍ତର ଦେଲା, ''ସୁରତରେ ଥିଲି, ମୁମ୍ବାଇରେ ମଧ୍ୟ ...'' କିନ୍ତୁ ଯଥାଶୀଘ୍ର ସେ ଭଦ୍ରଲୋକଙ୍କ ପାଖରୁ ଅପସରି ଗଲା ।

ଭଦ୍ରଲୋକଙ୍କ ନାମ କେ. ଶ୍ରୀଜିତ୍; ଏକ ଅର୍ଥ-ଯୋଗାଣ ସଂସ୍ଥାର ମାଲିକ । ସେ କିନ୍ତୁ ତରୁଣ ପାଖକୁ ଯାଇ କହିଲେ, ''ତୁମେ ମୋ ସଂସ୍ଥାରେ ଚାକିରି କରିବ ?''

''ହଁ, ଅଧିକ ସୁବିଧା ପାଇଲେ କରିବି ।'' ତରୁଣ କହିଲା । ଭଦ୍ରଲୋକ ତରୁଣଟିକୁ ତାଙ୍କ ନାମଧାମ କାର୍ଡ଼ ଦେଇ ତାକୁ ପରେ ଫୋନ୍ କରିବାକୁ ନିର୍ଦ୍ଦେଶ ଦେଇ ଚାଲିଗଲେ ।

ନିଜ ଅଫିସରେ ଯାଇ ସେ ତାଙ୍କ ଅଂଶୀଦାର ଓ ଅନ୍ୟ ଜଣେ ଦୁଇଜଣଙ୍କୁ କହିଲେ କି ସେ ଜଳଖିଆ ଦୋକାନରେ ଏମିତି ଜଣେ ତରୁଣକୁ ଭେଟିଲେ, ମନେହେଲା ସେ ଖୁବ୍ ବୁଦ୍ଧିମାନ୍ ଓ ମାର୍ଜିତ । ଅବଶ୍ୟ ସେ ବିଶେଷ ପାଠଶାଠ ପଢ଼ି ନାହିଁ । ତେବେ ତାକୁ ଅଫିସରେ ରଖିଲେ ଭଲ ହୁଅନ୍ତା ପରା !

''ଖବରଦାର ! ସେମିତି ବୁଦ୍ଧିମାନ୍ ଅଜ୍ଞାତ କୁଳଶୀଳକୁ ପ୍ରତିଷ୍ଠାନରେ ପୂରାଇବା ବିପଜ୍ଜନକ ।'' ଶୁଭେଚ୍ଛୁମାନେ ପରାମର୍ଶ ଦେଲେ ।

ସନ୍ଧ୍ୟାବେଳେ ତରୁଣଟି ଫୋନ୍ କରନ୍ତେ ସେ ତାକୁ କହିଲେ, ''ଦୁଃଖିତ । କାମ ନାହିଁ । ତେବେ ତୁମକୁ ଯେତେବେଳେ ମୁଁ ନିଜ ତରଫରୁ ଚାକିରି ଦେବି ବୋଲି କହିଥଲି, ତୁମେ ମୋତେ ଦେଖା କଲେ ତୁମକୁ କିଛି ଆର୍ଥିକ ସାହାଯ୍ୟ ଦେବି ।''

''ଧନ୍ୟବାଦ !'' ତରୁଣ କହିଲା ।

ଏହାର ସପ୍ତାହକ ପରେ ସୁରତର ପ୍ରଖ୍ୟାତ ହୀରା

ବ୍ୟବସାୟୀ ଶିବ୍‌ଜି ଧୋଲାକିଆଙ୍କ 'ହରେକୃଷ୍ଣ ହୀରା ରପ୍ତାନି' ସଂସ୍ଥାରୁ ଶ୍ରୀଜିତ୍‌ଙ୍କ ପାଖକୁ ଫୋନ୍ ଆସିଲା । ସଂସ୍ଥାର ପ୍ରଧାନ ବ୍ୟବସ୍ଥାପକ କହୁଥା'ନ୍ତି, ''ଟିକିଏ ଅପେକ୍ଷା କରନ୍ତୁ । ଆମ ଖାଉନ୍ଦ ଆପଣଙ୍କ ସହ କଥା ହେବେ ।''

ଖାଉନ୍ଦ, ଅର୍ଥାତ୍ ପୃଥିବୀର ସତୁରିରୁ ଅଧିକ ଦେଶକୁ ହୀରା ରପ୍ତାନି କରୁଥିବା, ଛଅ ହଜାର କୋଟି ସମ୍ପତ୍ତିର ବ୍ୟବସାୟର ମାଲିକ ଶିବ୍‌ଜି ଭାଇ ଧୋଲାକିଆ ତାଙ୍କ ସହ କଥା ହେବେ ? ବିସ୍ମିତ ହେଲେ ଶ୍ରୀଜିତ୍ ।

ପରେ ପରେ ଧୋଲାକିଆ ଫୋନ୍‌ରେ ତାଙ୍କୁ କହିଲେ, ''ଆପଣ ମହତ୍ ଲୋକ । ଜଣକୁ ଚାକିରି ଦେବେ କହି ନଦେଇ ପାରିବାରୁ ତାକୁ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ଥିଲେ । ସେ ପାଇଁ ଧନ୍ୟବାଦ ।''

''କିନ୍ତୁ ଆପଣ କେମିତି ଜାଣିଲେ ?'' ପ୍ରଶ୍ନ କଲେ ଶ୍ରୀଜିତ୍ ।

''ସେ ପିଲାଟି ମୋ ପୁଅ !'' ଉତ୍ତର ଦେଲେ ଶିବ୍‌ଜି ଭାଇ ।

ରହସ୍ୟଟି ଏହିପରି । ଶିବ୍‌ଜିଙ୍କ ପୁଅ ଏକୋଇଶ ବର୍ଷ ବୟସ୍କ ଦ୍ରାବ୍ୟ କୁମାର ଆମେରିକାରେ ବ୍ୟବସାୟ ପରିଚାଳନା ବିଦ୍ୟାରେ ତାଲିମ ପାଉଛି । ସେ ଛୁଟିରେ ଘରକୁ ଆସିଥିଲା । ବାପା କହିଲେ, ''ଦେଖ, ପ୍ରକୃତ ଶିକ୍ଷା ମିଳେ ଜୀବନ ସଂଗ୍ରାମରୁ । ଏହି ବାସ୍ତବ ଦୁନିଆ ହେଲା ସଚ୍ଚା ବିଶ୍ୱବିଦ୍ୟାଳୟ । ଶିକ୍ଷାଲାଭ ଦିଗରେ ଯାହାର ଅଭୀପ୍ସା ଥିବ, ସେ ଏହି ଦୁନିଆ ଦାଣ୍ଡରେ ଜୀବନ ସଂଗ୍ରାମ କରି ତାହା ଅର୍ଜନ କରିବ । ତୋ ହାତରେ କେତେ ସମୟ ଅଛି ?''

''ପାଞ୍ଚ ସପ୍ତାହ ।'' ପୁଅ ଉତ୍ତର ଦେଲା ।

''ବେଶ୍ । ଏଠାରେ ବସି ବନ୍ଧୁମାନଙ୍କ ସହ ଆନନ୍ଦ ଉପଭୋଗ ନକରି ବାହାରିପଡ଼ ରାଜପଥକୁ । ଯା' ଗୋଟାଏ ଅଜଣା ସହରକୁ । ଯେଉଁଠି ତୋତେ କେହି ଚିହ୍ନିବାକୁ ନଥିବେ । ଚାକିରି ଖୋଜି ଯେତିକି ଆୟ କରିବୁ, ସେତିକିରେ ଚଳିବୁ । କିନ୍ତୁ ସର୍ତ୍ତ ହେଲା, ତୁ MBA ପଢୁଛୁ, ଏକଥା କହିପାରିବୁ ନାହିଁ । ଦ୍ୱାଦଶ ଶ୍ରେଣୀଯାଏଁ ପଢ଼ିଛୁ – ଏହି ହେବ ତୋର ଶିକ୍ଷାଗତ ଯୋଗ୍ୟତାର ପରିଚୟ । କାରଣ ଲକ୍ଷ ଲକ୍ଷ ତରୁଣ ତାହାଠୁଁ ଅଧିକ ପଢ଼ିବାର ସୁଯୋଗ ପାଆନ୍ତି ନାହିଁ । ସେମାନଙ୍କୁ କି ଧରଣର ଲାଞ୍ଛନା ସହିବାକୁ ପଡ଼େ, କେଡ଼େ ଅସହାୟ ବୋଧରେ ପୀଡ଼ିତ ହେବାକୁ ପଡ଼େ, ସେସବୁ ସମ୍ପର୍କରେ ତୋର ଅଭିଜ୍ଞତା ହେବ । ହଁ, ଅଭିଜ୍ଞତାରେ ବୈଚିତ୍ର୍ୟ ନିମନ୍ତେ କୌଣସିଠିଁ ସପ୍ତାହକରୁ ଅଧିକ ସମୟ ଚାକିରି କରିବୁ ନାହିଁ ।'' ବାପା ଦେଲେ ପ୍ରସ୍ତାବ । ପୁଅ ତାକୁ ମାନିନେଲା । ଶ୍ରୀଜିତ୍‌ଙ୍କ ସହ ସାକ୍ଷାତ୍‌ର ପର ସପ୍ତାହ ବେଳକୁ ତା'ର ମାସକର ପ୍ରତ୍ୟକ୍ଷ ଶିକ୍ଷା ସମାପ୍ତ ହେବାରୁ ସେ ଫେରି ଆସିଲା ।

'ଟାଇମସ୍ ଅଫ୍ ଇଣ୍ଡିଆ'ର ୨୩ ଜୁଲାଇ (୨୦୧୬) ସଂଖ୍ୟାରେ ଏହାର ସଂକ୍ଷିପ୍ତ ବିବରଣୀ ପ୍ରକାଶ ପାଇଛି । ବିସ୍ତୃତ ଆଲେଖ୍ୟ ଗୁଜୁରାଟୀ ପତ୍ରପତ୍ରିକାରେ ପ୍ରକାଶିତ ।

ଆଜି ଧନିକ-ସନ୍ତାନମାନଙ୍କ ବ୍ୟଭିଚାର ଓ ଅତ୍ୟାଚାରର ବିବରଣୀ ପ୍ରାୟଶଃ ପଢ଼ିବାକୁ ମିଳେ । ଜଣେ ଯୁବକ ଓ ତାଙ୍କ ମିତ୍ରମାନେ ଦୁର୍ମୂଲ୍ୟ ବିଦେଶୀ କାର୍ ଚଳାଇ ଫୂର୍ତ୍ତିକରି ଯାଉଥିବା ବେଳେ ଦେଶୀ କାରଟିଏ ସେମାନଙ୍କୁ ଅତିକ୍ରମ କରିଚାଲିଗଲା ବୋଲି କ୍ରୋଧରେ ପ୍ରଥମ କାର୍‌ଟି ଆଗକୁ ନେଇ ଦେଶୀ କାର୍‌କୁ ଅଟକାଇ ଧନିକ ପୁତ୍ରମାନେ ସିଧାସଳଖ ତା' ଆରୋହୀମାନଙ୍କ ଉପରକୁ ଗୁଳି ଚଳାଇ ଜଣେ ଯୁବକକୁ ମାରିଦେଲେ ତତ୍‌କ୍ଷଣାତ୍ । ଏହା ବିହାରର ଘଟଣା । ଭାରତର ମୁଖ୍ୟ ମହାନଗରୀମାନଙ୍କରେ ତଥା ଅନ୍ୟାନ୍ୟ ସହରରେ ଜୀବନ ସଂଗ୍ରାମ ସମ୍ପର୍କରେ ଅଜ୍ଞ ଧନିକ-ସନ୍ତାନ ତଥା ଏପରିକି ସ୍ୱଚ୍ଛଳ ମଧ୍ୟବିତ୍ତମାନଙ୍କ ସନ୍ତାନମାନେ ମଧ୍ୟ ଜଣେ ଜଣେ କୁନି ରାକ୍ଷସ ଭଳି ଆଚରଣ କରୁଛନ୍ତି । ସେହି ପଟଭୂମିରେ ଶିବ୍‌ଜି ଭାଇ ଓ ତାଙ୍କ ପୁତ୍ରଙ୍କ ଦୃଷ୍ଟାନ୍ତ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିବ୍‌ଜି ଭାଇ ନିଜେ ଏକ ବଳିଷ୍ଠ ଚରିତ୍ର । ସେ ତାଙ୍କ ଉପାର୍ଜନର ବହୁଳାଂଶ ତାଙ୍କ କର୍ମଚାରୀମାନଙ୍କ ସକାଶେ ବ୍ୟୟ କରନ୍ତି । ସେମାନଙ୍କୁ ଅଧିକ ଅର୍ଥ ନଦେଇ ଯାହାର ଯାହା ବାସ୍ତବ ପ୍ରୟୋଜନ ତାହା ମେଣ୍ଟାଇ ଦିଅନ୍ତି । କାହାର ଦରକାର ଗୋଟାଏ ବାସଗୃହ, କାହାର ଆବଶ୍ୟକ ଗୋଟାଏ ଗାଡ଼ି ଇତ୍ୟାଦି । ତେବେ ତାହା ଏକ ଭିନ୍ନ ପ୍ରସଙ୍ଗ । ସେ ଏବଂ ତାଙ୍କ ସୁପୁତ୍ର ଯେଭଳି ପଦକ୍ଷେପ ନେଲେ, ତାହା ସମସ୍ତେ ନେବେ ନାହିଁ । କିନ୍ତୁ ସେଭଳି ପଦକ୍ଷେପ ପଶ୍ଚାତରେ ଯେଉଁ ଜୀବନ-ଦର୍ଶନ ରହିଛି, ସେଥିରୁ ସମସ୍ତେ ଶିକ୍ଷାଲାଭ କରି ପାରିବେ ।

– ମନୋଜ ଦାସ

❑❑❑

tarika

AYURVEDIC HERBAL REMEDIES

Pimple / Acne Remover
Now, get rid of your stubborn pimples
and acne completely.
Results visible in 8 days. *(clinically proven)*

Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
See a distinct improvement in skin tone and texture within 3 to 4 weeks.

Hair Vitaliser oil
Controls hair loss and improves hair growth
Regular use prevents hair thinning and receding hair line

Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
Sure relief from multiple oral problems.

agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
Gives long term relief

100% Natural - Chemical free


Exported to over 16 countries including USA, Germany, Italy, Australia etc.

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
Ayurlabs India
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Vol. LVII, No. 10 **R.N.I. No. 18163/70.**
Navaprakash (Monthly), October, 2026 Registration No. PY/51/2024-26
Date of Posting : 7th, 8th of every month **Licenced to Post without prepayment**
TN/PMG(CCR)/WPP-63/2024-26

ବିଶେଷ ସୂଚନା :



''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''
— ଶ୍ରୀମା।

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।

ସାବିତ୍ରୀ

ଏକ କିଂବଦନ୍ତି ଏବଂ ଏକ ପ୍ରତୀକ

(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

ପ୍ରାପ୍ତିସ୍ଥାନ :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨

ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00